R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୮୮
ତିଥି : ଏକାଦଶୀ
୧୩ ଏପ୍ରିଲ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 188
13 April 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆମେରିକା-ଇରାନ ଶାନ୍ତି କଥାବାର୍ତ୍ତା ବିଫଳ



ଇସଲାମାବାଦ,୧୨।୪: ପାକିସ୍ତାନରେ ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ଆଲୋଚନା କୌଣସି ଚୁକ୍ତି ବିନା ଶେଷ ହୋଇଛି। ଶନିବାର ପାକିସ୍ତାନ ରାଜଧାନୀ ଇସଲାମାବାଦରେ ୨୧ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଦୁଇପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲା। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପାକିସ୍ତାନ ଆସିଥିବା ଆମେରିକା ପ୍ରତିନିଧି ଦଳ ଆଲୋଚନା ବିଫଳ ହେବା ପରେ ଆମେରିକା ଫେରିଯାଇଛନ୍ତି। ରିପୋର୍ଟ ଅନୁଯାୟୀ, ଉଭୟଙ୍କ ମଧ୍ୟରେ ହର୍ମୁଜ ପ୍ରଣାଳୀ ଖୋଲିବା ଓ ପରମାଣୁ କାର୍ଯ୍ୟକ୍ରମକୁ ନେଇ ବିବାଦ ଲାଗି ରହିଛି।

ଆମେରିକା ଫେରିବା ପୂର୍ବରୁ ଭାନ୍ସ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ଆମେରିକା ବିନା ଚୁକ୍ତି କରି ଫେରୁଛି। ଏହା ଆମେରିକାଠାରୁ ଇରାନ ପାଇଁ ଅଧିକ ଖରାପ ଖବର। ସେ ଏହା ମଧ୍ୟ କହିଛନ୍ତି ଯେ, ଯେକୌଣସି ଚୁକ୍ତି ପାଇଁ ଇରାନକୁ ପରମାଣୁ ଅସ୍ତ୍ର ବିକଶିତ ନକରିବା ପାଇଁ ପ୍ରତିଶ୍ରୁତି ଦେବାକୁ ପଡିବ। ଆମେରିକାର ସର୍ତ୍ତଗୁଡ଼ିକ ସ୍ପଷ୍ଟ ଥିଲା, କିନ୍ତୁ ଇରାନ ଏହାକୁ ଗ୍ରହଣ କରିନଥିଲା। ଭାନ୍ସ ଆହୁରି ମଧ କହିଛନ୍ତି, ଆଗକୁ ବୁଝାମଣାର ସମ୍ଭାବନା ସମ୍ପୂର୍ଣ୍ଣ ଶେଷ ହୋଇନାହିଁ। ଭାନ୍ସ ଆହୁରି କହିଛନ୍ତି, ଆମେ ସେମାନଙ୍କୁ ଚୂଡ଼ାନ୍ତ ପ୍ରସ୍ତାବ ଦେଇ ଯାଇଛୁ। ଏହାକୁ ଇରାନ ମାନୁଛି କି ନାହିଁ ତାହା ଦେଖିବାର ଅଛନ୍ତି।

ଭାନ୍ସ କହିଛନ୍ତି, ଆମେରିକା ନିଜର ଶେଷ ତଥା ସବୁଠୁ ଭଲ ପ୍ରସ୍ତାବ ଇରାନକୁ ଦେଇଛି। ଆଲୋଚନାରେ ( ୯ ପୃଷ୍ଠାରେ)

- ପାକ୍ ମଧ୍ୟସ୍ଥତାରେ ଆଲୋଚନା ଫସର ଫାଟିଲା
- ଉଭୟ ପକ୍ଷ ପରସ୍ପର ଜିଦରେ ଅଟଳ
- ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଇରାନର ନାପସନ୍ଦ

# ଆଶା ଭୋସଲେଙ୍କ ପରଲୋକ

## ଆଜି ଶିବାଜୀ ପାର୍କରେ ଶେଷକୃତ୍ୟ



ମୁମ୍ବାଇ,୧୨।୪: କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କର ରବିବାର ପରଲୋକ ହୋଇଯାଇଛି। ମୁମ୍ବାଇର ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ଆସନ୍ତାକାଲି ଅପରାହ୍ନ ୪ଟା ବେଳେ ମୁମ୍ବାଇର ଶିବାଜୀ ପାର୍କରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯିବ। ଆଶାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି। ଗତକାଲି ରାତିରେ ଆଶା ଭୋସଲେଙ୍କୁ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହୃଦଘାତ ଯୋଗୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବୋଲି ପ୍ରଥମେ ଖବର ଆସିଥିଲା। ହେଲେ ତାଙ୍କ ନାତୁଣୀ ଜନାଇ ଭୋସଲେ ଏହାକୁ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ ଛାତିରେ ସଂକ୍ରମଣ ଯୋଗୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଆଶା ଭୋସଲେ ବେଶ୍ କିଛି ମାସ ହେଲାଣି ଅସୁସ୍ଥ ଥିଲେ। ତେବେ ଗତକାଲି ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା।

୧୯୩୩ରେ ମହାରାଷ୍ଟ୍ରର ସାଙ୍ଗଲିରେ ଜନ୍ମ ହୋଇଥିଲେ ଆଶା ଭୋସଲେ। ଚଳିତ ବର୍ଷ ସେପ୍ଟେମ୍ବର ମାସ ୮ ତାରିଖରେ ସେ ୯୩ ବର୍ଷରେ ପାଦ ଦେଇଥା'ନ୍ତେ। ତାଙ୍କ ବାପାଙ୍କ ନାଁ ପଣ୍ଡିତ ଦୀନାନାଥ ମଙ୍ଗେଶକର। ସେ ଥିଲେ ତାଙ୍କ ବାପାଙ୍କର ତୃତୀୟ କନ୍ୟା। ୧୦ ବର୍ଷ ବୟସରେ ସେ ତାଙ୍କର ପ୍ରଥମ ଗୀତ ଗାଇଥିଲେ। ୧୯୪୩ ମସିହାରେ ରିଲିଜ୍ ହୋଇଥିବା ମରାଠି ଫିଲ୍ମ 'ମାଝା ବାଲା'ରେ 'ଚଲା ଚଲା ନବବାଲା' ଗୀତ ଗାଇଥିଲେ। ୧୯୪୯ ମସିହାରେ ସେ ତାଙ୍କ କ୍ୟାରିୟରର ପ୍ରଥମ ହିନ୍ଦୀ ଫିଲ୍ମ ଗୀତ ଗାଇଥିଲେ। ଫିଲ୍ମର ନାଁ ଥିଲା 'ରାତ୍ କୀ ରାନୀ'। ସେ ତାଙ୍କର ୭୦ ବର୍ଷର କ୍ୟାରିୟରରେ ୧୨ ହଜାରରୁ ଅଧିକ ଗୀତ ଗାଇଥିଲେ। ସେ ୧୫ରୁ ଅଧିକ ଭାଷାରେ ଗୀତ ଗାଇଥିଲେ।

ଆଶା ଭୋସଲେ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ୭ ଥର ଫିଲ୍ମ ଫେୟାର ପୁରସ୍କାର ଜିତିଥିଲେ। ୧୯୬୭ରେ '( ୯ ପୃଷ୍ଠାରେ)

### ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

# ରାଜ୍ୟରେ ବଢ଼ିଲା ତାତି

ଭୁବନେଶ୍ୱର, ୧୨।୪(ସବ୍ୟୁ) : କାଳବୈଶାଖୀ ଯିବା ପରେ ଏବେ ତାତି ବୃଦ୍ଧି ପାଇଛି । ଆଭ୍ୟନ୍ତରୀଣରେ ପାରଦ ୪୦° ପାର କରିଛି । ତେବେ ଉପକୂଳରେ ମଧ ଆର୍ଦ୍ରତା ଅଧିକ ଯୋଗୁ ତାପମାତ୍ରା ବଢ଼ି ନଥିଲେ ମଧ ୪୬°ର ଅନୁଭୂତ ହେଉଛି । ଆସନ୍ତା ୧୪ ତାରିଖରୁ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବାର ସମ୍ଭାବନା ରହିଛି । ଏଭଳି ଆକଳନ କରିଛି ପାଣିପାଗ ବିଭାଗ । ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବା ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍ସି) ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍‌ରେ କୁହାଯାଇଛି ଯେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଦିନର ତାପମାତ୍ରା ୪ରୁ ୫° ଯାଏଁ ବୃଦ୍ଧି ପାଇବ । ଆଜି (ରବିବାର) ୫ ସହରରେ ୪୦° ଉପରେ ରହିଛି ତାପମାତ୍ରା । ଟିଟିଲାଗଡ଼ରେ ସର୍ବାଧିକ ୪୧.୫° ତାପମାତ୍ରା ରେକର୍ଡ଼ ହୋଇଥିଲାବେଳେ ବଲାଙ୍ଗୀର ଓ ଭବାନୀପାଟଣାରେ ୪୧°, ଝାରସୁଗୁଡ଼ାରେ ( ୯ପୃଷ୍ଠାରେ)

- ୫ ସହରରେ ୪୦° ଡେଇଁଲା ପାରଦ
- ୧୪ରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ଲହରୀ
- ଉପକୂଳରେ ଆର୍ଦ୍ରତା ଯୋଗୁଁ ୧୦° ଅଧିକ ଅନୁଭୂତ

# ଆଜି ନାରୀ ଶକ୍ତି ବନ୍ଦନ ସମ୍ମେଳନ'

## ଉଦବୋଧନ ଦେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୨।୪:ଆସନ୍ତାକାଲି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଜାତୀୟ ସ୍ତରର "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ଆୟୋଜନ କରାଯିବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ। ସେ ମଧ୍ୟ ଏକ ଜନସଭାକୁ ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସଫଳ ମହିଳାମାନେ ଅଂଶଗ୍ରହଣ କରିବେ। ସରକାରୀ, ଶିକ୍ଷା, ବିଜ୍ଞାନ, କ୍ରୀଡା, ଉଦ୍ୟୋଗୀତା, ଗଣମାଧ୍ୟମ, ସାମାଜିକ କାର୍ଯ୍ୟ ଏବଂ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନେ ସମ୍ମେଳନରେ ଏକତ୍ରିତ ହେବେ। ସେପ୍ଟେମ୍ବର ୨୦୨୩ରେ, ( ୯ ପୃଷ୍ଠାରେ)

# ଆତଙ୍କୀ ଲିଙ୍କ୍: ହନିଟ୍ରାପରେ ଇମ୍ରାନ



ଭୁବନେଶ୍ୱର,୧୨।୪,(ସବ୍ୟୁ) : ଆତଙ୍କୀ ଲିଙ୍କରେ ଥିବା ସେଖ୍ ଇମ୍ରାନଙ୍କୁ ଦିଲ୍ଲୀ ପୋଲିସ୍ ଭୁବନେଶ୍ୱରରୁ ଗିରଫ କରିନେଇଛି। ଦିଲ୍ଲୀ ପୋଲିସ୍ ଇମ୍ରାନଙ୍କୁ ଗିରଫ କରିଥିଲେ ମଧ ଓଡ଼ିଶା କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ମାମଲାର ତଦନ୍ତ କରୁଛି। ସେଖ୍ ଇମ୍ରାନ ହନିଟ୍ରାପରେ ଫଶି ଆତଙ୍କୀ ଲିଙ୍କ୍‌କୁ ଆସିଥିବା ଏସଟିଏଫ ଏସ୍‌ପି ରବି ନାରାୟଣ ଶତପଥୀ କହିଛନ୍ତି।

ସେଖ୍‌ଇମ୍ରାନ ଆତଙ୍କବାଦୀଙ୍କ ପାଇଁ ଡିଜିଟାଲ ସୈନିକ ସାଜି ସେମାନଙ୍କୁ ସୋସିଆଲ ମିଡ଼ିଆରେ କିଛି ତଥ୍ୟ ଯୋଗାଇଥିବା ସନ୍ଦେହ କରାଯାଉଛି। ସେ ହନିଟ୍ରାପରୁ ଫସିବା ପରେ ଦିଲ୍ଲୀ ଯାଇଥିଲେ। ଦିଲ୍ଲୀ ଯିବାର କାରଣ ଗୁପ୍ତଭାବେ ଚାଲୁଥିବା ଆତଙ୍କୀ କ୍ୟାମ୍ପରୁ କିଛି ତାଲିମ ନେଇଥିବା ସନ୍ଦେହ କରାଯାଉଛି। ଇମ୍ରାନ ମୋବାଇଲର ସିନିୟର ଯାଞ୍ଚ ହେବ ବୋଲି ଏସଟିଏଫ କହୁଛି। ଇମ୍ରାନ ସହ ଓଡ଼ିଶାରୁ ଆଉ କିଏ ଅଛନ୍ତି ସେଥି ନେଇ ମଧ ତଦନ୍ତ କରାଯାଇଥିବା ଶ୍ରୀ ଶତପଥୀ କହିଛନ୍ତି। ସେଖ୍ ଇମ୍ରାନ ସୋସିଆଲ ମିଡ଼ିଆରେ ଜାତିଆଣ ମନ୍ତବ୍ୟ ଦେବା ସହ ଦେଶ ବିରୋଧୀ ମନ୍ତବ୍ୟ ଉପସ୍ଥାପନ କରୁଥିବାରୁ ତାଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଇଛି। ସେ ଆତଙ୍କୀ ଲିଙ୍କ୍‌ରେ ଥାଇ କିଛି ଟଙ୍କା ପାଇଥିବା କୁହାଯାଉଥିବାରୁ ତଦନ୍ତ ଆଗକୁ ବଢ଼ାଉଛି ଏସ୍‌ଟିଏଫ୍। ସେକ୍ ଇମ୍ରାନ ଡେଲିଭରି ବଏ ଭାବେ କାମ କରୁଥିଲେ। ଜଣେ ଡେଲିଭରି ବଏ ( ୯ ପୃଷ୍ଠାରେ)

15001/14/2627



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR: 15001/15001/2/26-27/0014

## ସ୍ୱାସ୍ଥ୍ୟକର ଅଲିଭ୍

**ଅଲିଭ୍ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ଫଳ । ଏହାର ବ୍ୟବହାର କେବଳ ରୋଷେଇରେ ନୁହେଁ, ବରଂ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅଲିଭ୍ ଏବଂ ଏହାର ତେଲରୁ ଅନେକ ପ୍ରକାରର ସ୍ୱାସ୍ଥ୍ୟଗତ ଉପକାର ଆମକୁ ମିଳିଥାଏ ।**

**ହୃଦୟକୁ ସୁସ୍ଥ ରଖେ -** ଓଲିଭ୍‌ରେ ପ୍ରଚୁର ପରିମାଣରେ 'ମୋନୋଅନସାଚୁରେଟେଡ୍ ଫ୍ୟାଟି ଏସିଡ୍' ଥାଏ, ଯାହା ଶରୀରରେ ଖରାପ କୋଲେଷ୍ଟ୍ରଲ କମାଇବା ସହ ହୃଦଘାତର ଆଶଙ୍କାକୁ ହ୍ରାସ କରିଥାଏ ।

**ଆଣ୍ଟି-ଅକ୍ସିଡାଣ୍ଟ -** ଏଥିରେ ଥିବା ଭିଟାମିନ୍ ଇ ଏବଂ ପଲିଫେନଲ୍ସ ଶରୀରର କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।

**କର୍କଟ ରୋଗ ପ୍ରତିରୋଧକ -** ଅଲିଭ୍‌ରେ ଥିବା ଓଲିଓକାଥାନଲ ଏବଂ ଅନ୍ୟାନ୍ୟ ତତ୍ତ୍ୱ କର୍କଟ କୋଷଗୁଡ଼ିକୁ ନଷ୍ଟ କରିବାରେ ସାହାଯ୍ୟ କରିଥାଏ, ବିଶେଷ କରି ସ୍ତନ ଓ ପାକସ୍ଥଳୀ କର୍କଟ ରୋଗରୁ ରକ୍ଷା କରିବାରେ ଏହା ସହାୟକ ହୁଏ ।

**ହଜମ ପ୍ରକ୍ରିୟାରେ ସହାୟକ -** ଅଲିଭ୍ ଖାଇବା ଦ୍ୱାରା ପାକସ୍ଥଳୀର କାର୍ଯ୍ୟଦକ୍ଷତା ବଢ଼ିଥାଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ।

**ହାଡ଼ ଶକ୍ତ କରେ -** ନିୟମିତ ଅଲିଭ୍ ସେବନ କଲେ ହାଡ଼ର ଘନତ୍ୱ ବୃଦ୍ଧି ପାଏ, ଯାହାଦ୍ୱାରା ଅଷ୍ଟିଓପୋରୋସିସ୍ ଭଳି ହାଡ଼ ଜନିତ ରୋଗର ଭୟ କମିଯାଏ ।

**ତ୍ୱଚା ଓ କେଶ ପାଇଁ ଲାଭଦାୟକ -** ଅଲିଭ୍ ତେଲରେ ଥିବା ଭିଟାମିନ୍ ଇ ତ୍ୱଚାକୁ ଉଜ୍ଜ୍ୱଳ କରିବା ସହ ବାର୍ଦ୍ଧକ୍ୟର ଚିହ୍ନକୁ ଦୂର କରେ । ଏହା କେଶକୁ ମଜବୁତ୍ ଏବଂ ଚମକଦାର କରିବା ପାଇଁ ଏକ ପ୍ରାକୃତିକ କଣ୍ଡିସନର ଭାବେ କାର୍ଯ୍ୟ କରେ ।



## ସୋସିଆଲ କୋଟ୍ସ



ପୂଜାର ଜନ୍ମ ସମୟରେ ମୁଁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲି । ବହୁତ କଷ୍ଟରେ ୧୫୦୦ ଟଙ୍କା ଯୋଗାଡ କରିଥିଲି । ପୂଜା ମୋ ପାଇଁ ବହୁତ ଲକି । ସେ ଆମ ଭାଗ୍ୟ ବଦଳାଇବାକୁ ଜନ୍ମ ହୋଇଥିଲା ।

**ମହେଶ ଭଟ୍ଟ, ଫିଲ୍ମ ମେକର**



ଆମ ବିବାହ ବିଚ୍ଛେଦ ସମ୍ପୂର୍ଣ୍ଣଭାବେ ମୋ ସ୍ୱାମୀଙ୍କର ନିଷ୍ପତ୍ତି ଥିଲା । ସେ ଏହି ବିବାହକୁ ଆଗକୁ ନେବାକୁ ଚାହୁଁ ନଥିଲେ, ତେଣୁ ଡିଭର୍ସ ଫାଇଲ କରିଥିଲେ । ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଥିଲା ।

**ପୂଜା ଭଟ୍ଟ, ଅଭିନେତ୍ରୀ**



ଡ୍ରିମ ଗର୍ଲ -୨ ପାଇଁ ଗୋବିନ୍ଦା ଓ କମଲ ହସନଙ୍କ ଠାରୁ ପ୍ରେରଣା ନେଇଥିଲି । ଏହି ଫିଲ୍ମ ପାଇଁ ମୁଁ ବହୁତ ପରିଶ୍ରମ କରିଥିଲି । ଏହି ଫିଲ୍ମରେ କରିଥିବା ଚରିତ୍ର ସବୁବେଳେ ମୋ ପାଇଁ ଖାସ ରହିବ ।

**ଆୟୁଷ୍ମାନ ଖୁରାନା, ଅଭିନେତା**

## ଓଡ଼ିଆ ରୁଚି

## ମାଛ ନଡ଼ିଆ

**ସାମଗ୍ରୀ-** ପେଟି ମାଛ, ନଡିଆ ରସ, ଭୁସଙ୍ଗ ପତ୍ର, କଟା ପିଆଜ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ ।

**ପ୍ରଣାଳୀ-** ପ୍ରଥମେ ମାଛକୁ ଭଲକରି ଧୋଇ ନିଅନ୍ତୁ ଏବଂ ଲୁଣ ହଳଦୀ ଗୋଳାଇ ନିଅନ୍ତୁ । କରେଇରେ ତେଲ ଗରମ କରି ମାଛକୁ ପକାନ୍ତୁ । ମାଛ ଅଳ୍ପ ହାଲୁକା ଭାଜି ହେବାପରେ ଏହାକୁ ଓଲଟାଇ ନିଅନ୍ତୁ । ବର୍ତ୍ତମାନ ଏଥିରେ ଅଧିକ ମାତ୍ରାରେ କଟା ପିଆଜ ଓ ଭୁସଙ୍ଗ ପତ୍ର କଟା ପକାନ୍ତୁ । ହାଲୁକା ଲୁଣ ମଧ୍ୟ ପକାନ୍ତୁ, କିନ୍ତୁ ଏହାକୁ ଗୋଳାନ୍ତୁ ନାହିଁ । ସେହିଭଳି ମାଛ ଉପରେ ପଡିବାକୁ ଦିଅନ୍ତୁ । ଏହାପରେ ନଡିଆ ରସରେ ସମସ୍ତ ଗୁଣ୍ଡ ମସଲା ଗୋଳାଇ ଏହି ନଡିଆ ରସକୁ ମାଛରେ ଦିଅନ୍ତୁ । ଏହାପରେ ଘୋଡାଇ ନେଇ ଅଳ୍ପ ଆଞ୍ଚରେ ମାଛ ସିଝିବା ପର୍ଯ୍ୟନ୍ତ ଛାଡି ଦିଅନ୍ତୁ । କିଛି ସମୟ ପରେ ହାଲୁକା ଗୋଳାଇ ନିଅନ୍ତୁ ପ୍ରସ୍ତୁତ ହୋଇଯିବ ମାଛ ନଡିଆ । ଏହା ଖୁବ ସ୍ୱାଦିଷ୍ଟ ହୋଇଥାଏ ।



## ଇତିହାସ

୧୬୯୯-ଶିଖ୍‌ମାନଙ୍କର ଦଶମ ଗୁରୁ ଗୋବିନ୍ଦ ସିଂଙ୍କ ଦ୍ୱାରା ଖାଲସା ମଣ୍ଡର ସ୍ଥାପନା ।

୧୯୧୯- ଇଂରେଜଙ୍କ ଦ୍ୱାରା ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ।

୧୯୪୭- ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ସମ୍ବନ୍ଧ ସ୍ଥାପିତ ।

୧୯୬୦- ସାହାରା ମରୁଭୂମିରେ ଫ୍ରାନ୍ସର ପରମାଣୁ ବୋମାର ପରୀକ୍ଷଣ ।

୧୯୮୪- ଭାରତୀୟ କ୍ରିକେଟ ଦଳ ପ୍ରଥମଥର ପାଇଁ ଏସିଆ କପ୍ ଜିତିଥିଲେ ।

୨୦୦୪- ଟେଷ୍ଟ କ୍ରିକେଟରେ ବ୍ରାଏନ ଲାରାଙ୍କର ରେକର୍ଡ଼ ସ୍କୋର (୪୦୦ ରନ୍)

୨୦୧୧- ତୋହାକୁରେ ଭୂକମ୍ପ ଓ ସୁନାମି ପ୍ରକୋପରେ ଅନେକଙ୍କର ମୃତ୍ୟୁ ।

୨୦୧୩- ପାକିସ୍ତାନର ପେଶାବରରେ ଗୋଟିଏ ବସ୍‌ରେ ବିସ୍ଫୋରଣ କାରଣରୁ ୮ ଜଣଙ୍କର ମୃତ୍ୟୁ ।

କାମର ବ୍ୟସ୍ତତା, ଟ୍ରାଫିକ୍ କିମ୍ବା ଅସ୍ୱାସ୍ଥ୍ୟକର ଶୌଚାଳୟ ଭୟରେ ଅନେକ ସମୟରେ ମହିଳାମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ପରିସ୍ରା ଅଟକାଇ ରଖିଥାନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ଅନୁଯାୟୀ, ଦୀର୍ଘ ସମୟ ପର୍ଯ୍ୟନ୍ତ ପରିସ୍ରା ରୋକିବା ଦ୍ୱାରା ମୂତ୍ରାଶୟର ମାଂସପେଶୀ ଦୁର୍ବଳ ହେବା ସହ ଏହା ଉପରେ ଅତିରିକ୍ତ ଚାପ ପଡ଼ିଥାଏ । ଯାହାଫଳରେ ୟୁରିନାରୀ ଟ୍ରାକ୍ଟ ଇନଫେକସନ ଏବଂ କିଡନୀରେ ଷ୍ଟୋନ୍ ହେବାର ଆଶଙ୍କା ବୃଦ୍ଧି ପାଇଥାଏ । ଏହା କେବଳ ପେଟର ନିମ୍ନ ଭାଗରେ ଯନ୍ତ୍ରଣା ସୃଷ୍ଟି କରେ ନାହିଁ, ବରଂ କିଡନୀ ସଂକ୍ରମଣ ଓ ହାଇଡ୍ରୋନେଫ୍ରୋସିସ୍ ଭଳି ମାରାତ୍ମକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ବିଶେଷ କରି ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ପରିସ୍ରା ଅଟକାଇବା ଅଧିକ ବିପଜ୍ଜନକ ହୋଇଥାଏ, କାରଣ ଏହା ଦ୍ୱାରା ହେଉଥିବା ସଂକ୍ରମଣ ପ୍ରି-ମ୍ୟାଚୁଅର ଡେଲିଭରି ବା ସମୟ ପୂର୍ବରୁ ଶିଶୁ ଜନ୍ମ ହେବାର କାରଣ ମଧ୍ୟ ସାଜିପାରେ । ତେଣୁ ସୁସ୍ଥ ରହିବା ପାଇଁ ଉଚିତ୍ ଟୟଲେଟ୍ ହାଇଜିନ୍ ଅବଲମ୍ବନ କରିବା ସହ ପରିସ୍ରା ନ ଅଟକାଇବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି ।



## ରୋମାନ୍ସ କରିବେ ଧନୁଷ



'ତେରେ ଇସ୍କ ମେଁ'ର ସଫଳତା ପରେ ନିର୍ଦ୍ଦେଶକ ଆନନ୍ଦ ଏଲ୍. ରାୟ ପୁଣି ଏକ ବଡ଼ ଧରଣର ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି, ଯେଉଁଥିରେ ସେ କ୍ରିତି ସାନନ ଏବଂ ଧନୁଷଙ୍କୁ ଏକାଠି ଦେଖିବାକୁ ଚାହୁଁଛନ୍ତି । ରିପୋର୍ଟ ଅନୁଯାୟୀ, ଧନୁଷ ଓ କ୍ରିତିଙ୍କୁ ଏହି ଫିଲ୍ମରେ ରୋମାନ୍ସ କରୁଥିବାର ଦର୍ଶକ ଦେଖିବେ । ଏହି ଫିଲ୍ମର ସ୍କ୍ରିପ୍ଟ ପଢିବା ପରେ ଉଭୟ କ୍ରିତି ଓ ଧନୁଷ ରାଜି ହୋଇଛନ୍ତି । ତେବେ ଖୁବଶୀଘ୍ର ଫିଲ୍ମର ସୁଟିଂ ଆରମ୍ଭ କରାଯିବ ବୋଲି ଜଣାପଡିଛି । ସେହିଭଳି ପୁରା ଟିମ ଏହି ଫିଲ୍ମକୁ ନେଇ ଖୁବ ଆଶାବାଦୀ ଅଛନ୍ତି । ଫିଲ୍ମଟି ଦର୍ଶକଙ୍କର ଚାହିଦାକୁ ଦେଖି ନିର୍ମାଣ କରାଯାଇଛି । ସେହିଭଳି କ୍ରିତି ଓ ଧୁନୁଷ ଏକାଠି ଆସୁଥିବାରୁ ଫିଲ୍ମଟି ଉଭୟ ସାଉଥ ଓ ବଲିଉଡ ଇଣ୍ଡଷ୍ଟ୍ରୀର ଦର୍ଶକଙ୍କ ମନକୁ ଛୁଇଁବ, ଯାହା ଏହାକୁ ବ୍ଲକବଷ୍ଟର କରିବାରେ ସହାୟକ ହେବ ବୋଲି ନିର୍ଦ୍ଦେଶକ ଆଶା ରଖିଛନ୍ତି ।

## ହାଃ ହାଃ



ରୋଗୀ: ଡାକ୍ତରବାବୁ, ମୋର ଗୋଟେ ଅଜବ ରୋଗ ହୋଇଛି । ମୁଁ ନିଜ ସହିତ ନିଜେ କଥା ହେଉଛି ।

ଡାକ୍ତର: ଏଥିରେ ବ୍ୟସ୍ତ ହେବାର କ'ଣ ଅଛି? ଅନେକ ଲୋକ ଏମିତି କରନ୍ତି ।

ରୋଗୀ: ନା ସାର୍, ଆପଣ ବୁଝିପାରୁ ନାହାନ୍ତି । ମୁଁ ଏତେ ବାଜେ କଥା କହୁଛି ଯେ ମୋତେ ନିଜେ ଶୁଣିବାକୁ ବିରକ୍ତ ଲାଗୁଛି!

## 'ପ୍ଲୁଟୋ' ପାଇଁ ଚିଠି

ପ୍ଲୁଟୋକୁ ପୁଣି ଥରେ ଗ୍ରହର ମାନ୍ୟତା ଦେବା ପାଇଁ ଜଣେ ୧୦ ବର୍ଷର ବାଳିକାର ଭାବପ୍ରବଣ ଚିଠି ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । କାଏଲା ନାମକ ଛୋଟ ଝିଅଟିଏ ନାସାକୁ ଚିଠି ଲେଖି ଅନୁରୋଧ କରିଛି ଯେ, ପ୍ଲୁଟୋ ସୌରମଣ୍ଡଳର ଏକ ଅଂଶ ଏବଂ ପୂର୍ବରୁ ଏହାକୁ ଏକ ଗ୍ରହ ଭାବେ ଗଣନା କରାଯାଉଥିଲା । ତେଣୁ ଏବେ ଏହାକୁ କେବଳ 'ବାମନ ଗ୍ରହ' ନକହି ପ୍ରକୃତ ଗ୍ରହର ମାନ୍ୟତା ଦିଆଯାଉ । କାଏଲା ନିଜ ଚିଠିରେ ଏ ସମ୍ପର୍କିତ ଅନେକ ତଥ୍ୟ ମଧ୍ୟ ଉପସ୍ଥାପନ କରିଛି । ପ୍ଲୁଟୋ କୁଇପର ବେଲ୍ଟରେ ଅବସ୍ଥିତଥିବାବେଳେ ଏହାକୁ ୧୯୩୦ରେ କ୍ଲାଇଡ୍ ଟୋମବାଗ୍ ଆବିଷ୍କାର କରିଥିଲେ ଏବଂ ଏହାର ୫ଟି ଉପଗ୍ରହ ଅଛି । ଚିଠିରେ ନିଜର ହାତଲେଖା କିମ୍ବା ବନାନ ଭୁଲ ପାଇଁ ସେ କ୍ଷମା ମଧ୍ୟ ମାଗିଛି, ଯାହା ସମସ୍ତଙ୍କର ହୃଦୟ ଜିତିଛି । ନାସା ମଧ୍ୟ ଏହି ଚିଠିର ଉତ୍ତର ଦେଇଥିବା ଦେଖିବାକୁ ମିଳିଛି । ନାସା ଏ ସମ୍ପର୍କରେ ଅନୁଧ୍ୟାନ କରୁଥିବାନେଇ କାଏଲାର ଚିଠିର ଉତ୍ତର ମଧ୍ୟ ଦେଇଛି । ସୋସିଆଲ ମିଡିଆରେ ଚିଠି ଠି ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି ।



## ପୁରୁଷମନା ଦୁର୍ଗ



ଫ୍ରାନ୍ସର ଏକ ମଧ୍ୟଯୁଗୀୟ ଦୁର୍ଗକୁ ପ୍ରାୟ ୩୦୦ ଜଣ ମହିଳା ମିଳିତ ଭାବେ କିଣି ଏହାକୁ ଏକ ସ୍ୱତନ୍ତ୍ର ମହିଳା ରିଟ୍ରିଟ୍‌ରେ ପରିଣତ କରିଛନ୍ତି । ଘଟଣାଟି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । 'କ୍ୟାମ୍ପ ସାତୋ' ନାମକ ଏହି ପ୍ରୋଜେକ୍ଟ ମାଧ୍ୟମରେ ମହିଳାମାନେ ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରୁ ବିରତି ନେଇ ଏକ ଐତିହାସିକ ପରିବେଶରେ ପରସ୍ପର ସହ ସମୟ ଅତିବାହିତ କରିବା ଲକ୍ଷ । ଏହାସହ ସମ୍ପର୍କ ବଢ଼ାଇବା ପାଇଁ ଏହା ଏକ ସୁରକ୍ଷିତ ସ୍ଥାନବୋଲି ମତ ପ୍ରକାଶ ପାଇଛି । ଏହି ନିଆରା ପ୍ରୟାସର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଅନେକ ୟୁଜର ଏହାକୁ ଏକ ଚମତ୍କାର ପଦକ୍ଷେପ ଏବଂ ମହିଳା ସଶକ୍ତିକରଣର ଏକ ବଡ଼ ଉଦାହରଣ ବୋଲି କମେଣ୍ଟ ଦେଉଛନ୍ତି । ମହିଳାଙ୍କ ଦ୍ୱାରା, ମହିଳାଙ୍କ ପାଇଁ ଏହି ସମୁଦାୟ-ଭିତ୍ତିକ ସ୍ଥାନଟି ଏବେ ପରିବର୍ତ୍ତିତ ସାମାଜିକ ଚିନ୍ତାଧାରାକୁ ଦର୍ଶାଉଛି । ସୋସିଆଲ ମିଡିଆରେ ସମସ୍ତେ ଏହାର ଖୁବ ପ୍ରଶଂସା କରୁଛନ୍ତି ।



ମେଷ - ଶାରିରୀକ ପୀଡା, ବନ୍ଧୁ ଦର୍ଶନ, ଉଚ୍ଚଆଶାରେ ବାଧା, ଭ୍ରମଣ ଯୋଗ, ଶତ୍ରୁ ସଙ୍କଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମେ ଅସହଯୋଗ, ଋଣ ଯୋଗ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଧଳା, ସଂଖ୍ୟା - ୧, ଆରାଧନା - ପ୍ରଭୁ ହନୁମାନ ।

ବୃଷ- ଆର୍ଥିକ ଲାଭ, ଅର୍ଥ ସମସ୍ୟା, ସାମାନ୍ୟ ଉନ୍ନତ୍ତି, ଅଯଥା କଳହ, ଶତ୍ରରହିବେ, ଦେବ ଦର୍ଶନ, ସୁ ସମାଚାର, ବ୍ୟାସାୟରେ ଲାଭ, ଆଶା ସଫଳ, ଦୂରଯାତ୍ରା, ପାରିବାରିକ ସହଯୋଗ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଆକାଶିଆ, ସଂଖ୍ୟା - ୪, ଆରାଧନା - ପ୍ରଭୁ ହନୁମାନ ।

ମିଥୁନ - କର୍ମରେ ସଫଳତା, ପଦବୀ ଲାଭ, ପରିବାରର ସହଯୋଗ, ବାଣିଜ୍ୟରେ ଉନ୍ନତି, ଖୁସି ଖବର, ବିଦ୍ୟାଲାଭ, ଦୂରଯାତ୍ରା ସଫଳ, ନୂତନ କର୍ମ ଲାଭ, ସମ୍ମାନ ଲାଭ, ଶାରିରୀକ ସୁସ୍ଥ, ଅର୍ଥସମସ୍ୟା ସମାଧାନ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଗୋଲାପି, ସଂଖ୍ୟା - ୬, ଆରାଧନା - ମହାଲକ୍ଷ୍ମୀ ।

କର୍କଟ - ଭାଗ୍ୟରେ ଉନ୍ନତି, ଦେବଦର୍ଶନ, ଶୁଭକାର୍ଯ୍ୟ, ଥଣ୍ଡି ଜନିତ ରୋଗ, କର୍ମରେ ସଫଳତା, ପିଲାଙ୍କ ଚିନ୍ତା, ମକଦ୍ଦମା ସମାଧାନ, ଅର୍ଥ ସଙ୍କଟ ସମାଧାନ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ମେରୁନ, ସଂଖ୍ୟା - ୮, ଆରାଧନା - କୁବେର ଭଗବାନ ।

ସିଂହ - ସ୍ୱାସ୍ଥ୍ୟପ୍ରତି ସାବଧାନ, ଶୁଭ କାର୍ଯ୍ୟ, ଧନ ଖର୍ଚ୍ଚ, ବ୍ୟବସାୟିକ ଶତୃତା, ଦୂରସ୍ଥାନକୁ ଯାତ୍ରା, ସୁମିଷ୍ଟ ଭୋଜନ, ମାନସିକ ଅବସାଦ, ବନ୍ଧୁ ସହଯୋଗ, କର୍ମକ୍ଷେତ୍ରେ ସାମାନ୍ୟ ଉନ୍ନତି, ଗାଡି ଚାଳନାରେ ସତର୍କତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଗୋଲ୍ଡେନ, ସଂଖ୍ୟା - ୧୦, ଆରାଧନା - ପ୍ରଭୁ ଜଗନ୍ନାଥ ।

କନ୍ୟା - ହଠାତ ଲାଭ, ମନରେ ପ୍ରସନ୍ନତା, ଗଣ୍ଡଗୋଳ ସମାଧାନ, ଯାନବାହନ କ୍ରୟ, ନୂତନ ନିଯୁକ୍ତି, ଅର୍ଥ ସଙ୍କଟ, ଉଚ୍ଚ ଆଶା ସଫଳ, ଦୁର୍ଘଟଣା ଭୟ, ପରିଶ୍ରମ, ବନ୍ଧୁଙ୍କ ସହିତ ମିତ୍ରତା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ଶାରିରୀକ ସୁସ୍ଥ, ବିଦ୍ୟା ଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଗୋଲାପି, ସଂଖ୍ୟା - ୩, ଆରାଧନା - କୁବେର ।

ତୁଳା - ବନ୍ଧୁଲାଭ, ବିବାଦ ସମାଧାନ, ଶାରିରୀକ ସୁସ୍ଥତା, ପରିବାର ସହଯୋଗ, ଅତିଥି ଖର୍ଚ୍ଚ, ଗୁରୁଜନଙ୍କ ଆଶୀର୍ବାଦ, ଭୂସମ୍ପତି ଲାଭ, ଅର୍ଥସମସ୍ୟା ସ୍ୱଳ୍ପଖୁସି, ଶୁଭଖବର, ବିଦ୍ୟାରେ ଉନ୍ନତି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଧଳା, ସଂଖ୍ୟା - ୪, ଆରାଧନା - ଭଗବାନ ଶଙ୍କର ।

ବିଛା - ଅର୍ଥଲାଭ, ସଙ୍କଟ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହିତ, ସୁସମ୍ପର୍କ, ଶତ୍ରୁ ସମାଧାନ, ଗୃହେ ଅଶାନ୍ତି, ବିଶିଷ୍ଟକାର୍ଯ୍ୟେ ଆନନ୍ଦ, ରାଜଦଣ୍ଡରୁ ମୁକ୍ତି, ବ୍ୟବସାୟରୁ ଉନ୍ନତି, ଶାରିରୀକ ସୁସ୍ଥ, ଶୁଭ ଆଲୋଚନା, ଦୂରସ୍ଥାନକୁ ଯାତ୍ରା, ପିଲାଙ୍କ ଖୁସି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଧଳା, ସଂଖ୍ୟା - ୯, ଆରାଧନା - ମା ଭଗବତୀ ।

ଧନୁ - କଳହଯୋଗ, ଆର୍ଥିକ ସମସ୍ୟା, କର୍ମକ୍ଷେତ୍ରେ ସ୍ଥାନାନ୍ତର, ସ୍ୱଜନବିରୋଧ, ଧର୍ମକାର୍ଯ୍ୟରେ ଉତ୍ସାହ, ତିର୍ଥାଟନ, ପରିବାରର ସହଯୋଗ, ଉଚ୍ଚ ଆଶାରେ ସ୍ୱଳ୍ପଲାଭ, ଯାନବାହନରେ ଖୁସି, ପୁରାତନ ରୋଗ ଦେଖାଦେବ, ପୂର୍ବାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ଗୋଲାପି, ସଂଖ୍ୟା - ୨, ପ୍ରତିକାରକ - ଗୁରୁଜନଙ୍କ ସେବା ।

ମକର - ରାଜସମ୍ମାନ ପ୍ରାପ୍ତି, ଦାମ୍ପତ୍ୟସୁଖ, ଗଣ୍ଡଗୋଳ ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଶାରିରୀକ ସୁସ୍ଥ, ବନ୍ଧୁଲାଭ, ଆଶା ସଫଳ, ସମ୍ମାନ ପ୍ରାପ୍ତି, ଶତୃରେ ବିଜୟ, ଭୂସମ୍ପତି କ୍ରୟ, ବାକିଥିବା ଅର୍ଥ ମିଳିବ, ଗୃହରେ ସହାୟତା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ବାଇଗେଣୀ , ସଂଖ୍ୟା - ୫, ଆରାଧନା - ମା ବନ୍ଦରେଇ ।

କୁମ୍ଭ - ଅଘଟଣ ଭୟ, ତିର୍ଥଭ୍ରମଣ, ଶାରିରୀକ ସୁସ୍ଥତା, ଅର୍ଥଖର୍ଚ୍ଚ, ଲାଭର ପରିମାଣ କମ, ସମସ୍ୟା ସମାଧାନ, ବ୍ୟବସାୟରେ ଶତୃତା, ବନ୍ଧାଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନୂତନକାର୍ଯ୍ୟରେ ସ୍ୱଳ୍ପଲାଭ, ପରିଶ୍ରମ ଅଧିକ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ନୀଳ, ସଂଖ୍ୟା - ୧୧, ଆରାଧନା - ଭଗବାନ ବିଷ୍ଣୁ ।

ମୀନ - ସୁଖ ପ୍ରାପ୍ତି, ଆର୍ଥିକ ଖୁସି, ବ୍ୟବସାୟରେ ଖୁସି, ଶତ୍ରୁ ଲାଗିରହିବେ, ପରିବାରରେ ସହଯୋଗ, ପର୍ଯ୍ୟଟନ ଯୋଗ, ବିଶିଷ୍ଟକାର୍ଯ୍ୟେ ଶାନ୍ତି, ମାନସିକ ଅବସାଦ, ବନ୍ଧୁଲାଭ, ଭୂ ସମ୍ପତ୍ତିରେ ଶତୃତା, ରାଜଦଣ୍ଡରୁ ମୁକ୍ତି, ମକଦ୍ଦମା ସମାଧାନ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ , ଶୁଭରଙ୍ଗ - ହଳଦୀ, ସଂଖ୍ୟା - ୮, ଆରାଧନା - ମା ବଗଳାମୁଖୀ ।

**ବୈଶାଖ କୃଷ୍ଣପକ୍ଷ, ଏକାଦଶୀ**

**୧୩.୪.୨୦୨୬ ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ପିଏମ୍‌ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି

# ଏକ ଭଲ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଜୀବନ ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତ କରେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ବିଦ୍ୟାଳୟ କେବଳ ପାଠପଢ଼ାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର । ଏଠାରେ ଜ୍ଞାନ ସହିତ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷା ଦାନ କରାଯାଏ । ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ । ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ବରଂ ଜୀବନ ଗଢ଼ିବାର ଏକ ମାଧ୍ୟମ । ଆଜିର ପ୍ରତିସ୍ପର୍ଦ୍ଧାମୂଳକ ଯୁଗରେ ପାଠ୍ୟଜ୍ଞାନ ସହିତ ଦକ୍ଷତା, ସୃଜନଶୀଳତା ଓ ନୂତନ ଚିନ୍ତାଧାରା ଅତ୍ୟାବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

କେନ୍ଦୁଝର ଜିଲ୍ଲା ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ୧୯୫୦ ମସିହାରେ ସାଧାରଣ ପରିସ୍ଥିତିରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଆଜି ଏକ ପ୍ରତିଷ୍ଠିତ ଶିକ୍ଷା ପୀଠରେ ପରିଣତ ହୋଇଛି ଏବଂ ଏହାର



ଉନ୍ନତି ପଛରେ ଅନେକ ଶିକ୍ଷାପ୍ରେମୀ ବ୍ୟକ୍ତି, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ଓ ସମର୍ପଣ ରହିଛି । ଏଠାରେ କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ନୈତିକତା, ଶୃଙ୍ଖଳା ଓ ମୂଲ୍ୟବୋଧର ଶିକ୍ଷା ମଧ୍ୟ ଦିଆଯାଉଛି । ଏହି ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶ ସ୍ତରରେ ନିଜ ପ୍ରତିଭା ପ୍ରମାଣ କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି । ସମୟର ମୂଲ୍ୟ ବୁଝି ଶୃଙ୍ଖଳିତ ଜୀବନ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଅନାବଶ୍ୟକ କାର୍ଯ୍ୟରୁ ଦୂରରେ ରହି ଲକ୍ଷ୍ୟମୁଖୀ ହେବାକୁ ଆହ୍ୱାନ କରିଥିଲେ । ବିଦ୍ୟାଳୟର ଏକ ନୂତନ ଅଡିଟୋରିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି । ୨୦୨୬-୨୭ ବର୍ଷର ବଜେଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ କରାଯାଇଛି । ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସହ ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି । ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଉଛି ।

» ବିଦ୍ୟାଳୟରେ ନିର୍ମାଣ ହେବ ନୂତନ ଅଡିଟୋରିୟମ
» ବାବା କୁଶଳେଶ୍ୱର ମହାଦେବଙ୍କ ପୀଠ ଲାଗି ୩ .୭କୋଟି

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଉନ୍ନୟନ ସମ୍ପର୍କରେ ଘୋଷଣା କରି କହିଥିଲେ, ୬ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ସରେଇ-ହାତିଶିଳା ରାସ୍ତା ନିର୍ମାଣ କାମ ଚାଲିଛି । ବାବା କୁଶଳେଶ୍ୱର ମନ୍ଦିର ଅଞ୍ଚଳର ବିକାଶ ପାଇଁ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆୟୋଜକ କମିଟି ସଭାପତି ହାଡିବନ୍ଧୁ ପଟ୍ଟନାୟକ, ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକମାନେ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।



କେନ୍ଦୁଝର ସର୍କିଟ ହାଉସ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ।

## ରାଜଧାନୀ ପ୍ରତିଷ୍ଠା ଦିବସ ଟ୍ରାଫିକ କଟକଣା

# ଜାଣନ୍ତୁ କେଉଁ ମାର୍ଗ ରହିବ ବନ୍ଦ

ଭୁବନେଶ୍ୱର,(ସବ୍ୟୁ): ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୧୩ରେ ପାଳିତ ହେବାକୁ ଯାଉଛି ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ-୨୦୨୬। ଏହି ଅବସରରେ ଭୁବନେଶ୍ୱର ସଚିବାଳୟ ମାର୍ଗରେ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ସୋମବାର ସକାଳ ୬ଟାରୁ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ କଟକଣା ଜାରି ରହିବ। ସଚିବାଳୟ ମାର୍ଗର ରବୀନ୍ଦ୍ର ମଣ୍ଡପ ଠାରୁ ଜୟଦେବ ଭବନ ପର୍ଯ୍ୟନ୍ତ ଏବଂ ଏହାର ସଂଲଗ୍ନ ରାସ୍ତାରେ ନିମ୍ନଲିଖିତ କଟକଣା ଲାଗୁ ହେବ। ଏଜି ଛକରୁ ପିଏମ୍‌ଜି ଛକ ଆଡ଼କୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ। ଏହି ଗାଡ଼ିଗୁଡ଼ିକ ଏଜି ଛକରୁ ରାଜମହଲ ପଟକୁ ଯାଇପାରିବେ। ହାଉସିଂ ବୋର୍ଡ ଛକରୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକୁ କେଶରୀ ଟକୀଜ୍ ଛକରୁ ଅନ୍ୟପଟକୁ ପଠାଇ ଦିଆଯିବ। ମାଷ୍ଟରକ୍ୟାଣ୍ଟିନ୍ ପଟୁ ପିଏମ୍‌ଜି ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ ଛକ ପୂର୍ବରୁ ଥିବା ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ। ୧୨୦ ବାଟାଲିୟନ ଛକରୁ ରବୀନ୍ଦ୍ର ମଣ୍ଡପ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ପାୱାର ହାଉସ ଛକ ଦେଇ ଯିବେ। ୟୁନିଟ-୪ ବଜାର ଗଳିରୁ କୌଣସି ଗାଡ଼ି ପିଏମ୍‌ଜି କିମ୍ବା ୧୨୦ ବାଟାଲିୟନ ଛକ ଆଡ଼କୁ ଯାଇପାରିବେ ନାହିଁ।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ନିମାପଡ଼ା,(ସବ୍ୟୁ): ନିମାପଡ଼ା ଥାନା ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମରେ ପବନରେ ତଳକୁ ଛିଣ୍ଡି ଓହଳି ପଡିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ରବିବାର ଦିନ ଜଣେ ଯୁବକର ପ୍ରାଣ ହାନୀ ଘଟିଛି। ମୃତ ଯୁବକ ଜଣକ ହେଲେ ଏହି ଗ୍ରାମର ସବର ଭୋଇଙ୍କ ପୁଅ ସୁବାଷ (୩୪)। ଶନିବାର ସଂଧ୍ୟାରେ କାଳ ବୈଶାଖୀ ପବନରେ ପଡିଶା ଘରର ସର୍ଭିସ ତାର ଛିଣ୍ଡି ତଳକୁ ଓହଳି ପଡିଥିଲା। ରବିବାର ସକାଳ ୧୦ ଟାରେ ଓହଳି ପଡିଥିବା ତାରଟି କାହା ମୁଣ୍ଡରେ ବାଜିବ ଭାବି ସୁବାଷ ହାତରେ ଟେକି ଦେବାରୁ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତେବେ ଡାକ୍ତର ସୁବାଷଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସଂପର୍କରେ ମୃତ ଯୁବକଙ୍କ ପିତା ସବର ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଆଜି ଠାରୁ ଆରମ୍ଭ ହେବ

ପୁରୀ (ସବ୍ୟୁ): ସୋମବାର ଠାରୁ ଆରମ୍ଭ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ । ଏନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି ଶ୍ରୀମନ୍ଦିର କାର୍ଯ୍ୟାଳୟରେ। ଏହି ପ୍ରସ୍ତୁତି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଏବଂ ଗଣତି ମଣତି ଟିମ୍ ର ସଦସ୍ୟ ମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ କିଭଳି ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ, କେଉଁ ମାନେ ଭିତରେ ଏବଂ ବାହାରେ ରହିବେ, କ'ଣ ସବୁ ବ୍ୟବସ୍ଥା ହେବ ସେନେଇ ସବିଶେଷ ଆଲୋଚନା ହୋଇଥିଲା। ତେବେ ଏସଓପି ଅନୁଯାୟୀ ପ୍ରତିଦିନ ଜିଲ୍ଲା ଟ୍ରେଜେରୀରୁ ଭିତର ରତ୍ନଭଣ୍ଡାରର ଚାବି ଅଣାଯାଇ ପୁରୀ ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ। ଗଣତି ମଣତି କାର୍ଯ୍ୟ ଶେଷ ପରେ ପ୍ରତ୍ୟେକ ଦିନ ଭିତର ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇ ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ। ରତ୍ନ ଅଳଙ୍କାର ବିଶେଷଜ୍ଞ, ଆରବିଆଇ ଅଧିକାରୀ ଉପସ୍ଥିତ ରହି ପ୍ରତ୍ୟେକ ରତ୍ନ ଅଳଙ୍କାରର ଗଣତି ମଣତି କରିବା ସହ ରତ୍ନ ଅଳଙ୍କାରର ଓଜନ ଏବଂ କେଉଁ ପ୍ରକାରର ମୋତି ମାଣିକ୍ୟ ରହିଛି ତା'ର ଚିହ୍ନଟ କରିବେ। ସେହିପରି ସବୁ ରତ୍ନ ଅଳଙ୍କାରର ଥ୍ରିଡି ସ୍କାନିଙ୍ଗ କରାଯାଇ ଡିଜିଟାଲ ଫଟୋଗ୍ରାଫି କରାଯିବ। ଏହାକୁ ନେଇ ଏକ ଡିଜିଟାଲ କ୍ୟାଟଲକ ପ୍ରସ୍ତୁତ କରାଯିବ। ଯାହାଫଳରେ ଆଗାମୀ ଦିନରେ ଯଦି କେବେ ଗଣତି ମଣତି କାର୍ଯ୍ୟ ହୁଏ ତାହା ଖୁବ୍ କମ୍ ସମୟ ଏବଂ ସହଜରେ ହୋଇପାରିବ।

## ପଶ୍ଚିମବଙ୍ଗରେ ମାରାଥନ ନିର୍ବାଚନ ପ୍ରଚାର

# ଯୁବ ଓ ମାତୃଶକ୍ତିର ଆଶା ପୂରଣ କରିବ 'ଡବଲ୍ ଇଞ୍ଜିନ୍' ସରକାର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମବଙ୍ଗ ଆଜି ଏକ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି । ନନ୍ଦୀଗ୍ରାମରେ ଯୁବବର୍ଗ ଓ ମାତୃଶକ୍ତି ତଥା ବଙ୍ଗଳାର ଜନସାଧାରଣ ଏବେ ପରିବର୍ତ୍ତନ ଚାହୁଁଛନ୍ତି । ଦୀର୍ଘ ଦିନର ଅନ୍ୟାୟ, ଅରାଜକତା ଏବଂ ଭୟର ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ବେଙ୍ଗଲ ଏବେ ସଂକଳ୍ପବଦ୍ଧ ବୋଲି ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ସମେତ ବିଭିନ୍ନ ସ୍ଥାନରେ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି 'ଡବଲ୍ ଇଞ୍ଜିନ୍' ସରକାର ହିଁ ଯୁବ ଓ ମାତୃଶକ୍ତିର ଆଶା ପୂରଣ କରିବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପଶ୍ଚିମବଙ୍ଗର ଯୁବପିଢ଼ି ଆଜି ରୋଜଗାର, ଦକ୍ଷତା ବିକାଶ ଏବଂ ଭଲ ସୁଯୋଗ ପାଇବା ପାଇଁ ଇଚ୍ଛୁକ । ବିଜେପିର ସଂକଳ୍ପ ପତ୍ରରେ ଥିବା ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଓ ନିଯୁକ୍ତି ସୁଯୋଗ ଏହି ଆଶାକୁ



ପୂରଣ କରିବା ପାଇଁ ଏକମାତ୍ର ମାର୍ଗ । ଅପରପକ୍ଷରେ ମହିଳାମାନେ ସୁରକ୍ଷା, ସମ୍ମାନ ଏବଂ ଆର୍ଥିକ ସଶକ୍ତିକରଣ ଚାହୁଁଛନ୍ତି । ଟିଏମସି ସରକାରରେ ମହିଳାଙ୍କ ପ୍ରତି ହେଉଥିବା ଅସମ୍ମାନର ଅନ୍ତିମ ଘଡ଼ି ଆସିଯାଇଛି । ଯେଉଁ ଭୟ ଓ ଘୃଣାର ରାଜନୀତି ପାଇଁ ବେଙ୍ଗଲବାସୀ ଦିନେ ବାମପନ୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ଆଜି ସମାନ କାରଣ ପାଇଁ ଟିଏମସିକୁ ମଧ୍ୟ ବିଦା କରିବାକୁ ମନସ୍ଥ କରିଛନ୍ତି । ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ହୋଇଥିବା ଅସମ୍ମାନଜନକ ଆଚରଣ ବଙ୍ଗଳାର ସାନ୍ତାଳ ସମ୍ପ୍ରଦାୟ ତଥା ସମଗ୍ର ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଏକ ଆଘାତ । ବେଙ୍ଗଲବାସୀ ଏହି ଅହଂକାରର ଜବାବ ନିଶ୍ଚିତ ଦେବେ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ବିଜେପିର ଡବଲ୍ ଇଞ୍ଜିନ୍ ସରକାର ହିଁ ବିକାଶ ଏବଂ ସୁଶାସନକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ସକ୍ଷମ । ପଶ୍ଚିମବଙ୍ଗ ଆଉ ଟିଏମସିର ହିଂସା, ଲୁଟ୍ ଏବଂ ଏକଛତ୍ରବାଦକୁ ସହିବ ନାହିଁ । ମେ ୪ ତାରିଖ କେବଳ ଏକ ନିର୍ବାଚନୀ ତାରିଖ ନୁହେଁ, ବରଂ ଏହା ବଙ୍ଗଳାର ବିକାଶ, ସୁଶାସନ ଏବଂ ବିଶ୍ୱାସର ଏକ ନୂତନ ଯାତ୍ରାର ଆରମ୍ଭ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ

# କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ

କଟକ, (ସ୍ୱ.ପ୍ର) : ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ "କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଏବଂ ଏ ସମ୍ପର୍କିତ ସଚେତନତା" ଉପରେ ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ମାନବ ସମ୍ବଳ ବିଭାଗ ପକ୍ଷରୁ ଏହାକୁ ମିଳିତ ଭାବରେ ଆୟୋଜନ କରାଯାଇଥିଲା । କର୍ମଚାରୀମାନଙ୍କ ମଧ୍ୟରେ ଏ ସମ୍ପର୍କିତ ଆଇନ୍ ଏବଂ ତାହାକୁ ଉପଯୁକ୍ତ ଭାବରେ ବୁଝି ଆବଶ୍ୟକସ୍ଥଳେ କାର୍ଯ୍ୟରେ ଲଗାଇବା ଥିଲା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଦୁଇ ବିଶିଷ୍ଟ ବିଷୟବିତ୍ ଡ. ନିକିତା ପାଟଯୋଶୀ ଏବଂ ଡ. ପ୍ରିୟଙ୍କା ଆନନ୍ଦ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ରହି ଉକ୍ତ ଆଇନ ସମ୍ବନ୍ଧରେ ବୁଝିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରାଧ୍ୟାପକ ଡ. ତେଜପ୍ରତାପ ତଥା କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ ଆୟୋଜକମାନଙ୍କୁ ସାଧୁବାଦ ଦେଇଥିଲେ ।



## ଘରୁ କଳାକନା ବୁଲାଇଲେ ଚୋର

ସୋର,(ସବ୍ୟୁ): ସାର ଥାନା ଅନ୍ତର୍ଗତ ସବିରା ପଞ୍ଚାୟତର ବାଉଁଶ ଖୁଣ୍ଟା ଗ୍ରାମରେ ଯାତ୍ରା ଦେଖିବା ସୁଯୋଗ ନେଇ ଜଣଙ୍କ ଘରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଶନିବାର ରାତିରେ ଯାତ୍ରା ଦେଖିବା ପାଇଁ ଏହି ଗ୍ରାମର ସଞ୍ଜୟ ମାଝିଙ୍କ ପରିବାରର ସମସ୍ତ ସଦସ୍ୟ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଘର ପଛପଟେ ତାର ଜାଲି ଡେଇଁ ଦୁଇଟି ଘରର ୬ ଟି ତାଲା ଭାଙ୍ଗି ଦୁଇଟି ଗଡରେଜ ରୁ ସୁନା ରୁପା ଗହଣା ସହିତ ନଗଦ ଟଙ୍କା ସମେତ ଆନୁମାନିକ ୩ ଲକ୍ଷ ଟଙ୍କା ରୁ ଉର୍ଦ୍ଧ ଟଙ୍କାର ସୁନା ଗହଣା ଓ ଏକ ପାଣି ମଟର ଚୋରି କରି ନେଇଥିଲେ । ସଞ୍ଜୟ ଏ ବାବଦରେ ଥାନାରେ କୌଣସି ଅଭିଯୋଗ କରିନଥିବା ସଞ୍ଜୟ କହିଛନ୍ତି ।


# ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

**ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ**

**ତା. ୧୩-୦୪-୨୦୨୬ ରିଖ**

**ସକାଳ ଅଧିବେଶନ / ଘ. ୬.୩୦ ମିନିଟ୍**

ମୁଖ୍ୟ ଅତିଥି:- **ଶ୍ରୀମତୀ ସୁରମା ପାଢ଼ୀ,** ମାନନୀୟା ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୯ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
ସ୍ଥାନ: ଜୟଦେବ ଭବନ

ପୂର୍ବାହ୍ନ ୧୦ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
ସ୍ଥାନ: ରବୀନ୍ଦ୍ର ମଣ୍ଡପ ଅଡିଟୋରିୟମ୍

**ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା**
**ସ୍ଥାନ: ଉତ୍କଳ ମଣ୍ଡପ / ତା ୧୩.୦୪.୨୦୨୬ ରିଖ**

ମୁଖ୍ୟ ଅତିଥି:- **ଡ. ହରି ବାବୁ କମ୍ଭମପାଟି,** ମାନ୍ୟବର ରାଜ୍ୟପାଳ, ଓଡ଼ିଶା
**୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ-୨୦୨୬" ପ୍ରଦାନ**

**ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ**

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଉତ୍ତର)
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଏକାମ୍ର)
ଶ୍ରୀଯୁକ୍ତ ପ୍ରଶାନ୍ତ ଜଗଦେବ, ମାନ୍ୟବର ବିଧାୟକ, ଖୋର୍ଦ୍ଧା ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଅନୁ ଗର୍ଗ (ଭା.ପ୍ର.ସେ) ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଦେଓ ରଞ୍ଜନ କୁମାର ସିଂ (ଭା.ପ୍ର.ସେ) ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଭା.ପ୍ର.ସେ) ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ (ଭା.ପୁ.ସେ), ପୋଲିସ କମିଶନର, କଟକ-ଭୁବନେଶ୍ୱର
ଶ୍ରୀଯୁକ୍ତ ଚଞ୍ଚଳ ରାଣା (ଭା.ପ୍ର.ସେ), କମିଶନର, ବିଏମ୍‌ସି ତଥା ଉପାଧ୍ୟକ୍ଷ, ବିଡ଼ିଏ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍
ଶ୍ରୀଯୁକ୍ତ ଅମ୍ରିତ ଋତୁରାଜ (ଭା.ପ୍ର.ସେ), ଜିଲ୍ଲାପାଳ, ଖୋର୍ଦ୍ଧା

**ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି**
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

**ତା. ୧୪.୦୪.୨୦୨୬ ରିଖ, ମଙ୍ଗଳବାର (ଦ୍ୱିତୀୟ ଦିବସ ସମାରୋହ)**
**ସନ୍ଧ୍ୟା ଅଧିବେଶନ ସ୍ଥାନ : ଉତ୍କଳ ମଣ୍ଡପ, ସମୟ: ୬ ଘଟିକା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୬ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ ।**

**ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ।**



OIPR: 15001/15001/2/26-27/0010 15001/10/2627

# କଟକ ରୋଡ଼ରେ ଗାତ : ବର୍ଷେ ହେଲା ମରାମତି ହେଉନି

ଭୁବନେଶ୍ୱର (ପ୍ରଦୀପ୍ତ କୁମାର ଦାସ) : ସ୍ଥାନୀୟ କଟକରୋଡ଼ର କଳ୍ପନାଛକ ଠାରୁ ଲକ୍ଷ୍ମୀସାଗରଛକ ମଧ୍ୟରେ ଦୀର୍ଘ ବର୍ଷେ ହେଲା ଅନେକ ବଡ଼ ଗର୍ତ୍ତ ଦେଖିବାକୁ ମିଳୁଛି ।ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଉକ୍ତ ରାସ୍ତାରେ ଏପରି ସମସ୍ୟା ଦେଖାଦେଇଥିବା କୁହାଯାଉଛି ।ତେବେ ପ୍ରାୟ ବର୍ଷେ ତଳେ ଏକ ଠିକା ସଂସ୍ଥା ମନଇଚ୍ଛା ରାସ୍ତା ଖୋଳି କେତେକ ନିର୍ମାଣ କାର୍ଯ୍ୟ କରିଥିଲା । ମାତ୍ର କାର୍ଯ୍ୟ ଶେଷକରିବା ପରେ ତାକୁ ସଠିକ ଭାବେ ମରାମତି ନକରି ଅତି ବେପରୁଆ ଭାବେ ଛାଡ଼ି ପଳାଇବା ଦ୍ୱାରା ସମ୍ପୃକ୍ତ ରାସ୍ତାରେ ଯାତାୟାତ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜି ଆସୁଥିବା ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି ।କଳ୍ପନା ଛକ ଆଡୁ ଲକ୍ଷ୍ମୀସାଗର ଛକ ଆଡ଼କୁ ଯାଇଥିବା ଉକ୍ତ ରାସ୍ତାର ବାମ ପାର୍ଶ୍ୱରେ କିଛି କିଛି ଦୂରତା ବ୍ୟବଧାନରେ ଅନେକ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି ।ଏହାଛଡ଼ା ଗତ କିଛି ମାସ ହେଲା ପୁରୁଣା ଷ୍ଟେସନ ବଜାର ଟ୍ରାଫିକ ପୋଷ୍ଟ ସଂଲଗ୍ନ ରାସ୍ତା ମଝିରେ ଦୁଇଟି ଗର୍ତ୍ତ ସୃଷ୍ଟି ହୋଇଛି । ବିଶେଷକରି ବର୍ଷା ହେବା ସମୟରେ ଓ ରାତିରେ ଏସବୁ ଗାତ ଜଣା ପଡୁନଥିବାରୁ ଯାତାୟାତ ବେଳେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ।



ଦୀର୍ଘଦିନ ଧରି ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାଜଧାନୀର ଏହି ପୁରାତନ ବ୍ୟସ୍ତବହୁଳ ରାସ୍ତାରେ ଏପରି ସମସ୍ୟା ଲାଗି ରହିବା କାରଣରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ତେବେ ସମ୍ପୃକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ଦାଇତ୍ୱରେ ଥିବା ବିଭାଗୀୟ କ୍ଷେତ୍ର ଅଧିକାରୀ ଓ କର୍ମଚାରୀ ମାନେ ନିୟମିତ ତଦାରଖ କରୁନଥିବାରୁ ଏପରି ବ୍ୟତିକ୍ରମ ସୃଷ୍ଟିହେଉଛି ବୋଲି ଅଭିଯୋଗ ହୋଇଛି ।ତେଣୁ ତୁରନ୍ତ ପୂର୍ତ୍ତ ବିଭାଗ କର୍ତୃପକ୍ଷ ଏହାର ଆଶୁ ମରାମତି ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବୀ ହୋଇଛି ।

## ବୟାଳିଶ ମୌଜାରେ ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ବୟାଳିଶ ମୌଜା ଶ୍ରୀରାମ ମାର୍କେଟ ସ୍ଥିତ ମେଡ ପ୍ଲସ ଠାରେ ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀର ଶୁଭ ଉଦଘାଟନୀ ଉତ୍ସବ ସିରିଡ଼ି ସାଇ ଚାରି ଟେବୁଲ ଟ୍ରଷ୍ଟ ର ଅଧ୍ୟକ୍ଷ ଡ଼ଃ ରୁଦ୍ର ମହାନ୍ତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଅଛି । ମୁଖ୍ୟ ବକ୍ତା ଭାବେ ଧର୍ମପଦ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ର କଳା ଅଧ୍ୟାପକ ଶୁକଦେବ ମହାରଣା, ସୁଦର୍ଶନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବୀରବର ସାମନ୍ତ ମହାବିଦ୍ୟାଳୟ, କୁଜଙ୍ଗର ଅଧ୍ୟକ୍ଷା ଡ଼ଃ ବନପ୍ରଭା ପରିଡା, ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅଭିନୟ ଚିତ୍ରକଳା ଭୁବନେଶ୍ୱରର ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ ଓ ୪୨ ମୌଜା ସାମ୍ବାଦିକ ସଙ୍ଘର ସଭାପତି ଅନିଲ ଦାସ ପ୍ରମୁଖ ମଞ୍ଚାସିନ ଥିଲେ ।

# କିଟ୍ ଓ କିସ୍ ପକ୍ଷରୁ ଫେମିନା ମିସ୍ ଇଣ୍ଡିଆ ୨୦୨୬ ପ୍ରତିଯୋଗୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): ଏପ୍ରିଲ ୧୮ ତାରିଖରେ କିଟ୍ ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦେଶବ୍ୟାପୀ ୩୦ ଜଣ ରାଜ୍ୟ ବିଜେତା ଆଜି କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କୁ କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ଆର୍କିଟେକଚର ସ୍କୁଲ୍‌ର ମହାନିର୍ଦ୍ଦେଶକ ଏସ ଏସ୍ ରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଭଳି ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ କିଟ୍ କ୍ୟାମ୍ପସରେ




ଆୟୋଜନ କରାଯାଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଏକ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଉଛି । ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆୟୋଜନ କରିଛନ୍ତି ।

ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ । ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି । ଖୁସିର କଥା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଆସିଛି । ଏହି ପ୍ରତିଯୋଗୀତା ଜରିଆରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି । ଗ୍ରାଣ୍ଡ ଫିନାଲେ ଆୟୋଜନ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଏହି ଯୁବ ଅଂଶଗ୍ରହଣକାରୀମାନେ କିଟ୍ ଓ କିସ୍ ରେ ଦୀର୍ଘ ସମୟ ଅତିବାହିତ କରିବେ । କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କୁ ସହ ଭାବ ବିନିମୟ କରିବେ ।

# କୋଣାର୍କ ଲୋକକଳା ମହୋତ୍ସବ ଅନୁଷ୍ଠିତ

କୋଣାର୍କ, (ସବ୍ୟୁ): ଓଡ଼ିଶୀ ନୃତ୍ୟ ଓ ଲୋକ ନୃତ୍ୟ ଉତ୍ସବର ସମାହାର କୋଣାର୍କ ଲୋକକଳା ମହୋତ୍ସବ ୨୦୨୬ ରବିବାର




ଦିନ ତମାମ କଲ୍ୟାଣ ମଣ୍ଡପ ପରିସରର ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସଂସ୍କୃତି ବିଭାଗ ସହଭାଗିତାରେ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡିଶା କଲଚର୍ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବର ପ୍ରତିଷ୍ଠାତା ଓ ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଇଏଏସ ଦାଶରଥି ଶତପଥୀ, ମୁଖ୍ୟ ବକ୍ତା ଭାବେ ଟେକ୍ନିକାଲ ନିର୍ଦ୍ଦେଶକ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ବାସୁଦେବ ହେମ୍ବ୍ରମ, ସମ୍ମାନୀତ ଅତିଥି ଭାବେ ପ୍ରସିଦ୍ଧ ବ୍ୟଙ୍ଗକବି ସମ୍ପଦ କୁମାର ରଥ, ବିଶିଷ୍ଟ ସମାଜସେବୀ ଡ: ତ୍ରିଲୋଚନ ବରାଳ, ସହ ସଂଯୋଜକ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ କୃତିବାସ ରଥ, ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ମନମୋହନ ସ୍ୱାଇଁ, ସଭାପତି ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶା ନଙ୍ଗୁଳି ବାବା, ସାମ୍ବାଦିକ ତଥା ପରିବେଶବିତ୍ ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜକ ଦ୍ୱାରା ଆୟୋଜିତ କରାଯାଉଥିବା ଏହି ଉତ୍ସବ ଦ୍ୱାରା ଲୋକକଳା ଓ କଳାକାର ମାନଙ୍କର ଉନ୍ନତି ହେବା ସହ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ମତପୋଷଣ କରିଥିଲେ । କଳାକାର ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପରିଚୟ ସେମାନେ ଆମର ଗର୍ବ ଓ ଗୌରବ ବୋଲି ଅତିଥି ମାନେ କହିଥିଲେ । ଏହି ଅବସରରେ ୨ ଶହରୁ ଉର୍ଦ୍ଧ୍ୱ କଳାକାର, ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ, ଅଭିନେତା, ସମାଜସେବୀ ଓ ସାହିତ୍ୟିକ ମାନଙ୍କୁ କୋଣାର୍କ ରତ୍ନ, ଧର୍ମପଦ ସ୍ମୃତି ସମ୍ମାନ, ଅର୍କଶ୍ରି ସମ୍ମାନ ଆଦି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଦୀପ ବିହାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ନିରାକାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ବିଜୟ କେତନ ସାହୁ,ମୋନାଲିସା ଷଡ଼ଙ୍ଗୀ,ଦିବ୍ୟାଲିଶା ନାୟକ, ମୋନାଲିସା ମୁଦୁଲି, ପ୍ରଗତି ପାତ୍ର, ଦୀପକ ବେହେରା, ପ୍ରଶାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀ ଜଗନ୍ନାଥ ମଣ୍ଡଳରେ ବିଜେପିର "ବସ୍ତି ଚାଲ" କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ଭାରତୀୟ ଜନତା ପାର୍ଟି ତାହାର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଦେଶବ୍ୟାପୀ ଭାବେ ବୁଥ୍ ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀ ସ୍ତର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଏପ୍ରିଲ ୬ ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ପାଳନ କରୁଛି । ଏହି କାର୍ଯ୍ୟକ୍ରମ ଅନୁସାରେ ଗ୍ରାମାଞ୍ଚଳରେ "ଗାଁ କୁ ଚାଲ" ଏବଂ ସହରାଞ୍ଚଳରେ "ବସ୍ତି କୁ ଚାଲ" ଅଭିଯାନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।ଏହି ପରିପ୍ରେକ୍ଷିରେ ଆଜି କଟକ ଜିଲ୍ଲାର ଶ୍ରୀ ଜଗନ୍ନାଥ ମଣ୍ଡଳରେ ମଣ୍ଡଳ ସଭାପତି ହରିଚନ୍ଦନ ନାୟକଙ୍କ ସଭାପତିତ୍ୱରେ "ବସ୍ତି କୁ ଚାଲ" ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର ଏବଂ ଜିଲ୍ଲା ଉପସଭାପତି ବିଶ୍ୱରଂଜନ ମିଶ୍ର ଉପସ୍ଥିତ ରହି ସାଧାରଣ ଲୋକମାନଙ୍କୁ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ବସ୍ତିର ମୁରବୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହିତ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ବସ୍ତିରେ ମିଠା ବଣ୍ଟନ କରି ପ୍ରତିଷ୍ଠା ଉତ୍ସବକୁ ଉତ୍ସାହର ସହ ପାଳନ କରିଥିଲେ ।

## ଏଲ୍‌ପିଜି ସିଲିଣ୍ଡରର ଉତ୍କଟ ଅଭାବ

# ଦୁର୍ବି ସହ ହେଲାଣି କ୍ୟାଟରିଂ ବ୍ୟବସାୟ

ଭୁବନେଶ୍ୱର (ସବ୍ୟୁ): ମଧ୍ୟ ପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବରେ ଦେଶ ସହିତ ଓଡିଶାର କ୍ୟାଟେରିଙ୍ଗ ବ୍ୟବସାୟ ଗଭୀର ସମସ୍ୟାରେ ପଡ଼ିଛି । ଓଡିଶାରେ ୨୦୦୦ ରୁ ଉର୍ଦ୍ଧ କ୍ୟାଟେରିଙ୍ଗ ସଂସ୍ଥା କାର୍ଯ୍ୟରତ ଥିବାବେଳେ, ସେଥିରେ ଜଡିତ ଲକ୍ଷକ୍ଷଧିକ କର୍ମଚାରୀ ଏବେ ଅନିଶ୍ଚିତତାରେ ଅଛନ୍ତି । ଗତ କରୋନା ମହାମାରୀରେ ଏହି ବ୍ୟବସାୟ ଭାରୀ କ୍ଷତି ସହିଥିଲା । ବର୍ତ୍ତମାନ ଏଲପିଜି ସିଲିଣ୍ଡରର ଭୟାବହ ଅଭାବ ଯୋଗୁ ଏହା ପୁଣିଥରେ ସଂକଟଗ୍ରସ୍ତ ହୋଇପଡ଼ିଛି । ବିଶେଷକରି କମର୍ସିଆଲ (୧୯ କେଜି) ସିଲିଣ୍ଡର ମିଳୁନଥିବାରୁ ଅନେକ ସଂସ୍ଥା ବ୍ୟବସାୟ ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି ।ଏକ ପକ୍ଷରେ ସରକାର ଗଣମାଧ୍ୟମ ମାଧ୍ୟମରେ କହୁଛନ୍ତି ଯେ ଏଲପିଜି ସିଲିଣ୍ଡରର କୌଣସି ଅଭାବ ନାହିଁ, କିନ୍ତୁ ଅନ୍ୟପକ୍ଷରେ ରାଜ୍ୟର ଅଧିକାଂଶ ଗ୍ୟାସ ଏଜେନ୍ସୀ ନିକଟରେ ସିଲିଣ୍ଡର ଉପଲବ୍ଧ ନଥିବା କଥା ଜଣାପଡୁଛି । ଏହି ସମସ୍ୟା ସମାଧାନ ପାଇଁ କ୍ୟାଟେରିଙ୍ଗ ଆସୋସିଏସନ ଅଫ୍ ଓଡିଶା ପକ୍ଷରୁ ଯୋଗାଣ ବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ କରାଯାଇଥିଲା । ସେଥିରେ ଶୀଘ୍ର ସମାଧାନର ଆଶ୍ୱାସନ




ଦିଆଯାଇଥିଲା । ୭ ଦିନ ବିତିଗଲା ସତ୍ତ୍ୱେ କୌଣସି ପ୍ରାୟୋଗିକ ପଦକ୍ଷେପ ନିଆଯାଇନାହିଁ।
ବର୍ତ୍ତମାନ ପରିସ୍ଥିତିରେ ବ୍ୟବସାୟୀମାନେ ଦୁଇମୁଖୀ ସମସ୍ୟାରେ ପଡ଼ିଛନ୍ତି । ଘରୋଇ (୧୪ କେଜି) ସିଲିଣ୍ଡର ବ୍ୟବହାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ଦ୍ୱିତୀୟରେ କମର୍ସିଆଲ (୧୯ କେଜି) ସିଲିଣ୍ଡର ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ । ଏହାର ପରିଣାମରେ ବ୍ୟବସାୟ ଚାଲୁ ରଖିବା ସହିତ କର୍ମଚାରୀଙ୍କ ପରିବାର ପୋଷଣ କରିବା ଦୁର୍ବିସ୍ଥ ହୋଇପଡ଼ିଛି । ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନହୁଏ, ତେବେ କ୍ୟାଟେରିଙ୍ଗ ଆସୋସିଏସନ ଅଫ ଓଡିଶା ପକ୍ଷରୁ ପରିବାର ସମେତ ଆନ୍ଦୋଳନ ଆରମ୍ଭ କରାଯିବାକୁ ବାଧ୍ୟ ହେବା ବୋଲି ସତର୍କ କରାଯାଉଛି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବିନୟ ଭୂଷଣ ପଟ୍ଟନାୟକ, ସମ୍ପାଦକ ଦେବୀ ପ୍ରସାଦ ରଥ, ଚେୟାରମାନ ଅନୁପ କୁମାର ବଗାଇ, କୋଷାଧ୍ୟକ୍ଷ ଏମ ଜୟ ପ୍ରସାଦ ରାଓ, ପାଟନ ନବ ରଞ୍ଜନ ପଟ୍ଟନାୟକ, ଆଡଭାଇଜର୍ ପ୍ରବୋଧ କୁମାର ଦାସ ଓ ପ୍ରମୁଖ କର୍ମକର୍ତା ଉପସ୍ଥିତ ଥିଲେ ।

## ସର୍ଟ୍ ସର୍କିଟରୁ ଅଗ୍ନିକାଣ୍ଡ

ବାଲେଶ୍ୱର , (ସବ୍ୟୁ): ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସର୍କିଟ୍‌ରୁ ଜାମୁଝାଡ଼ି ବଜାରରେ ଥିବା ଏକ ତେଜରାତି ଦୋକାନ ଜଳିଯାଇଛି । ସୂଚନା ଅନୁଯାୟୀ ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝାଡ଼ି ପଞ୍ଚାୟତ ରାଧାବଲ୍ଲବପୁର ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଦିଲ୍ଲୀପ ଦାସଙ୍କର ଏକ ଦୋକାନ ଅଛି ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟ୍ ସର୍କିଟ୍ ଘଟି ଶ୍ରୀ ଦାସ କଫି ସେଣ୍ଟର ଓ ତେଜରାତି ଦୋକାନ ଜଳି ଯାଇଛି । ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଛି । ଖବର ପାଇ ସୋର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସବୁ ସମ୍ପତି ପାଉଁଶ ହୋଇଯାଇଛି ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ସବ୍ୟୁ):ଜିଲ୍ଲା ସଂସ୍କୃତି ବିଭାଗ ଓ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏବଂ ଓଡିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ଓଡ଼ିଆ ପକ୍ଷ ଅବସରରେ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନୀତ ବକ୍ତା ଭାବରେ ଓଡ଼ିଶାର ସୁନାମଧନ୍ୟ ବକ୍ତା ତଥା ନିରାକାରପୁର କଲେଜର ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ବିଶିଷ୍ଟ ଆଲୋଚକ ଭାବରେ ଯୋଗଦେଇ ବନ୍ଦନୀୟ ବରପୁତ୍ର ତଥା ରକ୍ତ ବିଜଡିତ ପାଇକ ମାଟିର ଅଣି ଓ ମସୀ କୁ ନେଇ ବିଭିନ୍ନ ପାଇକ ତଥା ଉତ୍କଳ ର ବାଣୀ ଭଣ୍ଡାର କୁ ରୁଦ୍ଧି ମନ୍ତ କରିଥିବା କବି ସଚ୍ଚିଦାନନ୍ଦ ରାଉତରାୟ, କବିୟତ୍ରି କୁନ୍ତଳା କୁମାରୀ ସାବତ, ଡକ୍ଟର ମାୟାଧର ମାନସିଂ, ବୃନ୍ଦାବତୀ ଦାସୀ, କବି ଜୟଦେବ, ଶିଶୁ ଅନନ୍ତ, କବି ମାୟାଧର ମାନସିଂହଙ୍କ ଭଳି



ବହୁମୁଖି ପ୍ରତିଭା ଓ ଉତ୍କଳ ର ବାଣିଭଣ୍ଡାର କୁ ସେମାନଙ୍କ ଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟ ସମ୍ମାନୀୟ ବକ୍ତା ଭାବେ ନିରାକାରପୁର କଲେଜର ପ୍ରାକ୍ତନ ଅଧ୍ୟାପିକା ଡକ୍ଟର ପ୍ରତିଭାମୟୀ ମିତ୍ର ତାଙ୍କର ଅଭିଭାଷଣରେ ବକ୍ସି ଜଗବନ୍ଧୁ ଙ୍କ ଲୋମଟାଙ୍କୁରା କାହାଣୀ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ସାହିତ୍ୟ ସଂସଦ ର ସମ୍ପାଦକ ଡକ୍ଟର ଧୀରେନ୍ଦ୍ର ନନ୍ଦ ତାଙ୍କର ଏକ ପ୍ରବନ୍ଧ ଜୟୀ ରାଜଗୁରୁ ଙ୍କ ଉପରେ ପାଠ କରିଥିଲେ । ସେହିପରି ଡଃ. କୈଳାଶ ଚନ୍ଦ୍ର ମହାରଣା ମଧ୍ୟ ବଶିଷ୍ଠ ବରପୁତ୍ର ଙ୍କ ଜୀବନୀ ଉପରେ ଆଲୋଚନ କରିଥିଲେ । ପ୍ରାରମ୍ଭ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓଡ଼ିଆ ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତିତ୍ୱ ଭାଷଣରେ ମାନନୀୟ ମୁଖ୍ୟ ଉନ୍ନୟନ ଅଧିକାରୀ କହିଥିଲେ ଯେଉଁ ବନ୍ଦନୀୟ ବରପୁତ୍ର ମାନେ ନିଜ ମା ମାଟି କୁ ନିଜ ଜୀବନ ଉତ୍ସର୍ଗ କରି ରୁଦ୍ଧିମନ୍ତ କରିଛନ୍ତି କେବଳ ତାଙ୍କ ଦିବସ ପାଳନ କରିବା ସହ ତାଙ୍କର ଦେଶ ଓ ସମାଜକୁ ପ୍ରଦର୍ଶିତ ମାର୍ଗରେ ନିଜକୁ ଗଢି ପାରିଲେ ତାହା ହେବ ତାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ଆଜିର ଏହି ଓଡ଼ିଆ ପକ୍ଷ ପାଳନ ଅବସରରେ ଖୋର୍ଦ୍ଧା ଜିଲ୍ଲା ର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୬୫ ଜଣ କବି ଏଥିରେ ଭାଗ ନେବା ସହ ବରପୁତ୍ରଙ୍କ ଉପରେ ଆଧାରିତ କବିତା ପାଠ କରିଥିଲେ ।

# ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକୋତ୍ସବ

ଭୁବନେଶ୍ୱର(ସବ୍ୟୁ): ଭିଏସଏସ୍ ନଗରସ୍ଥିତ ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ



ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତରଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଆଭାସି ଜରିଆରେ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର ଓ ଓ୍ୱାର୍ଡ ନମ୍ବର ୧୧ କର୍ପୋରେଟର ପ୍ରଭାସିନୀ ମହାନ୍ତି ଯୋଗ ଦେଇଥିଲେ । ସମାଜର ଯେଉଁ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଆଯାଏ, ସେହି ଭାବନା ଓ ଆଦର୍ଶକୁ ପିଲାମାନଙ୍କ ମନମଜ୍ଜାରେ ସୃଷ୍ଟି କରିବା ପାଇଁ ଧାରାବାହିକତା ବଜାୟ ରଖିବାକୁ ଅଭିଭାବକ ଓ ଜନସାଧାରଣଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଶେଷରେ ପିଲାମାନଙ୍କର ନିଜସ୍ୱ ଓ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ବିକାଶରେ କଳା ଓ କୌଶଳକୁ ସୃଜନାତ୍ମକ ଶୈଳୀରେ ପ୍ରକାଶ କରିବା ଅତ୍ୟନ୍ତ ସହାୟକ ହେବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । ଉତ୍ସବକୁ ସାଫଲ୍ୟମଣ୍ଡିତ କରିବାରେ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରାଉତ, ସଭାପତି ବଂଶୀଧର ବାରିକ, ସମ୍ପାଦକ ବିପିନ ବିହାରୀ ରାୟ, ପରିଚାଳନା କମିଟିର ସଦସ୍ୟ ନିମାଇଁ ଚରଣ ଦାସ, କିଶୋର ଚନ୍ଦ୍ର ଦେଉରୀ, ପ୍ରଦୀପ ସ୍ୱାଇଁ, ସୁରେଶ ଚନ୍ଦ୍ର ଦାସ, ଦେବରାଜ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ । ଉତ୍ସବକୁ ଆମୋଦ ପ୍ରମୋଦ କରିବାରେ ପିଲାମାନେ ତଥା ଅଭିଭାବକମାନଙ୍କର ସମ୍ପୃକ୍ତି ଅତ୍ୟନ୍ତ ପ୍ରଶଂସନୀୟ ଥିଲା ।

## ବସ୍ତିର ବୃଦ୍ଧ ବୃଦ୍ଧାମାନଙ୍କୁ

# ଘଟଗାଁ ତାରିଣୀ ପୀଠ ଦର୍ଶନ କରାଇଲା ଯଶୋଦା ମା ଫାଉଣ୍ଡେସନ



ଭୁବନେଶ୍ୱର (ସବ୍ୟୁ): ଯଶୋଦା ମା ଫାଉଣ୍ଡେସନ ଆନୁକୁଲ୍ୟରେ ରାଜଧାନୀର ପାଞ୍ଚଟି ବସ୍ତିର ବୟସ୍କ ବୃଦ୍ଧ ବୃଦ୍ଧା ମାନଙ୍କୁ ନେଇ କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଘଟ ଗାଁ ମା ତାରିଣୀ ପୀଠ ଦର୍ଶନ କରାଯାଇଛି । ଏହି ମହତକାର୍ଯ୍ୟ ଯଶୋଦା ମା ଫାଉଣ୍ଡେସନ ପ୍ରତିଷ୍ଠାତ୍ରୀ ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନିବେଦିତା ଲେଙ୍କାଙ୍କ ଉଦ୍ୟମରେ ସମାପନ ହୋଇଥିବା ବେଳେ ଏଥିରେ ନୟାଗଡ଼ ଜିଲ୍ଲାର ମହାବୀର ସାଉଥ ଇଣ୍ଡିଆନ୍ ହୋଟେଲ ପରିଚାଳନା ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ,ମୁକ୍ତା ଫାଉଣ୍ଡେସନ ଅଧ୍ୟକ୍ଷା ବନ୍ଦନା ପଣ୍ଡା,ଅଧ୍ୟାପିକା ଧରିତ୍ରୀ ମହାରଥା, ଯୋଗଗୁରୁ ମିନତି ଲେଙ୍କା ସମେତ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ତାରିଣୀ ଓ ଛତିଆ ବଟ ଦର୍ଶନ ସଫଳ ହୋଇଥିଲା । ଏଥିରେ ଯୁବ ସମାଜସେବୀ ପ୍ରତ୍ୟୁଷ ଭଞ୍ଜ ଓ ପ୍ରମୋଦ ପରିଡ଼ାଙ୍କ ସମେତ ବର୍ଣ୍ଣବୋଧ ପାଠଶାଳାର ୫ ଜଣ ଗୁରୁମା ଉପସ୍ଥିତ ରହି ଗାଇଡ୍ କରିଥିଲେ। ଅନେକ ଦିନର ବହୁ ପ୍ରତୀକ୍ଷିତ ଦର୍ଶନୀୟ ସ୍ଥାନ ଦର୍ଶନ କରିପାରିଥିବାରୁ ବସ୍ତିର ଅଧିବାସୀ ଯଶୋଦା ମା ଶ୍ରୀମତୀ ଲେଙ୍କାଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ଏ ମହତ୍ କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ ।

# ହାଡୁଆ ସେଚ ପ୍ରକଳ୍ପକୁ ବିଳମ୍ବିତ ନକରି ୨୦୨୬ରେ ଚାଷୀଙ୍କୁ ପାଣି ଦିଅ: ବିଜେଡି

ଭୁବନେଶ୍ୱର, (ସବ୍ୟୁ) ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ବଡ଼ମ୍ବା ନରସିଂହପୁର ଚାଷୀଙ୍କର ଆଶାର ହାଡୁଆ ମଧ୍ୟମ ସେଚ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ୨୦୨୪ ରେ ନବୀନ ବାବୁଙ୍କ ଦ୍ୱାରା ଡ୍ୟାମ ଓ ଆନୁଷଙ୍ଗିକ ମୁଖ୍ୟ କାର୍ଯ୍ୟ ଲୋକାର୍ପିତ ହେବା ଓ ଏହାର ଭୂତଳ ଜଳବାହି କେନାଲ ସିଷ୍ଟମ୍ ଶୁଭାରମ୍ଭ କରିବା ସହିତ ୨୦୨୫ ସୁଦ୍ଧା ଚାଷୀଙ୍କୁ ଜଳ ପହଞ୍ଚିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଗଲା ୨୦ ମାସରେ ଏଥିପାଇଁ ତ୍ୱରାନ୍ୱିତ ନିଷ୍ପତି ନନେବା ଫଳରେ ଅହେତୁକ ବିଳମ୍ବ ହୋଇଛି ବୋଲି କୁହାଯାଇଛି । ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା କେନାଲ ବ୍ୟବସ୍ଥା ସଂଲଗ୍ନ ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ କରିବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଏହି ପ୍ରକଳ୍ପ ପାଇଁ ୨୦୦୦ ମସିହାରେ ନବୀନ ସରକାର ନିଷ୍ପତି ନେବା ଓ ସୁପାରିସ କରିବା ପରେ ୨୦୦୧ ମାର୍ଚ୍ଚ ମାସରେ କେନ୍ଦ୍ରୀୟ ଜଳ ଆୟୋଗ, ଜଙ୍ଗଲ ପରିବେଶ ୧ମ ପର୍ଯ୍ୟାୟ ମଞ୍ଜୁରୀ , ପୁନର୍ବାସ ପାଇଁ ଜନଜାତି ବିଭାଗର ୨୦୦୪ରେ ମଞ୍ଜୁରୀ, ୨୦୦୭ରେ ଜଙ୍ଗଲ ଓ ପରିବେଶର ୨ୟ ପର୍ଯ୍ୟାୟ ମଞ୍ଜୁରୀ ହାସଲ କରାଯାଇଥିଲା । ଏହି ପ୍ରକଳ୍ପର ଉଦଘୋଷଣା ସେତେବେଳେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନରସିଂହପୁର ଠାରେ କରାଯାଇ ତା'ର କାର୍ଯ୍ୟାଳୟ ଓ ଆନୁଷ୍ଠାନିକ ଭିତ୍ତିଭୂମିର ଶୁଭାରମ୍ଭ କରାଯାଇଥିଲା । ଏହାର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଶ୍ରୀ ମିଶ୍ରଙ୍କ ଉଦ୍ୟମରେ ଯୋଜନା କମିଶନ, ଅର୍ଥବିଭାଗ ପ୍ରଥମ ଥର ପାଇଁ ମଧ୍ୟମ ସେଚ ପ୍ରକଳ୍ପକୁ ଗ୍ରାମୀଣ ଭିତ୍ତିଭୂମି ପାଣ୍ଠି ନାବାର୍ଡରେ ଅନ୍ତର୍ଭୁକ୍ତ କରିଥିଲେ । କିନ୍ତୁ ମାଟି ଡ୍ୟାମ କରିବା ତାପରେ କଂକ୍ରିଟ ଡ୍ୟାମ ପାଇଁ ବିଭିନ୍ନ ବୈଷୟିକ ନିଷ୍ପତିର ସମୟ ସାପେକ୍ଷତା ଏହା ୨୦୧୫ ଯାଏ ନୂତନ ଡିଜାଇନ୍ର ୮୭ତମ ବୈଷୟିକ କମିଟି ବୈଠକ ରେ ଅନୁମୋଦିତ ହୋଇଥିଲା ।

## ପଣାସଂକ୍ରାନ୍ତି ସନ୍ଧ୍ୟାରେ ସାରଳାପୀଠରେ

# ପ୍ରାର୍ଥନା ଚ୍ୟାନେଲ କଳାକାରଙ୍କ ଦ୍ୱାରା ଭଜନ ସମାରୋହ

ତିର୍ତ୍ତୋଲ (ସବ୍ୟୁ): ପ୍ରତିବର୍ଷପରି ଚଳିତବର୍ଷ ମଧ୍ୟ ପ୍ରସିଦ୍ଧ ଝଙ୍କଡ଼ ସାରଳା ପୀଠ କନକପୁର ବଜାର ପଡିଆରେ, ମହାବିଷୁବ ପଣାସଂକ୍ରାନ୍ତି, ଝାମୁଯାତ୍ରା ଓ ହନୁମାନ ଜୟନ୍ତୀ ଉପଲକ୍ଷେ, ପ୍ରାର୍ଥନା ଚ୍ୟାନେଲ ର ଖ୍ୟାତନାମା କଳାକାର ମାନଙ୍କ ଦ୍ୱରା ଭଜନ ସମାରୋହ କାର୍ଯ୍ୟକ୍ରମ ରବୀନ୍ଦ୍ର ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଉପଲକ୍ଷେ ବିଜୟ ମଲ୍ଲ, ଦେବୀଦତ୍ତ ମହାନ୍ତି ଓ ସରଣାରବିନ୍ଦଙ୍କ ରଚିତ, ମା ସାରଳା ଓ ପବନସୁତ ହନୁମାନଙ୍କ କାହାଣୀ ଉପରେ ଆଧାରିତ ନଅଟି ନୂତନ ଭକ୍ତିସଙ୍ଗୀତ ର ଶୁଭଉନ୍ମୋଚନ କରାଯିବ କ୍ଷ ଚୌଧୁରୀ ଭାରତୀକୃଷ୍ଣ ଦାଶ, ମନ୍ମଥ ମିଶ୍ର, କାର୍ତ୍ତିକ କୁମାର, ସଞ୍ଜୟ ଦାସ, ଅମିତ ତ୍ରିପାଠୀ, ବସନ୍ତ ମିଶ୍ର ଓ ରଞ୍ଜନ ମିଶ୍ର ଏହାକୁ ସଙ୍ଗୀତ ରେ ସଜାଇଛନ୍ତି । ପ୍ରାର୍ଥନା ଟିଭି ର " ଭକ୍ତିର ସ୍ୱର " ପ୍ରତିଭାମାନ କଣ୍ଠଶିଳ୍ପୀ




ମାନଙ୍କୁନେଇ ଏହି ଭଜନଆସର ର ଉପସ୍ଥାପନା କରିବେ, ଜ୍ୟୋତିର୍ବିଦ ନିରଞ୍ଜନ ମହାପାତ୍ର । ଚକୁଳିଆପଣ୍ଡା ଭୂମିକାରେ " ଶୁଣ ସୃଜନେ " କାର୍ଯ୍ୟକ୍ରମର କଳାକାର ସୁଦୀପ୍ତ ଓ ଅନନ୍ତ ଙ୍କ ସମେତ ପ୍ରାର୍ଥନା ର ବହୁବିଶିଷ୍ଟ କଳାକାର ମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ ବୋଲି ନାରାୟଣ ପ୍ରସାଦ ଜେନା, ସତ୍ୟଭୂଷଣ ଦାସ, ପ୍ରଦୀପ୍ତ କୁମାର ଲେଙ୍କା ଓ ସାରଳାସଂସ୍କୃତି ଗବେଷକ ରମାକାନ୍ତ ରାଉଳଙ୍କ ସମେତ ସମସ୍ତ ଆୟୋଜକ କମିଟି ଓ ରବୀନ୍ଦ୍ରପାଠାଗାର ର କର୍ମକର୍ତ୍ତା ମାନେ ସୂଚନା ପ୍ରଦାନ କରିଅଛନ୍ତି ।

## କେନ୍ଦୁଝରର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ

# ଇଞ୍ଜିନିୟରିଂ-ମେଡିକାଲ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି ପଛୁଆ ବର୍ଗଙ୍କ ପାଇଁ ନୂତନ ସୁଯୋଗ : ମୁଖ୍ୟମନ୍ତ୍ରୀ

କେନ୍ଦୁଝର (ସବ୍ୟୁ) :ଆଗାମୀ ଭାରତ ବୈଷୟିକ ଜ୍ଞାନ କୌଶଳର ଭାରତ ହେବ । ଗବେଷଣା, କୃତ୍ରିମ ମେଧା (ଏଆଇ) ଓ ଇନୋଭେସନର ସଠିକ ବ୍ୟବହାର ଦ୍ୱାରା ଦେଶର ସମୃଦ୍ଧି ସୁନିଶ୍ଚିତ ହେବ ବୋଲି କେନ୍ଦୁଝରସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ (ଜିସିଇ)ର ରୌପ୍ୟ ଜୟନ୍ତୀ ସମାରୋହରେ, ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଛାତ୍ରଜୀବନର ସଂଘର୍ଷ ଦିନଗୁଡ଼ିକୁ ସ୍ମରଣ କରି କହିଥିଲେ ଯେ, ୧୯୯୫ ମସିହାରେ ଏହି ସଂସ୍ଥା ପ୍ରତିଷ୍ଠା ସମୟରୁ ଆଜି ପର୍ଯ୍ୟନ୍ତ ଏହା ଉତ୍ତର ଓଡ଼ିଶାର ଯୁବପିଢ଼ି ପାଇଁ ଆଶାର ପ୍ରତୀକ ରହିଛି । ମଧ୍ୟବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସତ୍ତ୍ୱେ ଲୋକମାନଙ୍କର ସମୂହ ଉଦ୍ୟମ ଓ ସଂକଳ୍ପ ଦ୍ୱାରା ୨୦୦୧ ମସିହାରେ ଏହି ସଂସ୍ଥା ପୁନଃଜୀବନ ଲାଭ କରିଥିଲା, ଯାହା ଏକତା ଓ ଦୃଢ଼ ସଙ୍କଳ୍ପର ଉତ୍କୃଷ୍ଟ ଉଦାହରଣ ବୋଲି ସେ କହିଥିଲେ ।




ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଏହି ମହାବିଦ୍ୟାଳୟରୁ ପ୍ରାୟ ୬୫୦୦ ରୁ ଅଧିକ ଛାତ୍ରଛାତ୍ରୀ ଦେଶ-ବିଦେଶରେ ସଫଳତାର କାର୍ଯ୍ୟ କରୁଛନ୍ତି । ପ୍ଲେସମେଣ୍ଟ ବ୍ୟବସ୍ଥା ସନ୍ତୋଷଜନକ ହେବା ସହିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟାଂଶୁ ପାଲ ସଫଳତାକୁ ସେ ମହାବିଦ୍ୟାଳୟର ଗୌରବ ବୋଲି କହିଥିଲେ । ଏହି ପରିପ୍ରେକ୍ଷିତରେ ଜିସିଇକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଘୋଷଣା କରି ସେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚତରର ଗବେଷଣା ଓ ଦକ୍ଷତା ବିକାଶରେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟର ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟି ବିଷୟରେ ମୁଖ୍ୟମନ୍ତ୍ରୀ ଜଣାଇଥିଲେ ଯେ, ଗତ ଦୁଇ ବର୍ଷରେ ପ୍ରାୟ ୨.୮ ଲକ୍ଷ କୋଟି ଟଙ୍କାର ବିନିଯୋଗ ହୋଇଥିବା ସହ ୨ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଶିଳ୍ପକୁ ଆଧାର କରି ଓଡ଼ିଶା ଏବେ ରାଜ୍ୟର ଯୁବପିଢ଼ିମାନଙ୍କ ପାଇଁ ଏକ ଆକର୍ଷଣ କେନ୍ଦ୍ର ଭାବେ ଉଭା ହେଉଛି । ସେ ଆହୁରି କହିଥିଲେ ଯେ, ଇଞ୍ଜିନିଅରିଂ ଓ ମେଡିକାଲ ଶିକ୍ଷାରେ ଆଦିବାସୀ, ଦଳିତ ଓ ଏସଇବିସି ବର୍ଗ ପାଇଁ ସଂରକ୍ଷଣ ବୃଦ୍ଧି କରାଯାଇଛି, ଯାହା ରାଜ୍ୟରେ ପଛୁଆ ବର୍ଗଙ୍କ ଶିକ୍ଷାର ବିକାଶକୁ ସୁନିଶ୍ଚିତ କରିବ । ସେ ଉଲ୍ଲେଖ କରିଥିଲେ ଯେ, ପରମାଣୁ ଆଧାରିତ ଶକ୍ତି ଉତ୍ପାଦନରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି । ଓଡ଼ିଶାରେ ପ୍ରଚୁର ଥୋରିଅମ ସମ୍ପଦ ଥିବାରୁ ଭବିଷ୍ୟତରେ ଏଠାରେ ପରମାଣୁ ଶକ୍ତି କେନ୍ଦ୍ର ପ୍ରତିଷ୍ଠାର ଉଜ୍ଜ୍ୱଳ ସମ୍ଭାବନା ରହିଛି ।ଯୁବବର୍ଗଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ଚାକିରି ଖୋଜୁଥିବା ଆଶାୟୀ ନୁହେଁ, ଚାକିରି ସୃଷ୍ଟି କରୁଥିବା ମଣିଷ ହୁଅନ୍ତୁ । ଇନୋଭେସନ ଦ୍ୱାରା ନୂତନ ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ କରିଥିଲେ । ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ଯୁବଶକ୍ତିର ଭୂମିକା ନିର୍ଣ୍ଣାୟକ ବୋଲି ସେ କହିଥିଲେ ।

ଏହି ଉତ୍ସବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ , ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂ,ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ , ଗଭର୍ଣ୍ଣିଙ୍ଗ ବଡି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସେନାପତି ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

## କାକବନ୍ଧ ସରକାରୀ ଆଶ୍ରମ ବିଦ୍ୟାଳୟରେ ଅଘଟଣ

# ପଖାଳ ଖାଇ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଡାକ୍ତରଖାନାରେ

ବାରିପଦା, (ସବ୍ୟୁ): ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ୬୦ରୁ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେବା ଘଟଣା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏପରି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେବା ସହିତ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରାଯାଇଛି। ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଅଛି । କାକବନ୍ଧ ଜନଜାତି ଓ ଅନୁସୂଚିତ ଜାତି ସରକାରୀ ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ଥିବାବେଳେ ୨୯୦ଜଣ ଛାତ୍ରଛାତ୍ରୀ ହଷ୍ଟେଲ ରହି ପାଠ ପଢ଼ନ୍ତି । ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପାଣିଗ୍ରାହୀ ଦୀର୍ଘ ବର୍ଷ ଧରି ଅଛନ୍ତି । ତେବେ ରବିବାରି ପୂର୍ବାହ୍ନ ୯ଟା ସମୟରେ କିଛି ଛାତ୍ରଛାତ୍ରୀ ଅସୁସ୍ଥ ଅନୁଭବ କରିବାରୁ ସେମାନଙ୍କୁ ଅଟୋ ଯୋଗେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତେବେ ପୁଣି ଅନ୍ୟ ଛାତ୍ରଛାତ୍ରୀ ଦେହ ଅସୁସ୍ଥ ହେବାରୁ ଉକ୍ତ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସିତ କରାଯାଇଥିଲା । ଏମିତି ମୋଟ୍ ୬୫ଜଣ ଛାତ୍ରୀଛାତ୍ର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତେବେ ଦୂଷିତ ଖାଦ୍ୟ ଖାଇ ଫୁଡ୍‌ପଏଜନ ହୋଇଥାଇ ପାରେ ବୋଲି କହିଛନ୍ତି ଡାକ୍ତର ଏସ.ମଣ୍ଡଳ । ଏନେଇ ପ୍ରଧାନଶିକ୍ଷକ ପାଣିଗ୍ରାହୀଙ୍କୁ ପଚାରିବାରୁ ମେନ୍ୟୁ ହିସାବରେ ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦିଆଯାଇଛି ଏବଂ ସକାଳେ ପଖାଳ, ଆଳୁ ସିଝା ଚଟଣି, ଭଜା ଖାଇବାକୁ ଦିଆଯାଇଛି ଓ ସଠିକ ଖାଦ୍ୟ ଦିଆଯାଇଛି ବୋଲି କହିଛନ୍ତି । ଘଟଣାସ୍ଥଳରେ ସିଡିପିଓ ମାଳତୀ ମାର୍ଣ୍ଡି ପହଞ୍ଚି ଅନୁଧ୍ୟାନ କରିଛନ୍ତି । ଏବାବଦରେ ସିଡିପିଓ ମାର୍ଣ୍ଡିଙ୍କୁ ପଚାରିବାରୁ ହଷ୍ଟେଲ ଦାୟିତ୍ୱରେ ଥିବା ପାଣିଗ୍ରାହୀ ମେନ୍ୟୁ ହିସାବରେ ଉପମା ଦିଆଯିବାକୁ ଥିବାବେଳେ ଉପମା ନଦେଇ ପଖାଳ ଖାଇବାକୁ ଦିଆଯାଇଥିଲା ଏବଂ କିଛି ପିଲା ଖାଦ୍ୟ ନଖାଇବାରୁ ସ୍ୱାସ୍ଥ୍ୟଅବସ୍ଥା ବିଗିଡିଛି ଏବଂ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି ।



# ରେଶମ ସହର ମହୋତ୍ସବ ଉଦ୍‌ଯାପିତ : ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ଓ କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର

ବ୍ରହ୍ମପୁର, (ସବ୍ୟୁ): ରେଶମ ସହର ମହୋତ୍ସବ ତା ସହିତ ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଉଦଯାପିତ ହୋଇଯାଇଛି । ଏହି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ଓ ସମ୍ମାନିତ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ନୀତି ଶେଖର, ଗଞ୍ଜାମ ଜିଲ୍ଲାପାଳ ୱି. କୀର୍ତ୍ତି ଓ୍ୱାସନ, ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣା ବିବେକ ଏମ, ବରିଷ୍ଠ ସମାଜସେବୀ ସାରଦା ପ୍ରସାଦ ଶତପଥୀ ଓ ସରୋଜ ସାବତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଯୋଗଦେଇଥିଲେ । ଅଳ୍ପ ଦିନ ମଧ୍ୟରେ ନାରୀ ଅଧିନିୟମ ବିଧେୟକ ପାରିତ ହେବାକୁ ଯାଉଛି । ଏହାଦ୍ୱାରା ମହିଳାମାନେ ଆହୁରି ସଶକ୍ତ ହେବେ । ତେଣୁ ପ୍ରଧାନମନ୍ତ୍ରୀ ସମସ୍ତ ସାଧୁବାଦର ପାତ୍ର ବୋଲି ଆସ୍କା ସାଂସଦ ଶ୍ରୀମତୀ ଶୁଭଦର୍ଶିନୀ ଉଲ୍ଲେଖ କରିଥିଲେ ।ନିଜ କଳା, ସାହିତ୍ୟ, ସଂସ୍କୃତି, ଐତିହ ଓ ପରମ୍ପରାକୁ ନେଇ ଗଞ୍ଜାମବାସୀ ସବୁବେଳେ ଗର୍ବ କରିଆସିଛନ୍ତି । ଆଗକୁ ମଧ୍ୟ ଏହି ମନୋଭାବ ବଳବତ୍ତର ରଖି ଗଞ୍ଜାମକୁ ଦେଶର ପ୍ରଗତି ଓ ପରମ୍ପରାର ଏକ ଅନୁକରଣୀୟ ଜିଲ୍ଲାରେ ପରିଣତ କରିବା ପାଇଁ ସାଂସଦ ଶୁଭଦର୍ଶିନୀ ଜିଲ୍ଲାବାସୀଙ୍କ ସ୍ୱାଭିମାନୀ ସହଯୋଗ କାମନା କରିଥିଲେ । ଏହି ମହୋତ୍ସବ ବ୍ରହ୍ମପୁର ଓ ଗଞ୍ଜାମର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ପ୍ରଗତିକୁ ଆଶାନୁରୂପ ପ୍ରତିଫଳିତ କରିପାରିଛି ବୋଲି ବ୍ରହ୍ମପୁର ବିଧାୟକ ଶ୍ରୀ କୁମାର, ଆରକ୍ଷୀ ମହାନିରୀକ୍ଷକ ଶ୍ରୀ ଶେଖର, ଜିଲ୍ଲାପାଳ ଶ୍ରୀ ୱାସନ କହିବା ସହିତ ସମାରୋହର ସଫଳତା ପାଇଁ ବ୍ରହ୍ମପୁରବାସୀ, ସମାରୋହର ସମସ୍ତ ସହଯୋଗୀ, ଅଂଶଗ୍ରହଣକାରୀ ଓ କଳାକାରମାନଙ୍କୁ ସାଧୁବାଦ ଜ୍ଞାପନ କରିବା ସହିତ ରେଶମ ପାଟକୁ ବିଶ୍ୱବିଦିତ କରିବା ପାଇଁ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ । ଗଞ୍ଜାମ ଜିଲ୍ଲାର ଗର୍ବ ଓ ଗୌରବ ଆୟୁଷି ଦାସ, ସିମାଞ୍ଚଳ ବାରିକଙ୍କ ସମେତ ସଫଳ ଉଦ୍ୟୋଗୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ସହଯୋଗୀମାନେ ଆଜିର ସଙ୍ଗୀତମୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ । ତା ସହିତ କଳିଙ୍ଗ ନୃତ୍ୟ ଧାରା ପକ୍ଷରୁ ଓଡ଼ିଶୀ ନୃତ୍ୟ, ଅନିରୁଦ୍ଧ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆଧୁନିକ ନୃତ୍ୟ, ମିନି ମିରାକଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ଆଧୁନିକ ନୃତ୍ୟ, କଳା ବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ, ପଦ୍ମବିଭୂଷଣ ଗୁରୁ କେଳୁଚରଣ କଳା କେନ୍ଦ୍ର ପକ୍ଷରୁ ଓଡିଶୀ ନୃତ୍ୟ, ୱାଓ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ଆଧୁନିକ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟାୟନ ପକ୍ଷରୁ ପରିବେଷିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରିପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।



# ଛୁରାମାଡ଼ ଘଟଣା: ୧୨ ଜଣଙ୍କ ନାମରେ ଏତଲା ଦେଲେ ପତ୍ନୀ

ବାଲେଶ୍ୱର,(ସବ୍ୟୁ): ଶୁକ୍ରବାର ରାତି ୮ଟା ସମୟରେ ଜଳେଶ୍ୱର ଥାନା ଅଧୀନ ମହମ୍ମଦ ନଗର ପାଟଣା ପଞ୍ଚାୟତ ସେକ୍‌ସରାଇ ଗାଁର ସମାଜସେବୀ ହରିପଦ ମାନ୍ନାଙ୍କୁ ତଣ୍ଟି କାଟି ହତ୍ୟା ଉଦ୍ୟମ ଘଟଣାରେ ତାଙ୍କ ପନୀ ଅର୍ଚ୍ଚନା ରବିବାର ଦିନ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ଚନ୍ଦନ ବାସ୍କେ, ସାଗର ବାସ୍କେ, ଭରତ ବାସ୍କେ, ଅଭିଷେକ ଦେ, ସରୋଜ ସାହୁ, ସୁବୋଧ ବେହେରା, ଅଶୋକ ପଲେଇ, ପ୍ରଶାନ୍ତ ପଲେଇ, ମଦନ ଟୁଡୁ, ଦେବେନ୍ଦ୍ର ନାୟକ, ଚନ୍ଦନ ନାୟକ, ରବୀନ୍ଦ୍ର ନାୟକ,ମଦନମୋହନ ସାହୁଙ୍କ ସମେତ ୧୨ ଜଣଙ୍କ ନାମ ଦର୍ଶାଇଛନ୍ତି । ସେମାନେ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ମିଳିତ ଭାବେ ଆକ୍ରମଣ କରିଥିବା ସେ ଉଲ୍ଲେଖ କରିଛନ୍ତି । ଏପଟେ ଗୁରୁତର ହରିପଦଙ୍କୁ ଗତକାଲି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ନିଆଯାଇଥିଲା । ହରିପଦଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ହରିପଦ ନିୟମିତ ବାଲି ମାଫିଆଙ୍କୁ ବିରୋଧ, ପ୍ରତିବାଦ ସଭା ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରୁଥିବାରୁ ମାଫିଆମାନେ ତାଙ୍କୁ ଯୋଜନାବଦ୍ଧ ହତ୍ୟା କରିବାକୁ ଏପରି କାଣ୍ଡ ଭିଆଇଥିବା ଅଭିଯୋଗ ହେଉଥିବା ବେଳେ ପୁଲିସ ୨୧୬ରେ ର ମାମଲା ରୁଜୁ କରି ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏସ୍‌ଆଇ ଚିରଞ୍ଜିବୀ ରାଉତ ଘଟଣାର ତଦନ୍ତଭାର ନେଇଛନ୍ତି ।

# ପଞ୍ଚମାରେ ଜଘନ୍ୟ ହତ୍ୟାକାଣ୍ଡ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ର,,। ପଞ୍ଚାୟତ ପଞ୍ଚମା ଗ୍ରାମ ନିକଟସ୍ଥ ଏକ ତୋଟାରେ ରବିବାର ଦିନ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟି ଯାଇଛି । ପଞ୍ଚମା ଗ୍ରାମର ୬୫ ବର୍ଷୀୟ ଏକାଦଶୀ ନାହାକ (୬୫)ଙ୍କୁ କେହି ହତ୍ୟା କରିଥିବା ଜଣା ପଡିଛି । ମୃତକ ଜଣକ ଜଣେ ଶାନ୍ତ ଶିଷ୍ଟ ଏବଂ ଗ୍ରାମରେ ଝଡା ଫୁଙ୍କା (ଦାସେରୀ ) କାର୍ଯ୍ୟ ସହ ପାନ ଚାଷ କରି ନିଜର ଗୁଜରାଣ କରୁଥିଲେ । ରବିବାର ଦିନ ତାଙ୍କ ପାନ ବାଡ଼ ରେ ପାନ ତୋଳା ଚାଲିଥିଲା,ଦିନ ସାଢ଼େ ଗୋଟାଏ ସମୟରେ ସେ କାମ ବନ୍ଦ କରି ନିଜ ଘରକୁ ଆସି ଖାଇପିଇ ପୁଣି ନିଜ ପାନ ବାଡ଼କୁ ଯିବା ସମୟରେ ଉକ୍ତ ତୋଟା ମଝିରେ ଏକାଧିକ ଦୁର୍ବୃତ୍ତ କୌଣସି ମରଣାସ୍ତ୍ରରେ ତାଙ୍କ ବେକକୁ ଅତି ବିଭତ୍ସ ଭାବେ ହାଣି ପକାଇ ଥିଲେ, ଫଳରେ ଘଟଣା ସ୍ଥଳରେ ହିଁ ଏକାଦଶୀଙ୍କ ମୃତ୍ୟୁ ଘଟିଥିଲା ।ଖବର ପାଇ ଗୋଲନ୍ଥରା ଥାନା ପୋଲିସ ଘଟଣା ସ୍ଥଳରେ ତୁରନ୍ତ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ।ପରେ ପରେ ସଦର ଏସ. ଡି. ପି. ଓ. ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣ ବିବେକ. ଏମ ଙ୍କ ସହ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣା ର ଅଧିକ ତଦନ୍ତ ଜାରି ରଖିଥିବା ଜଣା ପଡିଛି ।

# ସମାଜସେବୀ ମନୋରମା ମହାନ୍ତିଙ୍କ ପରଲୋକ

ବାରିପଦା, (ସବ୍ୟୁ): ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ମାତା ସମାଜସେବୀ ମନୋରମା ମହାନ୍ତି( ୯୩)ଙ୍କ ରବିବାର ସକାଳେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ମନୋରମା ମହାନ୍ତି ବାରିପଦା ପୌରପରିଷଦର ପୂର୍ବତନ କାଉନ୍‌ସିଲର ତଥା ଜଣେ ପରୋପକାରୀ, ଧର୍ମପରାୟଣ, ମାତୃବତ୍ସଳ ଓ ସାମଜସେବୀ ଭାବେ ସବୁଠି ଆଦୃତ ଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ବାସଭବନରେ ବହୁ ବିଶିଷ୍ଟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତଥା ରାଜନେତା ପ୍ରମୁଖଙ୍କ ସହ ସାଧାରଣ ଜନତା ଉପସ୍ଥିତ ହୋଇ ମରଶରୀରରେ ପୁଷ୍ପମାଲ୍ୟଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବଡପୁଅ ସଚ୍ଚିଦାନନ୍ଦ, ବଡବହୁ ନିବେଦିତା, ସାନପୁଅ କୃଷ୍ଣାନନ୍ଦ, ସାନବହୁ ଅରୁଣିମା, ନାତି ଅର୍ଣ୍ଣବ ଓ ଅନିବେଶ, ନାତୁଣୀ ନେହା ପ୍ରମୁଖଙ୍କ ସହ ପରିବାରବର୍ଗ ଓ ଆତ୍ମୀୟସ୍ୱର୍ଜନ ଉପସ୍ଥିତ ଥିଲେ। ବାରୁଣୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା।

# ଓଡିଶା ଭେଷଜ ଗବେଷଣା ଓ ସାସ୍ଥ୍ୟ ସେବା ପ୍ରତିଷ୍ଠାନ (ଓମ୍ରା)ର ବାର୍ଷିକ ଉତ୍ସବ

ନିଆଳି, (ସବ୍ୟୁ): ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଓଡ଼ିଶା ଭେଷଜ ଗବେଷଣା ଓ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ (ଓମ୍ରା)ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଓମ୍ରାର ସଭାପତି ଡାକ୍ତର ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ମାନୀତ ଅତିଥି ଭାବରେ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର , ପ୍ରଫେସର ଡାକ୍ତର ନିରଞ୍ଜନ ରାଉତ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ସ୍ୱାଇଁ, ଆଡଭୋକେଟ ମନ୍ଦାକିନୀ ଜେମା, ନିବେଦିତା ମହାନ୍ତି ଯୋଗ ଦେଇଥିଲେ । ସମସ୍ତ ଅତିଥି ଓମ୍ରାର ସମାଜସେବା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ଓ ଅନୁଷ୍ଠାନ ସମ୍ପର୍କରେ ଡାଃ ମିଶ୍ର ପ୍ରାରମ୍ଭରେ ସୂଚନା ଦେଇଥିଲେ । ସମ୍ପାଦିକା ନଳିନୀ ପ୍ରଭା ମିଶ୍ର ବିବରଣୀ ପାଠ କରିଥିଲେ । ଓମ୍ରା ସମ୍ପର୍କିତ ଫଟୋ ଓ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା ।




ନିଆଳି ଓ କଣ୍ଟାପଡ଼ା ବ୍ଲକରେ ନିକଟରେ ଆରମ୍ଭ କରାଯାଇଥିବା ଟିଆଇ ପ୍ରୋଜେକ୍ଟ ସମ୍ପର୍କରେ ଓମ୍ରାର ସଂଚାଳକ ଗଣେଶ ଚନ୍ଦ୍ର ଦାଶ ସୂଚନା ଦେଇଥିଲେ । ଓମ୍ରାର ଅବିନାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଚିତ୍ତରଞ୍ଜନ ସେବା ସଦନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫେସର ସୌମ୍ୟରଞ୍ଜନ ମିଶ୍ର ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭାରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଅନୁଷ୍ଠାନର କର୍ମକର୍ତ୍ତା, ସାମ୍ବାଦିକ, ଶିକ୍ଷାବିତ, ସମାଜସେବୀ ତଥା ଓମ୍ରାର କର୍ମଚାରୀମାନେ ଯୋଗ ଦେଇଥିଲେ ।

# ଶାଶୁ ଘର ଆଗରେ ବୋହୂର ଧାରଣା : ଘଟଣା ସ୍ଥଳରେ ପୋଲିସ

ବାସୁଦେବପୁର, (ସବ୍ୟୁ) : ବାସୁଦେବପୁର ବ୍ଲକ ବାଲିମୁଣ୍ଡା ପଞ୍ଚାୟତର ଗୋଚରସାହିର ବୋହୂର ମାନ୍ୟତା ଦାବୀକରି ଶାଶୂ ଘର ଆଗରେ ଧାରଣା ଦେଇଥିଲେ । ଖବରପାଇ ନାହିକାଣୀଡିହି ପୋଲିସ ଘଟଣା ସ୍ଥଳୀର ପହଞ୍ଚି ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ବାଲିମୁଣ୍ଡା ଗୋଚରସାହିର ସୁଧାଂଶୁ ଜେନାଙ୍କ ପୁଅ ଗୌରବ ଜାନା କରଣପଲ୍ଲୀ ଗ୍ରାମର ବିମଳ ଗିରିଙ୍କ କନ୍ୟା ସସ୍ମିତାଙ୍କୁ ବୈଦିକ ରୀତିରେ ୨୦୧୭ ମସିହାର ବିବାହ କରିଥିଲେ । ବିବାହର କିଛି ମାସ ପରେ ପରିବାର ମଧ୍ୟରେ ଅଶାନ୍ତି ଦେଖା ଦେବାରୁ ମଧ୍ୟସ୍ଥିଙ୍କ ମାଧ୍ୟମରେ ଆପୋଷ ସମାଧାନ ହୋଇଥିଲା । ଶାଶୁ ଓ ଶଶୁର ବୋହୂକୁ ନିର୍ଯାତନା ଦେଇ ଆସୁଥିଲେ । ବୋହୂ ଥାନାର ଲିଖିତ ଅଭିଯୋଗ କରି ବାପ ଘରେ ରହୁଥିଲେ । ପତି ଓ ପନୀଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲେ ମଧ୍ୟ ଶାଶୁ ଓ ଶଶୁର ପ୍ରତିବନ୍ଧକ ସାଜିଥିଲେ । ବୋହୂ ସସ୍ମିତା ଫେମିଲ କୋର୍ଟରେ କେଶ କରିଥିଲେ । କୋର୍ଟ କେଶ ଚାଲିଥିବାବେଳେ ପତି ଓ ପନୀଙ୍କର ଛାଡପତ୍ର ହୋଇନାହିଁ ।

ଗୌରବ ସିଲିଗୁଡିର ଫାଲକାଡା ଗ୍ରାମର ମମତା ରାୟ ନାମକ ଯୁବତୀକୁ ଲଭ ମ୍ୟାରେଜ କରିଛନ୍ତି । ତାଙ୍କ ଠାରୁ ଜନ୍ମ ନେଇଥିବା ଶିଶୁ ପୁତ୍ରର ଚାରି ବର୍ଷ ହେଲାଣି । ରବିବାର ଦିନ ଡହଡହ ମୁଣ୍ଡ ଫଟା ଖରା ଲାଗି ରହିଥିବା ବେଳେ ସସ୍ମିତା ଶଶୁର ଘରକୁ ଆସି ରହିବାକୁ ଘରକୁ ଯାଇଥିଲେ । ଘରେ ଥିବା ଶାଶୁ ଓ ସଉତୁଣୀ ତଣ୍ଟିଆ ମାରି ଘରୁ ବାହାର କରି ଦେଇଥିଲେ । ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ।ଶଶୁର ଘରେ ରହିବାକୁ ଜିଦ ଧରି ସସ୍ମିତା ଘର ଆଗରେ ବସି ରହିଥିଲେ । ଖବରପାଇ ନାହିକାଣୀଡିହି ପୋଲିସ ଘଟଣା ସ୍ଥଳୀର ପହଞ୍ଚି ଉଭୟଙ୍କୁ ଡାକି ପଚରା ଉଚରା କରିଥିଲେ । ଗୌରବଙ୍କର ଦ୍ୱିତୀୟ ପନୀ ମମତା ସବୁ ଜାଣି ଗୌରବକୁ ବିବାହ କରିଛନ୍ତି ବୋଲି ପୋଲିସ ଆଗରେ ସ୍ୱୀକାର କରିଥିଲେ । ଜଣେ ପୁରୁଷ ତାଙ୍କର ପ୍ରଥମ ପନୀଙ୍କୁ ବିବାହ କରି ମନାନ୍ତର ପରେ ଫେମିଲ କୋର୍ଟରେ କେଶ ପେଣ୍ଡିଙ୍ଗ ରହିଛି । ବିବାହିତ ପୁରୁଷ ଜଣକ ଛାଡପତ୍ର ନଦେଇ ଦ୍ୱିତୀୟବାର ବିବାହ କରିବା ଏକ ଭୟଙ୍କର ଅପରାଧ ବୋଲି ପୋଲିସ କହିଥିଲେ । ଗୌରବକୁ ପୋଲିସ ଡକାଇ ଥିବାବେଳେ ଗୌରବ ପୋଲିସ ଭୟରେ ଲୁଚି ଯାଇଥିଲା । ଘଟଣାସ୍ଥଳୀରେ ଦୁଇ ପକ୍ଷଙ୍କ ମଧ୍ୟରେ କଥା କଟା କଟି ଲାଗିଥିଲେ । କୌଣସି ସମାଧାନ ନବାହାରିବାରୁ ଶେଷରେ ପୋଲିସ ଦୁଇ ପକ୍ଷଙ୍କୁ ଥାନାକୁ ଡକାଇଛନ୍ତି ।





# ଗ୍ରାମବାସୀଙ୍କ ପକ୍ଷରୁ ରୁମଟା କମ୍ପାନୀକୁ ବିରୋଧ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ଧରମପୁର ପଂଚାୟତରେ ଗତକାଲି ସନ୍ଧ୍ୟା ସମୟରେ ରୁମଟା କମ୍ପାନୀର ମେସିନ ବୋଝେଇ ଏକ ଟ୍ରକ ବୋରୱେଲ ନିମନ୍ତେ ସରେଇଲୋ ଗ୍ରାମକୁ ଯାଇଥିଲା । ଏହି ଖବର ପାଇବା ପରେ ଧରମପୁର ପଂଚାୟତର ଖଇରାପାଳ, ସରେଇଲୋ ଓ ଧରମପୁର ଗ୍ରାମ ଶତାଧିକ ପରୁଷ, ମହିଳାମାନେ ସେଠାରେ ପଂହଚି ଗାଡ଼ି ଓ ଚାଳକମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିଲେ ।



ଗତ ୯ତାରିଖ ଦିନ ୩ଟି ଗ୍ରାମରୁ ୫ଶହରୁ ଅଧିକ ପୁରୁଷ, ମହିଳା ଉପଜିଲ୍ଲାପାଳ, ତହସିଲଦାର, ଏସ ଓ ରୁମଟା କମ୍ପାନୀର ପ୍ରତିନିଧିଙ୍କ ସହ ଆଲୋଚନା ହେବାପରେ ଉପଜିଲ୍ଲାପାଳ କମ୍ପାନୀକୁ ଗ୍ରାମବାସୀଙ୍କ ସହ ଆଲୋଚନା କରିବାପରେ ସହମତିକ୍ରମେ କାର୍ଯ୍ୟ ହୋଇପାରିବ ବୋଲି ନିଷ୍ପତି ହୋଇଥିଲା। କମ୍ପାନୀ କେବଳ କିଛି ଲୋକଙ୍କ ସହ ଆଲୋଚନା କରି ସନ୍ଧ୍ୟା ସମୟରେ କରିବାକୁ ମେସିନ ଆଣୁଥିବା ବେଳେ ଲୋକେ ଉତ୍ୟକ୍ତ ହୋଇ ମେସିନ ସହ ଚାଳକଙ୍କୁ ଅଟକାଇ ରଖିଥିଲେ । ତେବେ ଅନେକ ସମୟ ଧରି ଗାଡ଼ି ଅଟକାଇବା ପରେ ମଧ୍ୟ ରୁମଟା କମ୍ପାନୀର କୌଣସି ଅଧିକାରୀ ଘଟଣା ସ୍ଥଳକୁ ପଂହଚି ନଥିଲେ । ପୋଲିସ ସହାୟତାରେ କମ୍ପାନୀ ମେସିନ ଓ ଚାଳକଙ୍କୁ ନେବାକୁ ଆସିଥିବା ବେଳେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ପଂଚାୟତବାସୀମାନେ ଏକ ଚୁକ୍ତି କରିଥିଲେ ଯେ, ପୁନର୍ବାର ପଂଚାୟତ ସ୍ତରରେ କୌଣସି ନିଷ୍ପତି ନହେବା ପର୍ଯ୍ୟନ୍ତ ରୁମଟା କମ୍ପାନୀ ଗ୍ରାମରେ ପ୍ରବେଶ କରିପାରିବ ନାହିଁ ବୋଲି ଲିଖିତ ପ୍ରତିଶୃତି ମିଳିବାପରେ ମେସିନକୁ ଛ ଯାଇଥିଲା ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଜଣାପ ।

# ଆଇଏମଏଫଏଲରୁ ୬୨ଲକ୍ଷ ଟଙ୍କା ଅନିୟମିତତା : ୨ ଗିରଫ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଗଣେଷ ବଜାର ଶ୍ରୀରାମ ବିହାରର ଜର୍ନୈକ ବ୍ୟକ୍ତି ଆଇଏମଏଫଏଲ ଦୋକାନରୁ ୬୦ଲକ୍ଷ ୧ ହଜାର ୩୩୦ଟଙ୍କା ଅନିୟମିତତା ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି ।

ଗଣେଷ ବଜାର ଶ୍ରୀରାମ ବିହାରରେରହୁଥିବା ଦେବବ୍ରତ ମହାନ୍ତିଙ୍କ ପତ୍ନୀ ପ୍ରଭାସିନୀ ମହାନ୍ତି ଆଇଏମଏଫଏଲ ଦୋକାନରୁ ପ୍ରାୟ ୬୨ଲକ୍ଷ ୧ ହଜାର ୩୩୦ଟଙ୍କା ଅନିୟମିତତା ହୋଇଥିବା ଟାଉନ ଥାନାରେ ଅଭିଯୋଗ କରିଥିଲେ।



ଅଭିଯୋଗକୁ ନେଇ ଥାନାରେ ୨୫୦/୨୬ରେ ମାମଲା କରାଯିବା ସହିତ ଏହି ମାମଲାରେ ଜଡିତ ଥିବା ସଦରଥାନା ଗୁଣ୍ଡିଚାପଡା ବେଣାଳିଆ ଗ୍ରାମର ବିନୋଦ କୁମାର ବେହେରା (୫୧) ଏବଂ ଟାଉନଥାନା ଗୁଡିଆ ନାଳୀର ଦୟାନିଧି ବରାଳ (୬୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି ।

# ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନୀଳଗିରି, (ସବ୍ୟୁ): ହତ୍ୟା ଅଭିଯୋଗରେ ବିଚାରାଧୀନ କଏଦୀ ଭାବରେ ନୀଳଗିରି ଜେଲରେ ଥିବା ଜଣେ ଯୁବକଙ୍କ ହଠାତ୍ ରବିବାର ଦିନ ମୃତ୍ୟୁ ଘଟିଛି । ଏହାଜଣାପଡ଼ିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟଖେଳିଯାଇଛି। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ପାଇକପଡା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସ୍ୱର୍ଗତ ଅନାମ ନାଏକ ଓରଫ ପେଟୁଙ୍କ ପୁଅ ଶ୍ରୀକାନ୍ତ ନାଏକ (୪୦) ଗତ ୨୦୨୧ମସିହା ଜୁନ୧୯ ତାରିଖରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ଏନେଇ ଔପଦା ଥାନାରେ କେଶ୍ ନମ୍ବର ୪୩/୨୧ରେ ମାମଲା ରୁଜୁହୋଇ ବାଲେଶ୍ୱର ଜେଲରେ ବିଚରାଧୀନ ବନ୍ଦୀ ଭାବରେ ରହିଥିଲେ। ତେବେ ଏହି ଘଟଣାରେ ଶ୍ରୀକାନ୍ତଙ୍କୁ ଭାରତୀୟ ପିଙ୍ଗଲକୋଡ଼ ୩୦୨ଦଫାରେ ବିଚାରଧୀନ କଏଦୀ ଭାବରେ ମାମଲା ଚାଲୁଥିବା ବେଳେ ଗତ ୮/୧୦/୨୫ରେ ନୀଳଗିରି ଜେଲକୁ ସ୍ଥାନାନ୍ତର ହୋଇ ଆସିଥିଲେ। ତେବେ ରବିବାର ଅପରାହ୍ଣ ପ୍ରାୟ ୨.୫୦ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଦେହହାତ ଥରିବାରୁ ଜେଲ କର୍ତ୍ତୃପକ୍ଷ ନୀଳଗିରି ମେଡିକାଲକୁ ଆଣିଥିବା ଜେଲର ସୂପକ କୁମାର ନାୟକ ସୂଚନା ଦେଇଛନ୍ତି। ମାତ୍ର ହସ୍ପିଟାଲ ପହଞ୍ଚିବାପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ସୂଚନା ଦେଇଛନ୍ତି। ମୃତକ ଶ୍ରୀକାନ୍ତଙ୍କ ପରିବାରର ମାଆ, ପତ୍ନୀ ଓ ଝିଅ ନୀଳଗିରିରେ ପହଞ୍ଚି ମୃତ୍ୟୁକୁ ସହଜରେ ଗ୍ରହଣକରିନଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ ଦାବିକରିଛନ୍ତି। ଆସନ୍ତାକାଲି ମୃତକଙ୍କ ଶବବ୍ୟବଚ୍ଛେଦ ହେବବୋଲି ପୋଲିସ ସୂଚନା ଦେଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଷ୍ଟମଟମ୍ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ମାତ୍ର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଥିବା ବେଳେ ଜେଲକର୍ତ୍ତୃପକ୍ଷ ସଠିକ ସମୟରେ କଏଦୀ ମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନା କଲେ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ଅନୁଗୋଳ ବଜାର ଛକ ନିକଟରେ ଥଣ୍ଡା ପାନୀୟ ଜଳଛତ୍ର

ଅନୁଗୋଳ, (ସବ୍ୟୁ) : ବଜାର ଛକ ନିକଟରେ ଆମ ଅନୁଗୋଳ ଆମ ଗୌରବ ଜନ ଅନୁଷ୍ଠାନ ତରଫରୁ ସାଧାରଣ ଲୋକ ମାନଙ୍କ ପାଇଁ ଏକ ଥଣ୍ଡା ପାନୀୟ ଜଳଛତ୍ର ସ୍ଥାପନ କରାଗଲା। ଅନୁଷ୍ଠାନ ର ସଭାପତି ଚନ୍ଦ୍ରକାନ୍ତ ଧଳ ଙ୍କ ଆବାହକ୍ରେ ଉକ୍ତ ଜଳଛତ୍ରକୁ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଙ୍କ କରକମଳରେ ଶୁଭ ଉଦଘାଟନ କରାଯିବା ସହିତ ଦହି ସରବତ ବଣ୍ଟନ କରାଗଲା। ଆଗାମୀ ଦିନରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କ ସୁବିଧା ପାଇଁ ଏକ ଥଣ୍ଡା ପାନୀୟ ଜଳଛତ୍ର ଆରମ୍ଭ କରାଯାଇଛି।



ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ , ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ର ଅଧ୍ୟକ୍ଷ ଅଶୋକ କୁମାର ଜୈନ ଓ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତିଦିନ ଏଠାରେ ଶୁଦ୍ଧ ଓ ଶୀତଳ ପାନୀୟ ଜଳ ସୁବିଧା ଉପଲବ୍ଧ ରହିବ। ସଂଗଠନ ପକ୍ଷରୁ ଏହି ପାନୀୟ ଜଳ ପ୍ରକଳ୍ପଟି ସମଗ୍ର ଗ୍ରୀଷ୍ମ ଋତୁରେ ଚାଲୁ ରହିବାକୁ ଯୋଜନା କରାଯାଇଛି ବୋଲି ସଭାପତି ଚନ୍ଦ୍ରକାନ୍ତ ଧଳ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଅମୀୟ ତ୍ରିପାଠୀ, ବ୍ରଜବନ୍ଧୁ ଦେହୁରୀ, କମଲେଶ ବର୍ମା ସମ୍ପାଦକ ସୁଧୀର ରଞ୍ଜନ ସାହୁ , ଉପସଭାପତି ସେକ ରଫିକ , କୋଷାଧ୍ୟକ୍ଷ ଅଶୋକ କୁମାର ମୋଦୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଓମଫେଡ୍ ଗାଡ଼ି ଦୁର୍ଘଟଣା : ଜଣେ ମୃତ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଏକତାଳି ବାଇପାସ୍ ନିକଟରେ ଶୁକ୍ରବାର ରାତି ୩ଟା ସମୟରେ ବାଲେଶ୍ୱରରୁ କ୍ଷୀର ନେଇ ଯାଉଥିବା ଓଆର-୦୧ଭି-୩୫୯୮ ନମ୍ବର ବିଶିଷ୍ଟ ଓମଫେଡ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଗାଡ଼ିର ହେଲପର କୁହାଯାଉଥିବା ବେତନଟୀ ଥାନା ଖଣ୍ଡଦେଉଳିଆ ଗାଁର ଅଜିତ ପରିଡ଼ା(୪୭)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅଜିତ ଗତ କିଛି ବର୍ଷ ହେଲା ରେମୁଣାସ୍ଥିତ ମନ୍ଦିର ଛକରେ ଭଡ଼ାଘରେ ରହୁଥିଲେ। ଶୁକ୍ରବାର ରାତି ୧୦ଟାରେ ଡ୍ୟୁଟି ପାଇଁ ଘରୁ ବାହାରି ଆସିଥିଲେ। ଏହାପରେ ଓମଫେଡ୍ ଡିଷ୍ଟ୍ରିବ୍ୟୁଟରମାନଙ୍କୁ ବିଭିନ୍ନ କ୍ଷୀର ଡେଲିଭରୀ ସକାଶେ ଓମଫେଡ୍ ଗାଡ଼ିରେ ଜଳେଶ୍ୱର ଅଭିମୁଖେ ଆସୁଥିଲେ। ରାତି ପାଖାପାଖି ୩ଟା ସମୟରେ ଏକତାଳି ବାଇପାସ୍ ନିକଟରେ ଗାଡ଼ିଟି ସମ୍ମୁଖରେ ଯାଉଥିବା ଏକ ଅଜଣା ଗାଡ଼ିକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଓମଫେଡ୍ ଗାଡ଼ିର ଚାଳକ ସେଠାରୁ ଚମ୍ପଟ ମାରିଥିବା ବେଳେ ହେଲପର ଅଜିତ କେବିନ୍ ଭିତରେ ଦୀର୍ଘ ସମୟ ଚାପି ହୋଇ ରହିଥିଲେ। ଖବର ପାଇ ଜଳେଶ୍ୱର ଥାନା ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ତାଙ୍କୁ କେବିନରୁ ବାହାର କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଜିତଙ୍କ ଶଳା ମନୋରଞ୍ଜନ ନାୟକ ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ପାରିବାରିକ କଳହରୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର,(ସବ୍ୟୁ) : ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଚାଞ୍ଚଡ଼ାପଡ଼ିଆ ସାହି ଅଞ୍ଚଳରେ ଘଟିଥିବା ଏକ ଗଣ୍ଡଗୋଳ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଉକ୍ତ ଥାନା ଅନ୍ତର୍ଗତ ବ୍ରିଜ ତଳେ ରହୁଥିବା ବକୁଓ୍ୱା ରାମ(୪୫) । ମାମଲାନଂ ୧୨୬/୨୬ ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଶନିବାର ସନ୍ଧ୍ୟା । ପ୍ରାୟ ୫ଟାରେ କୌଣସି କାରଣକୁ ନେଇ ଚାଞ୍ଚଡାପଡିଆ ସାହିରେ ରହୁଥିବା ଲଳିତା ଶବର ଓ ତାଙ୍କ ପରିବାର ସହ ଅଭିଯୁକ୍ତ ପରିବାର ମଧ୍ୟ ଗଣ୍ଡଗୋଳ ହୋଇଥିଲା । ଅଭିଯୁକ୍ତ ବକୁଓ୍ୱା ତାଙ୍କ ପୁଅ ସମେତ ପୁଅର କିଛି ସାଙ୍ଗ ମିଶି ଲଳିତାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ ।ଲଳିତାଙ୍କ ସ୍ୱାମୀ ଭାଗିଆ ଶବର ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଏକ କାଠ ଫାଳିଆରେ ଭାଗିଆଙ୍କୁ ନିର୍ଦ୍ଧୁମ ପିଟିଥିଲେ ।। ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଘଟଣାକୁ ନେଇ ଲଳିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ବକୁଓ୍ୱାଙ୍କୁ ଗିରଫକରିଥିବା ବେଳେ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ।

# ଯୁବକଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ବାଲେଶ୍ୱର, (ସବ୍ୟୁ): ବସ୍ତା ଥାନା ଅନ୍ତର୍ଗତ ପଞ୍ଚୁପଡ଼ା ପୋଲ ନିକଟରୁ ଜର୍ନୈକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସିଂଲା ଥାନା ମାର୍ଜି ଗ୍ରାମର ଦିଲ୍ଲୀପ ମହାନ୍ତି (୪୬)।

ସୂଚନା ଅନୁସାରେ ଶନିବାର ସକାଳେ ଉକ୍ତ ପୋଲ ତଳେ ଦିଲ୍ଲୀପ ମୁହଁ ମାଡ଼ି ପଡ଼ିଥିବା ଦେଖି ଲୋକଙ୍କ ମନରେ ସନ୍ଦେହ ହେବାରୁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦେଖିବା ବେଳକୁ ଦିଲ୍ଲୀପଙ୍କ ମୃତ୍ୟୁ ହୋଇ ସାରିଥିଲା। ମୃତଦେହ ଜବତ କରି ତାହାକୁ ଚିହ୍ନଟ ପାଇଁ ବସ୍ତା ହସ୍ପିଟାଲରେ ରଖାଯାଇଥିଲା । ଲୋକଙ୍କଠାରୁ ଖବର ପାଇ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଦିଲ୍ଲୀପ ଏହା ପୂର୍ବରୁ ଗୁଜୁରାଟରେ ରହି କୌଣସି ଏକ କମ୍ପାନିରେ କାମ କରୁଥିଲେ ଓ କିଛି ଦିନ ପୂର୍ବେ ଗାଁକୁ ଆସିଥିଲେ । ତେବେ ଶନିବାର ରାତି ୯ଟାରେ କାହାର ଫୋନ୍ ପାଇ ବ୍ୟାଗ ଓ ଅନ୍ୟ ଜିନିଷପତ୍ର ଧରି ଘରୁ ବାହାରି ଆସିଥିବା ପରିବାର ଲୋକେ ପୁଲିସକୁ କହିଛନ୍ତି।

ମାତ୍ର ପୁଲିସ ଘଟଣାସ୍ଥଳରୁ କୌଣସି ଫୋନ୍ କିମ୍ବା ବ୍ୟାଗ ପାଇନଥିବା ବେଳେ ଦିଲ୍ଲୀପଙ୍କ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ଆଶା ବାନ୍ଧିଛି। ଏ ସଂକ୍ରାନ୍ତରେ ୧୩/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ ।

# ଜିଲ୍ଲା ମହୋତ୍ସବ ମଶାଲକୁ ସ୍ୱାଗତ

ଆଠମଲ୍ଲିକ, (ସବ୍ୟୁ) : ଆସନ୍ତା ଏପ୍ରିଲ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ଅନୁଗୋଳ ଜିଲ୍ଲା ମହୋତ୍ସବ ଉପଲକ୍ଷେ ଆଠମଲ୍ଲିକରୁ ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା । ଅଞ୍ଚଳର ମହାନ ଶୈବ ପୀଠ ଦେଉଳଝରୀରେ ଯଥା ପୂଜା ରୀତିନୀତି ପରେ ମଶାଲରେ ଅଗ୍ନି ସଂଯୋଗ କରା ଯାଇଥିଲା ।



ଅଗ୍ନି ସଂଯୋଗ ପରେ ବିରାଟ ପଟୁଆରରେ ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ ହୋଇ ସହର ଅଭିମୁଖେ ବାହାରି ଥିଲା । ଶୋଭାଯାତ୍ରା ସହର ପରିକ୍ରମା କରି ଅଞ୍ଚଳର ଇଷ୍ଟ ଦେବୀ ମା ମାହେଶ୍ୱରୀଙ୍କ ମନ୍ଦିରରେ ପହଁଚିଥିଲା । ମା ଙ୍କ ନିକଟରେ ମଶାଲକୁ ପୂଜାକଲା ପରେ ପୁଣି ଶୋଭାଯାତ୍ରା ବାହାରି ଗାନ୍ଧୀଛକ ନିକଟରେ ପହଁଚି ଥିଲା । ଗାନ୍ଧୀଛକରେ ହରିବୋଲ ହୁଳ ହୁଳି ଦିଆ ଗଲା ପରେ କିଶୋର ନଗର ଅଭିମୁଖେ ବାହାରିଥିଲା ।

ଏହି ଶୋଭାଯାତ୍ରାର ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଡ଼ିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ, ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଯୁବ ନେତା ଅର୍ଜୁନ ସାହୁ,ଏନ ଏ ସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତି ରଞ୍ଜନ ବାଗ, ଏ ବି ଇ ଓ କୈବଲ୍ୟ କଅଁର,ସିଡିପିଓ ତରଙ୍ଗିଣୀ ମିଦ୍ଧା, ସହକାରୀ ଜିଲ୍ଲାପାଳ ବିଶଜ୍ୟୋତି ମହାନ୍ତି, ଆଇ ଆଇ ସି ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଆଇ ଆଇସି ବିକାଶ କୁମାର ସାମଲ, ଲିଡଟ ନାଣ୍ଟ ସୁଭାଶିଷ ରଞ୍ଜନ ଦାସ, ସହକାରୀ ଯୋଗାଣ ଅଧିକାରୀ ସତ୍ୟବ୍ରତ ସେଠୀ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ନିକୁଞ୍ଜ ବିହାରୀ ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଅଙ୍ଗନ ୱାଡି କର୍ମୀ ଏନ ସି ସି କ୍ୟାଡ଼େଟ ସାମିଲ ହୋଇଥିଲେ । ସହର ପରିକ୍ରମା ସମୟରେ ବିଭିନ୍ନ ସ୍ଥାନରେ ମୁରୁଜ ଦେଇ କଳସ ବସାଇ ମଶାଲକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ବିଭାଗ ର ଯଥା ସ୍ୱାସ୍ଥ୍ୟ , ଶିକ୍ଷା, ଜଙ୍ଗଲ, ଜନ ଗଣନା, ବିଭାଗର ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା ।

# ବଇଣ୍ଡାରେ ମଶାଲ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ମହୋତ୍ସବ ଆଠମଲ୍ଲିକର ପ୍ରସିଦ୍ଧ ଶୈବପୀଠ ଦେଉଳଝରି ଠାରୁ ବାହାରିଥିବା ମଶାଲ ଶୋଭାଯାତ୍ରା କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ବଇଣ୍ଡା ଠାରେ ସମ୍ବର୍ଦ୍ଧନା ଦିଆଯାଇଛି । ଠାକୁରଗଡ ଠାରେ ସମ୍ବର୍ଦ୍ଧନା କରାଯିବା ପରେ କିଶୋରନଗର ବ୍ଲକ ଅଭିମୁଖେ ମଶାଲ ଶୋଭାଯାତ୍ରା ଆସିଥିଲା । ଉରୁକୁଳା , ଅଙ୍ଗପଡା , ହିମିତିରା , କିଶୋରନଗର , ବାମୁର , ନାକିଚି, ଠେଲକନାଳି, ହଣ୍ଡପା , ଲୁହାମୁଣ୍ଡା ପଂଚାୟତ ଗୁଡିକରେ ମଶାଲକୁ ସମ୍ବର୍ଦ୍ଧନା କରାଯିବା ପରେ ବଇଣ୍ଡା ଠାରେ ସମ୍ବର୍ଦ୍ଧନା କରାଯାଇଛି । ଏଥିରେ କିଶୋରନଗର ବିଡିଓ ଶୁଭକାନ୍ତ ନାୟକ , ଏବିଡିଓ ଦିଲ୍ଲିପ କୁମାର ପ୍ରଧାନ , ସିଡିପିଓ ଭାଗ୍ୟଲକ୍ଷ୍ମୀ ସେଠି, ନୁନୁକାପସି ସରପଞ୍ଚ ଦୀପ୍ତିମୟୀ ସାହୁ , ଯୋଗାଣ ବିଭାଗ ର ଅଧିକାରୀ ସରୋଜ କୁମାର ପ୍ରଧାନ , ଜାମୁନାଳି ପିଇଓ ସରିତା ବର୍ଗୀ , ନୁନୁକାପସି ପିଇଓ ଇପ୍ସିତା ସାହୁଙ୍କ ସମେତ ବ୍ଲକ ପ୍ରଶାସନ ଅଧିକାରୀ ମାନେ ଉପସ୍ଥିତ ରହି ମଶାଲ କୁ ପୂଜା କରି ସ୍ୱାଗତ କରିଥିଲେ ।

# ଗଞ୍ଜେଇ ବିକ୍ରି ଅଭିଯୋଗରେ ୩ ଗିରଫ

ତିହିଡି, (ସବ୍ୟୁ) : ତିହିଡି ଥାନା ଠାରୁ ମାତ୍ର ୫୦ ମିଟର ଦୂରରେ ଅବସ୍ଥିତ ତିହିଡି କାଳୀପଡିଆ ରାସ୍ତାରେ ଥିବା ଏକ ଦୋକାନରେ ବର୍ଷ ବର୍ଷ ଧରି ଚାଲିଥିଲା ବେଆଇନ ଭାବେ ଗଞ୍ଜେଇ ବିକ୍ରୀ । ସାମ୍ନାରେ ସରକାରୀ ଭାଙ୍ଗ ଦୋକାନ ବୋଲି ସାଇନବୋର୍ଡ ଲଗା ଯାଇଥିଲେ ହେଁ ପ୍ରକୃତରେ ଏଠାରେ ବିକ୍ରୀ ହେଉଥିଲା ଗଞ୍ଜେଇ । ତେବେ ତିହିଡି ଥାନାର ନୂଆ ଆଇଆଇସି ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଲୋପାମୁଦ୍ରା ନାୟକ ଗଞ୍ଜେଇ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶନିବାର ଦିନ ସଂପୃକ୍ତ ଦୋକାନ ଉପରେ ଚଢାଉ କରିବା ସହିତ ଏଠାରେ ବେଆଇନ ଭାବେ ଗଞ୍ଜେଇ ବିକ୍ରୀ କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ତିହିଡି ଥାନା ମିର୍ଜାପୁର ଗାଁର ସୟଦ ଅଲ୍ଲୀଙ୍କ ପୁଅ ସୟଦ ଅଇରାଜ(୨୬), ପୁରୁଣାବଜାର ଥାନା କାଜିସାହି ଗାଁର ଦିଦାର ଅଲ୍ଲୀ ଖାନଙ୍କ ପୁଅ ସିରାଜ ଅଲ୍ଲୀ ଖାନ(୫୦) ଏବଂ ମିର୍ଜା ରହେମତ ବେଗଙ୍କ ପୁଅ ମିର୍ଜା ଉର୍ଫାନ ବେଗ(୬୬) ।

ତିହିଡି ତହସିଲଦାର ତଥା ମାଜିଷ୍ଟ୍ରେଟ ଜୟଦ୍ରଥ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ସେମାନଙ୍କ ନିକଟରୁ ୧୬ କିଗ୍ରା ୩୩୬ ଗ୍ରାମ ଗଞ୍ଜେଇ ଓ ନଗଦ ୪୫ ହଜାର ୯୯୫ଟଙ୍କା ଜବତ କରାଯାଇଛି । ତିହିଡି ଥାନାର ଏସ୍ଆଇ ଦିପ୍ତୀ ମଞ୍ଜରୀ ବଡଜେନାଙ୍କ ରିପୋର୍ଟ ଆଧାରରେ ଏଥିନେଇ ଏକ ମାମଲା ନଂ-୧୧୪/୨୬ ରୁଜୁ କରାଯିବା ସହିତ ଅଭିଯୁକ୍ତ ମାନଙ୍କୁ ରବିବାର ଦିନ କୋର୍ଟ ଚାଲାଣ କରାଯାଇଛି ।

ଚାନ୍ଦବାଲି ଏସଡିପିଓ ପ୍ରଭାସ ଚନ୍ଦ୍ର ସାହୁ ଓ ଆଇଆଇସି ଲୋପାମୁଦ୍ରା ନାୟକ ଏକ ପ୍ରେସ୍ ମିଟ ଡକାଇ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଶନିବାର ଦିନ ଏସ୍ଆଇ ଦିପ୍ତୀ ମଞ୍ଜରୀ ବଡଜେନା ସଂପୃକ୍ତ ଦୋକାନରେ ବେଆଇନ ଭାବେ ଗଞ୍ଜେଇ ବିକ୍ରୀ ହେଉଥିବାର କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଅବଗତ କରାଇଥିଲେ । ପରେ ତାଙ୍କ ନିର୍ଦ୍ଦେଶମତେ ତଥା ଏସଆଇ ବଡଜେନାଙ୍କ ନେତୃତ୍ୱରେ କନେଷ୍ଟବଳ ରମେଶ ଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ମହାନ୍ତି ଓ ରଜନୀକାନ୍ତ ନାୟକ ପ୍ରମୁଖ ସଂପୃକ୍ତ ଦୋକାନ ଉପରେ ଚଢାଉ କରିଥିଲେ। ପୋଲିସ ଅଧିକାରୀ ରୋଜନ ମୁର୍ମୁଙ୍କ ଦାୟିତ୍ୱରେ ଏହି ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ଏସ୍ଡିପିଓ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ତାଳଚେର, (ସବ୍ୟୁ) : ତାଳଚେର ପୌରାଚଂଳ ଅନ୍ତର୍ଗତ ୪ନଂ-ୱାର୍ ନୁହୁରାସାହିର ବିମ୍ବାଧର ବେହେରାଙ୍କ (୬୩) ପରଲୋକ ଘଟିଛି । ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ଥିଲେ ।ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ, ସହୃଦୟ ବ୍ୟକ୍ତି ଭାବେ ଅଂଚଳରେ ପରିଚିତ । ଏହି ଦୁଃଖଦ ଖବର ପ୍ରଚାରିତ ହେବାପରେ ଅଂଚଳରେ ଏକ ଶୋକକୂଳ ପରିବେଶ ସୃଷ୍ଟି କରିଥିଲା । ତାଙ୍କର ମୃତ୍ୟୁ ବେଳକୁ ପରିବାରବର୍ଗ ଉପସ୍ଥିତ ଥିଲେ । ମା'ସେବକ ସଂଘ ସମ୍ପାଦକ ମନୋଜ ଶତପଥୀ, ସଂଘର ସଦସ୍ୟ ଦିଲ୍ଲୀପ ବେହେରା, ସୁନିଲ ବେହେରା, ନିରୋଜ ବେହେରା, ଅଶ୍ୱିନ ସିଂହ, ସୁବାଷ ବେହେରା ପ୍ରମୁଖ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସେ ପୂର୍ବରୁ ଏହି ସଂଘର ଏକ ସକ୍ରିୟ ସଦସ୍ୟଭାବେ କାର୍ଯ୍ୟ କରିଥିଲେ । ତାଙ୍କର ମରଶରୀରକୁ ତାଳଚେର ମଣ୍ଡାପାଳ ସ୍ଥିତ ଶାନ୍ତିଧାମ ଶ୍ମଶାନଘାଟକୁ ନିଆଯାଇ ଶେଷକୃତ ସମ୍ପର୍ଣ୍ଣ କରାଯାଇଥିଲା ।

# ଟାଟା ଷ୍ଟିଲ ମେରାମଣ୍ଡଳୀରେ ସୁରକ୍ଷା ତାଲିମ ଶିବିର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଟାଟାଷ୍ଟିଲ ମେରାମଣ୍ଡଳୀରେ ଏନଡିଆରଏଫ୍ ପକ୍ଷରୁ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜରୁରୀକାଳୀନ ପ୍ରସ୍ତୁତି ଏବଂ ସାମୁଦାୟିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ମୁଣ୍ଡଳୀ, ଭୁବନେଶ୍ୱର ସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଏନଡିଆରଏଫ୍ ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଟିଏସଏମର ମିଳିତ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଟିଏସଏମ କିସିନ୍ଦା କ୍ଲବ୍‌ଠାରେ ଏହି ଅପରେସନାଲ୍ ଫ୍ୟାମିଲିୟାରାଇଜେସନ୍ ଏବଂ କମ୍ୟୁନିଟି ଆୱାରନେସ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏନଡିଆରଏଫ୍‌ର ଟିମ୍ ଲିଡର୍ ମୀର ସିଂ ଏବଂ ଟୁ-ଆଇସି ଅନନ୍ତ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପାଖାପାଖି ୧୫୦ ଜଣ ଅଂଶଗ୍ରହଣକାରୀଙ୍କୁ ଅଗ୍ନିଶମ ସେବା, ସିପିଆର, ପ୍ରାଥମିକ ଚିକିତ୍ସା ଏବଂ ସର୍ପାଘାତ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବ୍ୟବହାରିକ ତାଲିମ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଟିଏସଏମର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଚିଫ୍ ସେଫ୍ଟି ବିଳାସ ଗାଏକୱାଡ, ହେଡ୍ ସିକ୍ୟୁରିଟି ମୁକୁଲ କୁମାର, ହେଡ୍ ପ୍ରୋସେସ୍ ସେଫ୍ଟି ବରୁଣ କୁମାର, ଟିଏମଏଚ୍ ମେରାମଣ୍ଡଳୀର ଇନଚାର୍ଜ ଡାକ୍ତର ଆଶିଷ ମହାପାତ୍ର, ଟିଏସଏଫର ୟୁନିଟ୍ ଲିଡ୍ କୁମାର ସୌରଭ ଏବଂ ଫାୟାର୍ ଆଣ୍ଡ୍ ସେଫ୍ଟି ଇନଚାର୍ଜ ଡି.କେ. ସିଂଙ୍କ ସମେତ ସୁରକ୍ଷା ଓ ସିକ୍ୟୁରିଟି ଦଳର ସଦସ୍ୟମାନେ ଉପସ୍ଥିତ ରହିଥିଲେ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି ଏବଂ ଛାତ୍ରଛାତ୍ରୀଙ୍କ ସମେତ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ସୁରକ୍ଷା ଓ ଚିକିତ୍ସା ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହିଭଳି କାର୍ଯ୍ୟକ୍ରମମାନ ଆୟୋଜନ ଦ୍ୱାରା ଶିଳ୍ପ ସଂସ୍ଥା ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବିପତ୍ତି ସମୟରେ ପରସ୍ପର ମଧ୍ୟରେ ସମନ୍ୱୟ ସୁଦୃଢ଼ ହୋଇପାରିବ।

# ବିଧାୟକ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଗିରିଶ୍ୱରପୀଠରୁ ଗଲା ମଶାଲ ଶୋଭାଯାତ୍ରା



ପାଳଲହଡ଼ା, (ସବ୍ୟୁ) : ଅନୁଗୁଳ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ତ୍ରୟୋଦଶ ଜିଲ୍ଲା ମହୋତ୍ସବ ପାଇଁ ଆଜି ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ପାଲଲହଡା ଖୁଲୁଡୀସ୍ଥିତ ବାବା ଗିରିଶ୍ୱର ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ସକାଳୁ ବାହାରିଥିଲା ।

ପାଳଲହଡ଼ାର ପ୍ରମୁଖ ଶୈବପୀଠ ବାବା ଗିରିଶରମନ୍ଦିରରେ ପୂଜାର୍ଚ୍ଚନାକରି ଏହି ବିଶାଳ ମଶାଲଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏହି ପବିତ୍ର ମଶାଲ ଶିଖାକୁ ଖୁଲୁଡ଼ି ଗ୍ରାମଦେଇ ସୁଷବନାଳି, ନମପଶି , କନ୍ତଳା ଗ୍ରାମର ମା ମାଉସୀ ମାନେ ରାସ୍ତା ପାର୍ଶରେ ପୂଜାର୍ଚ୍ଚନା କରିଥିଲେ । ପରିଶେଷରେ ପାଳଲହଡ଼ା ଶିବମନ୍ଦିର ଛକ ଓ ମା କୁଣ୍ଢେଇବିରା ଛକଠାରେ ପୂଜାର୍ଚ୍ଚନା କରି ଏକ ବିଶାଳ ପଦଯାତ୍ରା କରି ପାଳଲହଡ଼ାଠାରେ ପବିତ୍ର ମଶାଲକୁ ସ୍ୱାଗତକରାଯାଇଥିଲା । ଅନୁଗୋଳ ଜିଲ୍ଲା ମହୋତ୍ସବ ପାଇଁ ଜିଲ୍ଲା ର ବିଭିନ୍ନ ପ୍ରସିଦ୍ଧ ସ୍ଥାନ ରୁ ଏହି ମଶାଲଯାତ୍ରା ବାହାରି ମା ହିଙ୍ଗୁଳାଙ୍କ ପୀଠରେ ଯାଇ ଏକତ୍ରିତ ହେବାର କାର୍ଯ୍ୟକ୍ରମ ରହିଥିବାର ସୂଚନା ଅଛି ।

ଏହି ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଗୋଷ୍ଠି ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ, ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ,ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାସ, ମଣ୍ଡଳ ସଭାପତି ଆଶିଷ ସାମଲ, ପ୍ରାକ୍ତନ ମଣ୍ଡଳ ସଭାପତି ପଞ୍ଚାନନ ସାହୁ ଓ ଧର୍ମେନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ନୂତନ ଶ୍ରେଣୀ ଗୃହ ନିର୍ମାଣ ହେଉନି, ଜିଲ୍ଲାପାଳଙ୍କୁ ଅଭିଯୋଗ

ଠାକୁରଗଡ, (ସବ୍ୟୁ) : ଶିକ୍ଷାର ବିକାଶ ପାଇ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି । ଏ ପରିକି ନୂତନ ଶ୍ରେଣୀ ଗୃହ ନିର୍ମାଣସହ ଆବଶ୍ୟକ ଶିକ୍ଷକ ପଦପି ପୂରଣ କରୁଛନ୍ତି । ହେଲେ ଅନେକ ଜଙ୍ଗଲ ଅଧୁଷିତ ଅଞ୍ଚଳରେ ଥିବା ପୁରାତନ ବିଦ୍ୟାଳୟ ଗୁଡିକ ଅବହେଳିତ ହୋଇ ରହିଛି । ପୁରାତନ ଶିକ୍ଷାନୁଷ୍ଠାନ ଗୁଡିକ ର ବିକାଶ କରାଯାଉ ନଥିବା ଯୋଗୁଁ ପାଠପଢାରେ ଅନେକ ସମସ୍ୟା ସୃଷ୍ଟି ହେଉଛି । ଯାହା ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁରୁମଟା ପଞ୍ଚାୟତର ନୁଆଁ ବରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟ ରେ ଅନେକ ସମସ୍ୟା ଥିବାବେଳେ ସମାଧାନ କରାଯାଉ ନଥିବା ଯୋଗୁଁ ଶନିବାର ଦିନ ବରପାଲି ଗ୍ରାମବାସୀ ମାନେ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଏହାର ଏକ ନକଲ ରାଜ୍ୟ ଶିକ୍ଷମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି ।

ଗ୍ରାମବାସୀ ମାନେ ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ, ଏହି ଅଞ୍ଚଳର ଶିକ୍ଷାର ବିକାଶ ପାଇ ତା ୧/୯/୧୯୮୬ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା । ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୨୮ ଜଣ ଛାତ୍ରୀ ଛାତ୍ର ପାଠ ପଢିଛନ୍ତି । ହେଲେ ସେମାନଙ୍କ ପାଇ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ । ସମୁଦାୟ ୪ ଟି ଶ୍ରେଣୀ ଗୃହ ଥିବା ବେଳେ ୨ ଟି ଶ୍ରେଣୀ ଗୃହ ବିପଦସଂକୁଳ ଅବସ୍ଥା ରେ ରହିଛି । ଅନ୍ୟ ଦୁଇଟି ଶ୍ରେଣୀ ଗୃହରେ ଗୋଟିଏ ଶ୍ରେଣୀ ଗୃହ ରେ ଅଧା ସ୍ଥାନରେ କାର୍ଯ୍ୟାଳୟ ସହ ୨ ଟି ଶ୍ରେଣୀ ଗୃହର ଛାତ୍ରୀ ଛାତ୍ର ବସି ପାଠ ପଢୁଥିବା ବେଳେ ଅନ୍ୟ ଗୋଟିଏ ଶ୍ରେଣୀ ଗୃହ ରେ ୩ ଟି ବିଦ୍ୟାଳୟର ଛାତ୍ରୀ ଛାତ୍ର ବସି ପାଠ ପଢୁଛନ୍ତି । ବିଶେଷ କରି ଶ୍ରେଣୀ ଗୃହ ନଥିବା ବେଳେ ଛାତ୍ରୀ ଛାତ୍ର ମାନେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏପରିକି ଛାତ୍ରୀ ଛାତ୍ର ଙ୍କ ପାଇ ଥିବା ଶୋଚାଳୟ ଗୁଡିକର ପ୍ୟାନ ଭାଙ୍ଗି ଯିବା ସହ ପାଇଖାନା ଟାଙ୍କି ମଧ୍ୟ ଭୁଶୁଡି ପଡିଛି । ଫଳରେ ଉକ୍ତ ଶୋଚାଳୟ ଗୁଡିକ ଅନୁପଯୋଗୀ ହୋଇ ପଡ଼ିଥିବା ବେଳେ ଛାତ୍ରୀ ଛାତ୍ରମାନେ ପରିସ୍ରା କରିବା ପାଇଁ ଖୋଲା ପଡିଆ ଓ ନିକଟରେ ଥିବା ଏକ ନାଳ ଉପରେ ଭରସା କରୁଛନ୍ତି । ଏ ନେଇ ଶିକ୍ଷା କମିଟି ପକ୍ଷରୁ ବହୁ ବାର ବ୍ଲକ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଫଳରେ ବିପଦସଂକୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହଗୁଡିକରେ ଛାତ୍ରୀଛାତ୍ରମାନେ ନିର୍ଭର କରୁଛନ୍ତି । ତୁରନ୍ତ ଏଥି ପ୍ରତି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଦାବି ହୋଇଛି । ଏନେଇ ବ୍ଲକ ଶିକ୍ଷା ଅତିରିକ୍ତ ଗୋଷ୍ଠୀ ଅଧିକାରୀ କୈବଲ୍ୟ କଅଁର କୁହନ୍ତି ଉକ୍ତ ବିଦ୍ୟାଳୟ ର ସମସ୍ୟା ସମ୍ପର୍କ ରେ ଜିଲ୍ଲା ଶିକ୍ଷା ବିଭାଗକୁ ଅବଗତ କରାଯିବ ।

# ଓଡ଼ିଆ ପକ୍ଷ ପାଳନରେ ଉତ୍ସବମୟ ଏଫଏମ ବିଶ୍ୱବିଦ୍ୟାଳୟ



ବାଲେଶ୍ୱର,(ସବ୍ୟୁ) : ଓଡ଼ିଆ ପକ୍ଷ- ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସାହିତର୍ତ୍ୟିକ ଓ ସାଂସ୍କୃତିକ କାର୍ଯଯକ୍ରମ ଉତ୍ସାହଭରା ପରିବେଶରେ ଆୟୋଜିତ ହେଉଛି। ଗତ ୧୦ ତାରିଖରେ ଲୋକକଳା ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ଓଡ଼ିଶୀ, ସାନ୍ତାଳୀ ଓ ସମ୍ବଲପୁରୀ ନୃତ୍ୟ ସହ ଜଗନ୍ନାଥ ଭଜନକୀର୍ତ୍ତନ ତଥା ଲୋକସଙ୍ଗୀତ ଓ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଆକର୍ଷଣୀୟ ଶୋଭାଯାତ୍ରା ମଧ ଆୟୋଜିତ ହୋଇଥିଲା। ପ୍ରାୟ ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପରବର୍ତ୍ତୀ ଦିନ ୧୧ ତାରିଖରେ ଯୁବ ଲେଖକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବାଲେଶ୍ୱରର ସୁପରିଚିତ କବି ଶ୍ରୀଦେବ ଓ ଗାଳ୍ପିକ ସଞ୍ଜୟ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ୩୫ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ସ୍ୱରଚିତ କବିତା ଓ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ଆଜି ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ୩୦ଜଣ ପ୍ରସିଦ୍ଧ ବରପୁତ୍ରଙ୍କ ଫଟୋ ପ୍ରଦର୍ଶନ ସହିତ ତାଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀମାନେ ଉପସ୍ଥାପନା କରିଥିଲେ। ଫକୀରମୋହନ ସେନାପତି, ବୀଣାପାଣି ମହାନ୍ତି, ଜଷ୍ଟିସ ରଙ୍ଗନାଥ ମିଶ୍ର, ନନ୍ଦିତା ଦାସ, ପ୍ରାଣକୃଷ୍ଣ ପରିଜା, ପଦ୍ମିନୀ ରାଉତ, ତୁଳସୀ ମୁଣ୍ଡା ଓ ଡ଼ଃ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଅନେକ ମହାନ ବ୍ୟକ୍ତିଙ୍କ ଜୀବନ, ସାହିତ୍ୟ ଓ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏଥିସହ ମହିଳା ସଂରକ୍ଷଣ ବିଷୟକ ଏକ ବକ୍ତୃତା ପ୍ରତିଯୋଗିତା ମଧଯ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସୁଚାରୁ ଭାବେ ସଂଯୋଜିତ ହୋଇଥିଲା। ଏହି ପକ୍ଷ ପାଳନରେ ଛାତ୍ରଛାତ୍ରୀଙ୍କ ସହ ସମଗ୍ର ବିଶ୍ୱବିଦ୍ୟାଳୟ ପରିବାର ଉତ୍ସାହ ଓ ଉଦ୍ଦୀପନାର ସହିତ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି।

# ରାଜସ୍ୱ ସହାୟକ ନିର୍ଯାତିତ : ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ତହସିଲରୁ ପଦୋନ୍ନତି ପାଇ ଚାନ୍ଦବାଲି ତହସିଲକୁ ବଦଳି ହୋଇଥିବା ଆଦିବାସୀ ବର୍ଗର ବରିଷ୍ଠ ରାଜସ୍ୱ ସହାୟକ ନରେନ୍ଦ୍ର ପିଙ୍ଗୁଆ ବଦଳିର ୮ ମାସ ପରେ ବି ମାସିକ ବେତନ ପାଉନାହାନ୍ତି। ଗତ ୨୦୨୫ ଅକ୍ଟୋବର ୧୫ ତାରିଖରେ ବିଧିବଦ୍ଧ ଭାବେ ଦାଇତ୍ୱ ହସ୍ତାନ୍ତର କରି ଚାନ୍ଦବାଲି ତହସିଲରେ ଯୋଗଦେବା ପରେ ଭଣ୍ଡାରିପୋଖରୀ ତହସିଲ ଅଜଣା କାରଣ ପାଇଁ ତାଙ୍କ ଶେଷ ବେତନ ପ୍ରମାଣପତ୍ର(ଏଲ.ପି.ସି.) ଦେଉନାହିଁ। ଏଥିପାଇଁ ଭଣ୍ଡାରିପୋଖରୀ ତହସିଲକୁ ବାରମ୍ବାର ଦୌଡି ନିରାଶ ହେବା ପରେ ଜିଲ୍ଲାପାଳଙ୍କୁ ଦୁଃଖ ଜଣାଇଥିଲେ। ତାହା ମଧ ବିଫଳ ହୋଇଥିଲା। ଏବେ ଶ୍ରୀ ପିଙ୍ଗୁଆ ନିଜ ହକ ପାଇଁ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଜିଲ୍ଲା ବଦଳି ଆଦେଶ ମତେ ଶ୍ରୀ ପିଙ୍ଗୁଆ ଧାମନଗର ତହସିଲରୁ ଭଣ୍ଡାରିପୋଖରୀ ତହସିଲରେ ଗତ ୨୦୨୪ ନଭେମ୍ବର ୨୦ ତାରିଖରେ ଯୋଗଦାନ କରିଥିଲେ। ସେହି ନଭେମ୍ବର ମାସ ୧୯ ଦିନର ବେତନ ଧାମନଗର ତହସିଲ ପ୍ରଦାନ କରିଥିଲା। ମାତ୍ର ମାସର ଅବଶିଷ୍ଟ ୧୧ ଦିନ ବେତନ ଭଣ୍ଡାରିପୋଖରୀ ତହସିଲ ଏଯାବତ ପ୍ରଦାନ କରିନାହିଁ। ୨୦୨୫ ବର୍ଷରେ ବାର୍ଷିକ ବର୍ଦ୍ଧିତ ବେତନ ଭଣ୍ଡାରିପୋଖରୀ ତହସିଲ ଧାର୍ଯ୍ୟ କରିନଥିଲା। ଚାନ୍ଦବାଲି ତହସିଲଦାର ଏ ସମ୍ପର୍କରେ ଭଣ୍ଡାରିପୋଖରୀ ତହସିଲଦାରଙ୍କ ସହ ଏହାର ସମାଧାନ ପାଇଁ ବହୁବାର ଯୋଗଯୋଗ କରି ମଧ ବିଫଳ ହୋଇଛନ୍ତି। ଦାଇତ୍ୱ ହସ୍ତାନ୍ତର ବକେୟା ରହିଥିବାରୁ (ଏଲ.ପି.ସି.) ଦିଆଯାଉ ନାହିଁ ବୋଲି ଭଣ୍ଡାରିପୋଖରୀ ତହସିଲଦାର କୁଆଡେ ଶ୍ରୀ ପିଙ୍ଗୁଆଙ୍କୁ ମୌଖିକ ଭାବେ କହିଥିଲେ। ମାତ୍ର ବକେୟା ୧୯ ଦିନର ବେତନ ପ୍ରଦାନ କରାନଯିବା ସହ ୨୦୨୫ ମସିହା ବାର୍ଷିକ ବର୍ଦ୍ଧିତ ବେତନ ହାର କାହିଁକି ଧାର୍ଯ୍ୟ କରାଯାଇନଥିଲା ତାହାର ଉତ୍ତର ତହସିଲଦାର ପ୍ରକାଶ କରିନଥିଲେ। ଗରେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ମାନସିକ ନିର୍ଯ୍ୟାତନା ବୋଲି ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଥିବାରୁ ଆଗକୁ ଆକ୍ରେଶର ଶିକାର ହେବେ ବୋଲି ଶ୍ରୀ ପିଙ୍ଗୁଆ ଆଶଙ୍କା ପ୍ରକାଶ କରିଛନ୍ତି। ମାସ ମାସ ଧରି ମାସିକ ବେତନ ଅଭାବରେ ରୋଗୀଣା ମା'ଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ। ପିଲାଙ୍କ ପାଠପଢା ସାଙ୍ଗକୁ ମାସିକ କିସ୍ତି ପୈଠ ମଧ ବାଧାପ୍ରାପ୍ତ ହୋଇଛି। ଦାଇତ୍ୱ ହସ୍ତାନ୍ତର ସମ୍ପୂର୍ଣ୍ଣ କରିନଥିବାରୁ (ଏଲ.ପି.ସି.) ଦିଆଯାଇ ନାହିଁ ବୋଲି ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ ସୂଚନା ଦେଇଛନ୍ତି।

# ରାଜ୍ୟ ସିଏମ୍ ଟ୍ରଫି ଦ୍ୱିତୀୟ ଦିବସ

କେନ୍ଦୁଝର,(ସବ୍ୟୁ): ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସିଏମ ଫୁଟବଲ ପ୍ରତିଯୋଗିତାର ଲିଗ ପଦ୍ଧତିରେ ଅନୁଷ୍ଠିତ ତୃତୀୟ ଦିବସର ପ୍ରଥମ ଖେଳରେ ତାରିଣୀ ଫୁଟବଲ ଏକାଡେମୀ ଆର ଏମ ହାଇସ୍କୁଲ ନିଉଣ୍ଡି ବିପକ୍ଷରେ ୯–୦ ଗୋଲରେ ବିପୁଳ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି ଝ ପ୍ରାଥମାର୍ଦ୍ଧ ଖେଳରେ ତାରିଣୀ ଫୁଟବଲ ଏକାଡେମୀ ୬ଟି ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧ ଖେଳରେ ୩ଟି ଗୋଲ ସ୍କୋର କରିଥିଲେ ଝ ଦଳ ପକ୍ଷରୁ ସଓ୍ୱପ୍ନା ଭୂୟାଁ ୩ଟି, ଇତିଶ୍ରୀ ନାଏକ ୨ଟି ସୁବର୍ଣ୍ଣକା ଚମ୍ପିଆ ୨ଟି ଏବଂ ଅନନ୍ୟା ଟପ୍ପୋ ଓ ପୂର୍ଣ୍ଣମା ଲୋହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ଅପରାହ୍ଣରେ ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ଯୋଡ଼ା ଆର ଏମ ହାଇସ୍କୁଲ ନିଉଣ୍ଡି ବିପକ୍ଷରେ ୭–୦ ଗୋଲରେ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଟିଏସଏଫ ପ୍ରଥମାର୍ଦ୍ଧରେ ୪ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ସ୍କୋର କରିଥିଲେ

# ଚଇତିପର୍ବ ଚତୁର୍ଥ ଦିନ : ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ଢେଙ୍କିକୋଟ ,(ସବ୍ୟୁ): ଜଗତ ଜନନୀ ମା ତାରିଣୀ ଙ୍କ ୯୦ତମ ଚଇତିପର୍ବ ଚତୁର୍ଥ ଦିବସରେ ସାଂସ୍କୃତିକ ମଞ୍ଚ ଥିଲା ଟିକେ ଅଧିକ ନିଆରା । ତେଣୁ ଦର୍ଶକ ବି ଅଧିକ ଥିଲେ । ପ୍ରାରମ୍ଭରୁ ଭୁବନେଶ୍ୱର ର ଶୁଭଶ୍ରୀ କଳାନିକେତନ ର କଳାକାର ଧୁମ ମଚେଇଥିଲେ । ସୁଭଦ୍ରା ଜେନାଙ୍କ ଟିମ ଆସି ନୃତ୍ୟ ପରିବେଷଣ କରିଥିଲେ ।ତାଙ୍କ ଟିମର ମଞ୍ଚ ଉଦଘୋଷକ ଥିଲେ ଘଟଗାଁ ମାଟିର ସଞ୍ଜୟ କୁମାର ସାହୁ ।ସୁନ୍ଦର ମଞ୍ଚ ପରିଚାଳନା ସହିତ ମା କାଳୀ, ସମଲାଇ, ତାରିଣୀ, ଦୁର୍ଗାମାଙ୍କ ଗ୍ରୁପ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ । ଶୁଭଶ୍ରୀ କଳାନିକେତନ ର କଳାକାର ସୁଶ୍ରୀ ଅର୍ଚ୍ଚନା, ଜସ୍ମିନ, ପପୀ ,ସୋନାଲି, ଆଦ୍ୟଝଶା,ରୁଦ୍ରାଣୀ ପ୍ରମୁଖ କଳାକାର ମାନେ ନୃତ୍ୟରେ ଅଭିନୟ କରିଥିଲେ। ଦିତୀୟ ପର୍ଯ୍ୟାୟରେ ସୌରଭ ଭରଦ୍ୱାଜ ଗ୍ରୁପ ଓ ତୃତୀୟ ପର୍ଯ୍ୟାୟରେ ବଲାଙ୍ଗୀରର କୋଶଳ ଫକ ଏକାଡେମୀର କଳାକାରମାନେ ଚିତାକର୍ଷକ କାର୍ଯ୍ୟକ୍ରମ କରିଥିଲେ ।

# ୧୦ ଜିଲ୍ଲାର ୮୦ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ ତାଲିମ ଶିବିର

ଭଦ୍ରକ,(ସବ୍ୟୁ): ଭଦ୍ରକ ହଜ ଟ୍ରେନିଂ କମିଟି ଆନୁକୂଲ୍ୟରେ ଭଦ୍ରକ ପୁରୁଣାବଜାର ସ୍ଥିତ ମଦିନା ମଇଦାନ ଠାରେ ଗତ ଦୁଇ ଦିନ ଧରି ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ପ୍ରଶିକ୍ଷଣରେ (ଏମଏସକେ) ଗ୍ରୁପର ହାଜୀ ଶେଖ ସିରାଜୁଦ୍ଦିନ,ହାଜୀ ମିର୍ଜା ଇସଲାମ ବେଗ ଓ ହାଜୀ ସଲିମ ଖାନଙ୍କ ଉପସ୍ଥିତରେ ଟ୍ରେନିଂ କମିଟିର ସଭାପତି ହାଜୀ ଏସଏମ ଫାରୁକଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଅସରଫ ଅଲି ଖାନଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ୩ଜଣ ପ୍ରଶିକ୍ଷକ ମୁଫତି ମହମ୍ମଦ କାସୀମ,ସୈୟଦ ଅବ୍ଦୁଲ ମସଜୁଦ ହବିବି ଓ ସୈୟଦ ଅବ୍ଦୁସ ସୁବହୁ ହଜ ଯାତ୍ରୀଙ୍କୁ ତାଲିମ ଦେଇଥିଲେ। ଏହି ଶିବିରରେ ପୁରୁଷ ୧୯ ଓ ମହିଳା ୧୪ଜଣ। ଭଦ୍ରକ ଜିଲ୍ଲାରୁ ୩୩ଜଣ ସହିତ ଓଡ଼ିଶାର ୧୦ଗୋଟି ଜିଲ୍ଲାରୁ ୮୦ରୁ ଉର୍ଦ୍ଧ ହଜ ଯାତ୍ରୀ (ପୁରୁଷ/ମହିଳା) ଯୋଗଦାନ କରିଥିଲେ । ଓଡିଶାରୁ ସର୍ବମୋଟ ପୁରୁଷ ୩୪୧ ଓ ମହିଳା ୨୫୫ ଜଣ ସର୍ବମୋଟ ୫୯୬ ଜଣ ହଜ ଯାତ୍ରୀ ହଜ ତୀର୍ଥରେ ଚଳିତ ମାସ ଏପ୍ରିଲ ଶେଷ ସୁଧାରୁ ଆସନ୍ତା ମେ ମାସ୫ ତାରିଖ ଭିତରେ ସାଉଦିଆରବକୁ ବିମାନ ଯୋଗେ ଯିବେ ଏବଂ ହଜ ତୀର୍ଥରୁ ୪୫ଦିନ ଭିତରେ ନିଜ ନିଜ ସ୍ଥାନକୁ ଫେରିବେ । ସାଉଦି ଆରବର ମକ୍କା ସରିଫ ଓ ମଦିନା ସରିଫ ପହଁଚିବା ପରେ କେଉଁ କେଉଁ ନିୟମ ପ୍ରୟୋଗ କରିବାକୁ ହେବ,୭ ଥର ତଓ୍ୱାଫ କରିବା ନିୟମ,୭ଥର ସଫା ଓ ମରଓ୍ୱାରେ ଚାଲିବା ନିୟମ,ନମାଜ ପଢ଼ିବାର ନିୟମ,ସଇତାନକୁ ପଥର ମାରିବାର ନିୟମ,କୁରବାନୀର ନିୟମ,ମସଜିଦ ନବୀରେ ରୌଜା-ଏ-ରସୁଲ ପ୍ରବେଶର ନିୟମ ଏବଂ ଆହୁରି ଅନେକ ନିୟମକୁ କେଉଁ କେଉଁ ପଦ୍ଧତିରେ ପାଳନ କରାହେବ ତାହା ଏହି ଶିବିରରେ ହଜଯାତ୍ରୀଙ୍କୁ ପ୍ରଶିକ୍ଷକମାନେ ଦୁଇ ଦିନ ଧରି ତାଲିମ ଦେଇଥିଲେ । ହଜ ଯାତ୍ରୀମାନଙ୍କୁ ଏହି ତାଲିମ ନେବା ସମୟରେ ରହଣି ଓ ଭୋଜନର ବ୍ୟବସ୍ଥା କରାଯାଇଥିଲା ।ଏହି ହଜ ଶିବିରରେ ହଜ କମିଟିର ଉପ ସଭାପତି ମିର୍ଜା ଏକ୍ରାମ ବେଗ,ସହ-ସଂପାଦକ ହାଜୀ ଚନ୍ଦା ଖାନ,ହାଜୀ ଅବଦୁଲ କାସିମ ଖାନ,ହାଜୀ ଶେଖ ଅଲାଉଦ୍ଦିନ,ଆଇନଜିବି ହାଜୀ ଶେଖ ସୁଫିଆନ,ହାଜୀ ଶେଖ ନାସିର ବକ୍ସ,ହାଜୀ ଅମାନୁଲ୍ଲା,ହାଜୀ ଶେଖ ସଲାଉଦ୍ଦିନ,ଶେଖ ମୁସ୍ତାକ,ଶେଖ ରିୟାୟୁଦ୍ଦିନ,ଶେଖ ତାରିକ,ସାବିର ଖାନ,ଆଇନୁଲ ଖାନ,ମୁସତଶନ ଖାନ,ଶେଖ ଫାରୁକ,ଶେଖ ବସିର ପ୍ରମୁଖ ଉପସ୍ଥିତ ରହି ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ ତାଲିମରେ ସହଯୋଗ କରିଥିଲେ ।

# ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ବାଲେଶ୍ୱର ସାଂସଦ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପଶ୍ଚିମବଙ୍ଗ ନିର୍ବାଚନ ପରିପ୍ରେକ୍ଷୀରେ ରବିବାର ଦିନ ୨୧୯ ନମ୍ବର ଦାନ୍ତନ ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଅଜିତ କୁମାର ଜାନାଙ୍କ ପାଇଁ ପଥପ୍ରାନ୍ତ ସଭା କରିବା ସହିତ ସୁପରଷ୍ଟାର ମିଥୁନ ଚକ୍ରବର୍ତ୍ତୀଙ୍କ ସହିତ ଏକ ଦୀର୍ଘ ରୋଡ଼ ସୋ କରିଛନ୍ତି ।

# ମାଟିଖୋଳା ପକଲିନ ଜବତ

ଠାକୁରମୁଣ୍ଡା,(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ପୋଲିସ ଠାକୁରମୁଣ୍ଡା ବନ୍ଧ କାମରେ ବ୍ୟବହୃତ ହେଉଥିବା ମାଟିଖୋଳା ମେସିନ (ପକଲିନ )କୁ ରବିବାର ଦିନ ଜବତ କରିଛି। ଘଟଣାରୁ ପ୍ରକାଶ, ରାସଗୋବିନ୍ଦପୁର ଥାନା ଅଂଚଳରେ ଚୋରାରେ ମାଟିଖୋଳୁଥିବା ସମୟରେ ମାଇନିଙ୍ଗ ବିଭାଗ ପୋକଲିନ ମେସିନ ଗାଡିକୁ ଜବତ କରି ସ୍ଥାନୀୟ ଲୋକଙ୍କୁ ଜିମା ଦେଇଥିଲେ। ପୋକଲିନ ମେସିନଟି ଜଙ୍ଗଲ ଭିତରେ ଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଗାଡି ମାଲିକ ଆଶିଷ କୁମାର ମହାନ୍ତ ଗାଡି ଧରି ଚମ୍ପଟ ମାରିଥିଲେ।ଜିମା ଦିଆହୋଇଥିବା ଲୋକଙ୍କ ପାଖରୁ ଖବର ପାଇ ମାଇନିଂ ବିଭାଗ ଜବତ ପୋକଲିନ ଚୋରିହୋଇଥିବା ନେଇ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରସଗୋବିନ୍ଦପୁର ଥାନା କେଶ ନଂ -୫୨୭/୨୦୨୫ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏ ଏସ ଆଇ ସଞ୍ଜୟ କୁମାର ନାଏକ ଠାକୁରମୁଣ୍ଡା ଥାନା ପୋଲିସ ସହାୟତାରେ ଠାକୁରମୁଣ୍ଡା ବନ୍ଧରେ କାର୍ଯ୍ୟ କରୁଥିବା ପୋକଲିନ ମେସିନ କୁ ଚିହ୍ନଟ କରି ଜବତ କରି ଠାକୁରମୁଣ୍ଡା ଥାନାକୁ ଆଣିଥିଲେ।

# ବିଧବା ଭାଉଜ ଗର୍ଭବତୀ କରି ଦିଅର ଗିରଫ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ପୋଲିସ ସମ୍ପର୍କୀୟ ବିଧବା ଭାଉଜଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ଭାଉଜ ଗର୍ଭବତୀ ହେବା ପରେ ତାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତ ଦିଅରଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସାହାରପଡ଼ା ବ୍ଲକ ଖଜିରାପାଟ ପଞ୍ଚାୟତ କୁମେଇ ଗ୍ରାମର ଅଜୟ ନାଏକ (୨୨)। ଅଭିଯୋଗ ଅନୁଯାୟୀ, ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୩୩ ବର୍ଷୀୟ ବିଧବା ମହିଳାଙ୍କୁ ଅଜୟ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ଗର୍ଭବତୀ ହେବା ପରେ ଅଜୟ ବିବାହ କରିବାକୁ ମନା କରିଥିଲେ। ଏ ନେଇ ମହିଳା ଗୁରୁବାର ତୁରୁମୁଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ଉଭୟଙ୍କର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରିବା ପରେ ମୁଦାଲାଙ୍କୁ କୋର୍ଟଚାଲାଣ କରିଛି। ବେଲ ଖାରଜ ହେବା ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୯୫/୨୬)ରୁଜୁ ହୋଇଥିବା ଜଣାପଡ଼ିଛି ।

# ଦ୍ୱିତୀୟ ବୈଶାଖୀ ସନ୍ଧ୍ୟାରେ ଈଶାଣୀ ମୁଖରିତ



ବାଲେଶ୍ୱର ,(ସବ୍ୟୁ): ଈଶାଣୀ ବୈଶାଖୀ ମହୋତ୍ସବ ୨ୟ ସନ୍ଧ୍ୟାରେ ଅନୁଷ୍ଠାନର ଦିବଂଗତ ଉପଦେଷ୍ଟା କର୍ମୀ ସ୍ୱର୍ଗୀୟ ଗୌରୀ କୁମାର ରାଉତ ଏବଂ ସ୍ୱର୍ଗୀୟ ସତ୍ୟନାଥ ମାଝୀଙ୍କୁ ଉତ୍ସର୍ଗୀକୃତ କରାଯାଇଥିବା ବେଳେ ମଞ୍ଚରେ ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଳବ୍ୟ ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ଉଦ୍ଘାଟିତ କରିଥିଲେ। ଅତିଥି-ବକ୍ତା ଭାବେ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ଏବଂ ପ୍ରମୁଖ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ ଈଶାଣୀ ବୈଶାଖୀ ମହୋତ୍ସବର ସ୍ତୁତି ଗାନ କରିବା ସାଙ୍ଗକୁ ସମସ୍ତେ ଏକ ହୋଇ ଅଞ୍ଚଳର ପ୍ରଗତି ଦିଗରେ ଲକ୍ଷ୍ୟ ରଖିବାପାଇଁ ଉତ୍ସାହିତ କରିଥିଲେ। ଏହି ସନ୍ଧ୍ୟାରେ ବୈଶାଖୀ ମହୋତ୍ସବର କାର୍ଯ୍ୟକାରୀ ସଦସ୍ୟ ରମେଶ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବା ସଂଗେସଂଗେ କମିଟିର ଉପସଭାପତି ସୁରେଶ ମାଝୀଙ୍କ ଦ୍ୱାରା ସଭା ପରିଚାଳନା କରାଯାଇଥିଲା। ଛୋଟଛୋଟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଂଗୀତ ଓ ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠାନର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି, ସାଧାରଣ ସଂପାଦକ ଭାଗବତ ସାହୁ, କାର୍ଯ୍ୟକାରୀ ସଭାପତି ଶ୍ରୀଦେବ, ଉପସଭାପତି ନରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସନ୍ଧ୍ୟା ପରିବେଶଟିକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ।

# ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଶୁଭାରମ୍ଭ

ଦୋବଲ,(ସବ୍ୟୁ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଦୋବଲ କାଳୀପଡ଼ିଆଠାରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି। ପ୍ରତିଭା ଅନେକ,ଲକ୍ଷ୍ୟ ଏକ ସ୍ଲୋଗାନ ସହ ଆୟୋଜିତ ଏହି ଆନ୍ତଃ ଜିଲ୍ଲା ଓ ଆନ୍ତଃ ବ୍ଲକ ଫୁଟବଲ ଚାମ୍ପିଅନସିପ ଏପ୍ରିଲ ୧୧ରୁ ଆରମ୍ଭ ହୋଇ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଭବ୍ୟ କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଧାମନଗର ଏନଏସି ପ୍ରତିନିଧି କୈଳାଶ ମହାପାତ୍ର ଉଦଘାଟନ କରିଥିଲେ। ସମ୍ମାନିତ ଯୁବ ସମାଜସେବୀ ଅରବିନ୍ଦ ପତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।ଉଦଘାଟନୀ ଦିବସରେ ଦୁଇଟି ଆକର୍ଷଣୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚଟି ଚାନ୍ଦବାଲି ଏନଏସି ଏବଂ ମିର୍ଜାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଚାନ୍ଦବାଲି ଏନଏସି ଦଳ ଚମତ୍କାର ପ୍ରଦର୍ଶନ କରି ୮–୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚତଡ଼କ ମହଲା ୟୁଜିଏମଇ ସ୍କୁଲ ଏବଂ ଏନସି ନୋଡାଲ ହାଇସ୍କୁଲ ମଧରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଏନସି ନୋଡାଲ ହାଇସ୍କୁଲ ଦଳ ୯–୦ ଗୋଲ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ବ୍ଲକ ଓ ଜିଲ୍ଲାରୁ ବହୁ ପ୍ରତିଭାବାନ ଦଳ ଅଂଶଗ୍ରହଣ କରୁଛନ୍ତି।

### ପୁଅ ଓ ଶାଶୁଙ୍କୁ ପେଟ୍ରୋଲ ଢ଼ାଳି ମାରିଦେବାକୁ ଉଦ୍ୟମ ଘଟଣା

# ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ : ଶ୍ୱଶୁର, କ୍ୱାଇଁ ଅଟକ

ନୀଳଗିରି,(ସବ୍ୟୁ): ୨୦୨୫ ମସିହାରେ ଉଭୟ ଭଲ ପାଇ ବିବାହ କରିଥିଲେ। ସେମାନଙ୍କ ଔରଷରୁ ୧୮ଦିନର ପୁଅଟି ଅଛି। କିଛି ମାସ ଧରି ପୁଅ ଶଶୁର ଘରେ ରହି ଆସୁଥିବା ବେଳେ ସେଠାରେ ନିଜ ସ୍ତ୍ରୀ, ଶାଶୁ କୁ ମଧ ଅକଥନୀୟ ଅତଯାଚାର କରି ଆସୁଥିଲା। ଶେଷରେ ପୁଅ ନିଜ ଗାଁ କୁ ପଳାଇ ଯାଇଥିଲା। ନିଜ ସ୍ତ୍ରୀ ଶଶୁର ଘରକୁ ଆଉ ନ ଯିବାରୁ ହତାସିଆ ସ୍ୱାମୀ ଏବେ ଘରେ ରହି ଆର୍ତ୍ତ ଚିତ୍କାର କରୁଛି। ସୂଚନା ଅନୁସାରେ ତଳ କାହାଲିଆ ଗ୍ରାମର ଭାସ୍କର ପାତ୍ର ର ପୁଅ ମହେଶ୍ୱର ଗତ ୨୦୨୫ ମସିହା ଜୁନ୍ ୨ ତାରିଖରେ ସନ୍ତରାଗାଡିଆ ଗ୍ରାମର ଭାସ୍କର ସ୍ୱାଇଁଙ୍କ ଝିଅ ଜେଯାତିରାଣୀ ଙ୍କୁ ବିବାହ କରିଥିଲେ। ବେଶ୍ କିଛି ମାସ ଧରି ସ୍ୱାମୀ ସ୍ତ୍ରୀ ଭଲରେ ଦିନ ବିତାଇ ଥିବା ବେଳେ ସ୍ୱାମୀ ମହେଶ୍ୱର ଆରମ୍ଭ କରିଥିଲେ ନିର୍ଯଯାତନା। ଶେଷରେ ସ୍ତ୍ରୀ ନିଜ ବାପ ଘରେ ରହି ଆସୁଥିବା ବେଳେ ହତାସିଆ ସ୍ୱାମୀ ନିଜର ଭୁଲ୍ ବୁଝିପାରି ଶ୍ୱଶୁର ଘରେ ରହି ଆସୁଥିଲା। ଏହା ଭିତରେ ତାଙ୍କ ଔରସରୁ ୧୮ଦିନର ପୁତ୍ର ସନ୍ତାନ ଟି ଜନ୍ମିତ ହୋଇଅଛି। ଶ୍ୱଶୁର ଘରେ ରହିଥିବା ବେଳେ ମହେଶ୍ୱର ମଦ ଗଞ୍ଜେଇ ମଧ ଖାଉଥିଲା। ଶାଶୁ ଏହାକୁ ବାରଣ କରୁଥିଲେ ମଧ ଛାଡ଼ି ପାରିନଥିଲେ। ଶନିବାର ଦିନ ସ୍ୱାମୀ ମହେଶ୍ୱର ଦୁଇଟି ବୋତଲରେ ପେଟ୍ରୋଲ ନେଇ ନିଜ ସ୍ତ୍ରୀ, ନବଜାତ ଶିଶୁ, ଶାଶୁ ଉପରେ ଢାଳି ଦେଇ ଘରେ ଥିବା ଗ୍ୟାସ ସିଲିଣ୍ଡର୍ କୁ ଖୋଲି ଏକ ଲାଇଟର ଆଣି ନିଆଁ ଲଗାଇବାକୁ ଚେଷ୍ଟା କରୁଥିବା ବେଳେ ଶାଶୁ ଶକୁନ୍ତଳା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଜୀବନ ବଞ୍ଚି ଯାଇଥିଲା। ପରେ ନୀଳଗିରି ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହେଶ୍ୱର କୁ ଥାନାକୁ ଆଣିଛନ୍ତି। ଏହି ଘଟଣାକୁ ନେଇ ଶାଶୁ ଶକୁନ୍ତଳା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏପଟେ ପୁଅର ବାପା ଭାସ୍କର ପାତ୍ର ତାଙ୍କ ପୁଅକୁ ଶାଶୁ ଓ କିଛି ଗ୍ରାମବାସୀଙ୍କୁ ଡକାଇ ନିର୍ମମ ଭାବେ ପିଟି ପିଟି ସମଗ୍ର ଶରୀରକୁ କ୍ଷତ ବିକ୍ଷତ କରିବା ସହ ଜୀବନରୁ ମାରିଦେବାକୁ ପ୍ରୟାସ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ନିଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରୁଥିବାର ପ୍ରକାଶ କରିଛନ୍ତି।

# ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ): ଓଡିଶା ସରକାରଙ୍କ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଅନୁକୂଳରେ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ଅବସରରେ ଦ୍ୱାଦଶ ଦିନରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଭଦ୍ରକ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ବନ୍ଦନୀୟ ବରପୁତ୍ରମାନଙ୍କୁ ମାଲଯାର୍ପଣ କରାଯାଇଥିବା ସହିତ ତାଙ୍କ ସ୍ତୁତିଚରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ମାଲଯାର୍ପଣ କାର୍ଯ୍ୟକ୍ରମ ପରେ ସଂସ୍କୃତି ଭବନ ଠାରେ ବରପୁତ୍ରମାନଙ୍କ ଉପରେ ଏକ ସାଧାରଣ ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ ଶ୍ରୀରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ,ନରୋତ୍ତମ (ଅବକାରୀ ଅଧିକ୍ଷକ), ପ୍ରେମମଞ୍ଜରୀ ନାୟକ (ଜିଲ୍ଲା ଶ୍ରମ ଅଧିକାରୀ),ପବିତ୍ର ପାଣିଗ୍ରାହୀ (ଗାଳ୍ପିକ/ପ୍ରାବନ୍ଧିକ), ଡ଼.ପ୍ରମୋଦ ନାୟକ (ଅବସରପ୍ରାପ୍ତ ଅଧକ୍ଷ,ସଂସ୍କୃତ ମହାବିଦ୍ୟାଳୟ) ଓ ବିଶ୍ୱରଞ୍ଜନ ଦାସ (ବିଭାଗୀୟ ମୁଖ୍ୟ,ଓଡିଆ ବିଭାଗ,ବିରଞ୍ଚି ନାରାୟଣ ମହାବିଦ୍ୟାଳୟ) ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରପୁତ୍ରମାନଙ୍କ ସ୍ତୁତିଚରଣ କରିଥିଲେ। ଏହାସହ ବନ୍ଦନୀୟ ବରପୁତ୍ରମାନଙ୍କୁ ନେଇ ଯୁବ ବର୍ଗ ମଧରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତନୁ କୁମାର ଦାସ (ବାବାମଣି ଡିଗ୍ରୀ କଲେଜ,ପାଳସାହି) ପ୍ରଥମ,ଭାଗ୍ୟଶ୍ରୀ ପଣ୍ଡା (ବାବାମଣି ଡିଗ୍ରୀ କଲେଜ,ପାଳସାହି) ଦ୍ୱିତୀୟ ଓ ଇତିଶ୍ରୀ କର ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏକ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା, ଯେଉଁଥିରେ ୫୦ରୁ ଅଧିକ କବି ଓ କବୟତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ତନୁଜା ସିଂହ,ଜିଲ୍ଲା ସଂସ୍କୃତି ଅଧିକାରୀ, ସୁଚାରୁ ଭାବେ ପରିଚାଳନା କରିଥିଲେ।

# ୯ ବାଲି ବୋଝେଇ ହାଇଓ୍ୱା ଜବତ

ଆଗରପଡ଼ା,(ସବ୍ୟୁ): ବାଲି ଚାଲାଣ ପାଇଁ ଭୂସ୍ୱର୍ଗ ପାଲଟିଥିବା ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ଆପଣ୍ଡା ଛକ ଠାରେ ପୋଲିସ ଅତର୍କିତ ଚଢାଉ କରି ୯ ଗୋଟି ବେଆଇନ ବାଲି ବୋଝେଇ ହାଇଓ୍ୱା ଜବତ କରିଥିବାର ଜଣାପଡ଼ିଛି ।ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଗଠନ ହୋଇଥିବା ଟିମ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା । ଦୈନନ୍ଦିନ ଗାଡ଼ି ଗୁଡିକ ପଡ଼ୋଶୀ କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧୀନ ବୈତରଣୀ ନଦୀ ଘାଟରୁ ବାଲି ପରିବହନ ବେଆଇନ ଭାବେ କରୁଥିବାର ଜଣାପଡ଼ିଛି । ବାଲି ପରିବହନ ପାଇଁ କୌଣସି କାଗଜପତ୍ର ଗାଡ଼ି ଚାଳକମାନେ ଦେଖାଇ ନପାରିବାରୁ ଗାଡ଼ି ଗୁଡ଼ିକୁ ପୋଲିସ ଜବତ କରିଥିବା ଜଣାପଡ଼ିଛି ।ଏନେଇ ବନ୍ତ ଥାନାରେ ୧୨୯/୨୬ ମୂଳେ ଏକ ମାମଲା ରୁଜୁ ହୋଇଛି । ଜବତ ବାଲି ବୋଝେଇ ହାଇଓ୍ୱା ଗୁଡିକୁ ପୋଲିସ ଥାନା ନିକଟରେ ରଖିବା ସହ ଗାଡ଼ିମାନଙ୍କୁଥାନାରେଅଟକରଖିପରଗୋଡଘଟଣା ଜାରିରଖିଥିବାର ସୂଚନା ମିଳିଛି ।

# ଓଡ଼ିଆ ପକ୍ଷ ଅବସରରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ଓଡ଼ିଆ ପକ୍ଷ ଦ୍ୱାଦଶ ଦିନରେ ଓଡ଼ିଶାର ସଂସ୍କୃତି ଓ ସାହିତଯର ଗୌରବମୟ ଐତିହ୍ୟକୁ ସମ୍ମାନ ଜଣାଇ ରାଜ୍ୟର ବରପୁତ୍ରଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶଯରେ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଓ ଓଡ଼ିଶା ସାହିତଯ ଏକାଡେମୀ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ -୨୦୨୬ ଅବସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ, ବାଲେଶ୍ୱରଠାରେ ରବିବାର ପୂର୍ବାହ୍ନ ସାଢ଼େ୧୦ଟାରେ ସମୟରେ ଆୟୋଜିତ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ମୁଖଯ ଅତିଥି ଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସମ୍ମାନୀତ ଅତିଥି ଭାବେ ବିଧାୟକ ଜଳେଶ୍ୱର ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ବାଲେଶ୍ୱରସୁଧାକର ନାଏକ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱର ହେମନ୍ତ କୁମାର ସିଂହ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ସଂସ୍କୃତି ଓ ସାହିତଯର ଗୌରବମୟ ଐତିହ୍ୟ ଏବଂ ବରପୁତ୍ରମାନଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିବା ସହ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ମତବ୍ୟକ୍ତ କରିଥିଲେ ।ଦ୍ୱିତୀୟ ଅଧିବେଶନରେ ବାଲେଶ୍ୱର ଜିଲ୍ଲାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ଲକ୍ଷ୍ମୀକାନ୍ତ ତ୍ରିପାଠୀ , ଶିରିଶ ଚନ୍ଦ୍ର ଜେନା ବିଷୟବସ୍ତୁ ଆଧାରିତ ଆଲୋଚନାରେ ବରପୁତ୍ର ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ରାଜା ବୈକୁଣ୍ଠ ନାଥ ଦେବ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଡ଼. ହରେକୃଷ୍ଣ ମହତାବ, ରାମକୃଷ୍ଣ ପଟ୍ଟନାୟକ, ଅନନ୍ତ ପ୍ରସାଦ ପଣ୍ଡା, ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ରମୋହନ ମହାରଣା, ଅବଦୁଲ ରହିମ, ବାଞ୍ଛାନିଧି ମହାନ୍ତି, ଯଦୁନାଥ ଦାସ ମହାପାତ୍ର, ଐତିହାସିକ ମନ୍ମଥ ନାଥ ଦାସ, ପଦ୍ମଭୂଷଣ ମନୋଜ ଦାସ, ବ୍ରଜନାଥ ରଥ, ନରେନ୍ଦ୍ର ନାଥ ମିଶ୍ର, ବୈଷ୍ଣବ ଚରଣ ଦାସ, ଶଶୀଭୂଷଣ ରାୟ ଇତଯାଦିଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶେଷ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ଜିଲ୍ଲାର ୫୦ ଜଣ ବିଶିଷ୍ଟ କବି ଓ କବୟିତ୍ରୀ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ବରପୁତ୍ରଙ୍କ ଅବଦାନ ବିଷୟବସ୍ତୁ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ । ଏହି କବିତା ପାଠୋତ୍ସବକୁ ଜ୍ୟୋସ୍ନାରାୟ ମହାପାତ୍ର ଓ ପଦ୍ମଲୋଚନ ପ୍ରଧାନ ସଂଯୋଜନା କରିଥିଲେ । ଏହି ସମସ୍ତ କାଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ପ୍ରତଯକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ।

# ସିଟିଜେନ ଫୋରମର ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର ,(ସବ୍ୟୁ): କେନ୍ଦୁଝର ମାଟିର ଗୌରବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଞ୍ଜିନିୟରିଂ କଲେଜକୁ ଦେଶର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନ ଭାବେ ନିର୍ମାଣ ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିବାରୁ 'କେନ୍ଦୁଝର ସିଟିଜେନ ଫୋରମ 'ତରଫରୁ ଇଂଜିନିୟରିଙ୍ଗ କଲେଜର ରୌପ୍ୟ ଜୟନ୍ତୀ ଉତ୍ସବରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ଏହି ସମ୍ବର୍ଦ୍ଧନା ପର୍ବ ରେ ଫୋରମ ସଭାପତି ଡାକ୍ତର ଅରୁଣ କୁମାର ସାହୁ, ସଂପାଦକ ଇଂଜିନିୟର ଅଜୟ କୁମାର ସାହୁ, ବରିଷ୍ଠ ସଦସ୍ୟ ଚକ୍ରଧର ସାହୁ, ବଳଭଦ୍ର ସାହୁ, ରାମନାରାୟଣ ଦ୍ୱିବେଦୀ, ବିଶ୍ୱନାଥ ପଟ୍ଟନାୟକ, . ନୀଳମଣି.ସାହୁ,, କୃଷ୍ଣ ଚନ୍ଦ୍ର ପରିଡା, ପ୍ରସନ୍ନ କୁମାର ଦାଶ,ଭରତ ଚନ୍ଦ୍ର ପାତ୍ର, ଇଂଜିନିୟର ରାଜୀବ କୁମାର ସାହୁ, ଇଂଜିନିୟର ପ୍ରଶାନ୍ତ ଦଳେଇ, ବାବାଜୀ ପାତ୍ର, ସୁବଳ ସାହୁ, ଅଧ୍ୟାପକ ଗୟାଧର ଦାଶ, ସରୋଜ ଦାଶ,ଅବିନାଶ ଦାସଯୋଗ ଦେଇଥିଲେ ।ଏହି ଅବସରରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ସଭାପତି ଚକ୍ରଧର ସାହୁ ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରୁ ପୃଥକୀକରଣ କରି ସ୍ୱୟଂଶାସିତ ସ୍ଥିତିକୁ ଫେରେଇ ଆଣିବା ପ୍ରସଙ୍ଗରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସମୟରେ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡଃ ଫକୀର ମୋହନ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂ, ବିପିୟୁଟି କୁଳପତି,ଓ ଇଂଜିନିୟରିଂ କଲେଜର ପ୍ରିନ୍ସପାଲ ସହ ସମସ୍ତ ଅଧ୍ୟାପକ ଉପସ୍ଥିତ ଥିଲେ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୩/୦୯)**
**କର୍ମଯୋଗଃ**
**ଶ୍ରୀଭଗବାନୁବାଚ**
**ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମ ବନ୍ଧନଃ ।**
**ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ॥ ୯ ॥**
ହେ ଅର୍ଜ୍ଜୁନ ! ଯଜ୍ଞପାଇଁ (ପରୋପକାର ପାଇଁ) ଯେଉଁ କାର୍ଯ୍ୟ କରାଯାଏ, ତାହା ଭିନ୍ନ ଅନ୍ୟ କର୍ମରେ ଲୋକେ ବାନ୍ଧି ହୁଅନ୍ତି । ଅତଏବ ଯଜ୍ଞ ନିମିତ୍ତ ଅନାସକ୍ତ ହୋଇ କର୍ମ କର, ସେ କର୍ମରେ ବନ୍ଧ ନ ନାହିଁ ॥୯॥

# ନିଉ କ୍ୟାପିଟାଲରୁ ସ୍ମାର୍ଟସିଟି ଯାଏଁ

ସେ ଶୁଭ ଦିବସଟି ଥିଲା ୧୯୪୮ ମସିହା ଏପ୍ରିଲ ୧୩ ତାରିଖ । ନୂତନ ରାଜଧାନୀକୁ ଭୁବନେଶ୍ୱରରେ ସେଦିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଶୁଭ ଦେଇଥିଲେ- ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଉପସ୍ଥିତିରେ । ଏହା ପରେ ୧୯୫୦ ମେ ୧୨ ତାରିଖରେ ମହତାବଜୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ନୂତନ ରାଜଧାନୀର ନିର୍ମାଣ କାର୍ଯ୍ୟ ପ୍ରାୟ ଆଗେଇ ପାରି ନଥିଲା । ଐତିହାସିକ ଓ ଭୌଗଳିକ ଦୃଷ୍ଟିକୋଣରୁ ଭୁବନେଶ୍ୱରରେ ନୂଆ ରାଜଧାନୀ କରିବାକୁ ମହତାବ ହିଁ ଜିଦ୍ ଧରି ସେହି କାର୍ଯ୍ୟ ହାତକୁ ନେଇଥିଲେ ।

ମାତ୍ର ଯେଉଁଦିନ, ୧୯୨୮ ଏପ୍ରିଲ ୧୩ ତାରିଖରେ ଏହାର ଶୁଭ ଦିଆଗଲା, ପ୍ରଧାନମନ୍ତ୍ରୀ ନେହରୁ ଏହାର ଶୁଭ ଦେଇ ରାଜଧାନୀ ଭୁବନେଶ୍ୱରକୁ ବହୁତଳ ପ୍ରାସାଦ ବିଶିଷ୍ଟ ନଗରରେ ପରିଣତ ନ କରି ଏହାକୁ ଏକ ଆଦର୍ଶ ସ୍ଥାନୀୟ ସହରରେ ପରିଣତ କରାଯିବାକୁ ଚାହିଁଥିଲେ । ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ମଧ୍ୟ ଭୁବନେଶ୍ୱରର ଐତିହାସିକତା, ଧାର୍ମିକ ପରିବେଶ ଓ ପବିତ୍ର ଦିବସର ବୈଶିଷ୍ଟ୍ୟ ବିଷୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଭାଷଣରେ ଅବଗତ କରାଇଥିଲେ । ସେ କହିଥିଲେ- 'ଆଜି ପଣା ସଂକ୍ରାନ୍ତି, ଏପ୍ରିଲ ୧୩ରେ ନୂତନ ବର୍ଷର ଆରମ୍ଭ ହେବ ଏବଂ ଆମ ଜାତୀୟ ସପ୍ତାହର ଶେଷ ଦିବସ ।... ପଣ୍ଡିତ ଜବାହରଲାଲ ନେହରୁଙ୍କ କାର୍ଯ୍ୟରେ ଭାର ଦୃଷ୍ଟିରୁ ଏହା ଅବଶ୍ୟ ଆଜି କ୍ଷୁଦ୍ର ହୋଇପାରେ, କିନ୍ତୁ କାମ ପକ୍ଷରେ ଏହାର ଗୁରୁତ୍ୱ ଓ ମହତ୍ତ୍ୱ ବେଶୀ ।... ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇ ରହି ଆସିଛି । ଭୁବନେଶ୍ୱର ବୁଦ୍ଧ, ଜୈନ ଓ ଶଙ୍କର ପ୍ରଭୃତି ବହୁ ଧର୍ମ ଓ ସଂସ୍କୃତିର ପୀଠ ରୂପେ ପ୍ରାଧାନ୍ୟ ଲାଭ କରିଛି । ଏହି ଐତିହାସିକ ରାଜଧାନୀ କେତେ ଶାସନରେ ଉତ୍ଥାନ ଓ ପତନ ଦେଖି ଆସିଛି । ଭାରତରେ କିମ୍ବା ପୃଥିବୀରେ କୌଣସି ସ୍ଥାନ ୨୫ ଶହ ବର୍ଷ ଧରି ପ୍ରାଧାନ୍ୟ ଓ ଗୁରୁତ୍ୱ ରକ୍ଷା କରି ପାରି ନାହିଁ, ଆଜି ଏହି ପୀଠରେ ଆମେ ଓଡ଼ିଶାର ନୂଆ ରାଜଧାନୀ ଗଢ଼ିବାକୁ ଯାଉଛେଁ ।.... (ନୂଆ ରାଜଧାନୀ: ପ୍ରଜାତନ୍ତ୍ର ଓ ମହତାବ, ଡକ୍ଟର ମନ୍ମଥନାଥ ଦାସ, ଉତ୍କଳ କେଶରୀ ମହତାବ ପୁସ୍ତକ, ସମ୍ପାଦନା ପ୍ରଫେସର ଉପେନ୍ଦ୍ର ପାଢ଼ୀ)

ଭୁବନେଶ୍ୱରରେ ରାଜଧାନୀ ନକରି କଟକରେ ଓ ଗଞ୍ଜାମ ଅଞ୍ଚଳର ରଙ୍ଗେଇଲୁଣ୍ଡାରେ କରିବାକୁ କେତେକ ବିଶିଷ୍ଟ ବ୍ୟକ୍ତି ଉଦ୍ୟମ କରୁଥିଲେ ମଧ୍ୟ ତାହା ସଫଳ ହୋଇ ନଥିଲା । ୧୯୫୬ ଅକ୍ଟୋବର ୧୯ ତାରିଖରେ ମହତାବ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବା ପରେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇଥିଲା । ପରେ ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟ୍ଟନାୟକ ତଥା ଉପ-ମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ନବୀନ ପଟ୍ଟନାୟକ ସରକାର ଚଳାଉଥିବା ବେଳେ ନୂଆ ରାଜଧାନୀ ବା ନିଉ କ୍ୟାପିଟେଲରୁ ରୂପାନ୍ତରିତ ରାଜଧାନୀ ଭୁବନେଶ୍ୱର ସହର ପାଇଁ କିଛି କିଛି ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି । ତାହା ଅସ୍ୱୀକାର କରାଯାଇ ନପାରେ । ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଭାରତରେ ୧୦୦ଟି ସହରକୁ 'ସ୍ମାର୍ଟସିଟି' ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତାବ ରଖାଯିବା ବେଳେ ଭୁବନେଶ୍ୱର ସହରଟି ସ୍ମାର୍ଟସିଟିରେ ପରିଣତ କରାଯିବାକୁ ପ୍ରସ୍ତାବରେ ଅର୍ନ୍ତଭୁକ୍ତ ହୋଇଥିଲା ।

**'ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇ ରହି ଆସିଛି । ଭୁବନେଶ୍ୱର ବୁଦ୍ଧ, ଜୈନ ଓ ଶଙ୍କର ପ୍ରଭୃତି ବହୁ ଧର୍ମ ଓ ସଂସ୍କୃତିର ପୀଠ ରୂପେ ପ୍ରାଧାନ୍ୟ ଲାଭ କରିଛି । ଏହି ଐତିହାସିକ ରାଜଧାନୀ କେତେ ଶାସନରେ ଉତ୍ଥାନ ଓ ପତନ ଦେଖି ଆସିଛି । ଭାରତରେ କିମ୍ବା ପୃଥିବୀରେ କୌଣସି ସ୍ଥାନ ୨୫ ଶହ ବର୍ଷ ଧରି ପ୍ରାଧାନ୍ୟ ଓ ଗୁରୁତ୍ୱ ରକ୍ଷା କରି ପାରି ନାହିଁ, ଆଜି ଏହି ପୀଠରେ ଆମେ ଓଡ଼ିଶାର ନୂଆ ରାଜଧାନୀ ଗଢ଼ିବାକୁ ଯାଉଛେଁ ।'**

କେନ୍ଦ୍ର ସରକାର ସ୍ମାର୍ଟସିଟି ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଯୋଗାଇ ଦେଇଥିଲେ । ମାତ୍ର ନବୀନ ପଟ୍ଟନାୟକ ସରକାର ଭୁବନେଶ୍ୱରର ଉନ୍ନତି ପାଇଁ ସେହି ଅର୍ଥକୁ ଠିକ୍ ଭାବେ ଖର୍ଚ୍ଚ କରି ନଥିଲେ ବୋଲି ଅଭିଯୋଗ ହୋଇଥିଲା । ଭୁବନେଶ୍ୱରରେ ଟିକେ ବର୍ଷା ହେଲେ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହେଉଥିଲା ଓ ହେଉଛି । ଅନେକ ଅଣ ଓଡ଼ିଆ ବ୍ୟବସାୟୀ ଏହି ସ୍ମାର୍ଟସିଟିରୁ ଲାଭବାନ ହୋଇଥିଲେ ବୋଲି ଅଭିଯୋଗ ମଧ୍ୟ ହୋଇଥିଲା । ବାସଗୃହ ପଟ୍ଟା, ପ୍ଲଟ ପାଇଁ ଅନୁମତି ପାଇବାକୁ ଲୋକେ ତହସିଲ ଅଫିସ, ବିଏମ୍‌ସି ଓ ବିଡିଓକୁ ଦୌଡ଼ି ଦୌଡ଼ି ହଇରାଣ ହେଉଥିଲେ । ସେ ଯାହାହେଉ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱତନ୍ତ୍ର ଦୃଷ୍ଟି ଓଡ଼ିଶା ଉପରେ ରହିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ଉନ୍ନୟନ ଲାଗି ଯାବତୀୟ ଯୋଜନା କରିଛନ୍ତି । ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନୂତନ ଭୁବନେଶ୍ୱର ଗଠନ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ସାକାର କରିବାକୁ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଓଡ଼ିଶାର ଜନ୍ମଦିବସ ଏପ୍ରିଲ ପହିଲାରୁ ଓଡ଼ିଆ ନୂଆବର୍ଷ,ପଣାସଂକ୍ରାନ୍ତି ଯାଏଁ 'ଓଡ଼ିଆ ପକ୍ଷ' ମଧ୍ୟ ପାଳିତ ହେଉଛି ଯୁବ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହଯୋଗରୁ ।

ପ୍ରାୟ ୩୭ ବର୍ଷ ହେଲା ରାଜଧାନୀ ପ୍ରତିଷ୍ଠା ଉତ୍ସବ ପାଳନ କରି ଆସୁଥିବା କମିଟିର ସଭାପତି ଏବେ ବରିଷ୍ଠ ସାମ୍ବାଦିକ ଓ ଲେଖକ ପ୍ରଦୋଷ ପଟ୍ଟନାୟକ । 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି ଏହାର ଉପ- ସଭାପତି ଓ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଏହାର ସାଧାରଣ ସମ୍ପାଦକ ଅଛନ୍ତି । ଏବେ ରାଜ୍ୟର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଓ ରାଜ୍ୟ ଲୋକସମ୍ପର୍କ ବିଭାଗର ଶାସନ ସଚିବ ହେମନ୍ତ ଶର୍ମା ଓ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିଷ୍ଠା କମିଟିର ସହଯୋଗରେ ବି.ଏମ୍.ସି. ଓ ବି.ଡି.ଏ ପ୍ରଭୃତି ଏପ୍ରିଲ ୧୩ ଓ ୧୪ ଦୁଇନଦିନ ଧରି ରାଜଧାନୀ ପ୍ରତିଷ୍ଠା ଉତ୍ସବ ଜାକଜମକରେ ଏଥର ପାଳନ କରୁଥିବା ଖୁବ୍ ଆନନ୍ଦଦାୟକ ବୋଲି ମନେ ହୋଇଥାଏ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

# ଦୁର୍ଗ ପତନର ବେଳ



**ଡ. ନିରଞ୍ଜନ ସାହୁ**

୧୯୬୭ ମସିହାର କଥା- ପଶ୍ଚିମବଙ୍ଗର ନକ୍ସଲବରୀରେ ଆରମ୍ଭ ହୋଇଥିଲା ଏକ ସଶସ୍ତ୍ର ଆନ୍ଦୋଳନ । ମୁଖ୍ୟତଃ ଏହା ଥିଲା ଜମିରେ ବାସ୍ତବରେ କାମ କରୁଥିବା ଲୋକମାନଙ୍କର ଜମିମାଲିକଙ୍କ ବିରୋଧରେ ଏକ ରକ୍ତାକ୍ତ ବିପ୍ଳବ, ଯାହାକୁ ଇତିହାସ ନକ୍ସଲ ଆନ୍ଦୋଳନ ବୋଲି ନାଁ ଦେଇଥିଲା ଆଉ ଏହାର ନେତୃତ୍ୱ ନେଇଥିଲେ ଚାରୁ ମଜୁମଦାର, କାହ୍ନୁ ସନ୍ନ୍ୟାଲଙ୍କ ପରି ନେତୃମଣ୍ଡଳୀ। ସେତେବେଳେ ଭୁସଂସ୍କାର ଆଇନକୁ ଏଇ ଆନ୍ଦୋଳନ ବହୁ ପରିମାଣରେ ପ୍ରଭାବିତ କରିଥିଲା ।

ଅନେକ ଜମିଦାର ଥିଲେ ସେତେବେଳେ ଯେଉଁମାନେ ଥିଲେ ଖାତା ଖତିଆନରେ ଜମିର ମାଲିକ ମାତ୍ର କେବେହେଲେ ଜମି ଦେଖି ନଥିଲେ ଅଥଚ ବାସ୍ତବରେ ଜମିରେ ନିଜର ରକ୍ତ ଓ ସ୍ୱେଦକୁ ଏକ କରି ଫସଲ ଉପୁଜାଉଥିବା ଚାଷୀମାନେ ଥିଲେ ଦୁଃଖୀ ଗରିବ ଗିରିଜନ, ଭୂମିହୀନ । ଜଙ୍ଗଲର ନିଆଁ ପରି ଅଳ୍ପ ଦିନ ଭିତରେ ବହୁ ଅଞ୍ଚଳକୁ ମାଡି ଯାଇଥିଲା ବିପ୍ଳବର ବହ୍ନି । ଅନେକ ଜମିଦାରଙ୍କ ଧାନ ଗୋଦାମ ଲୁଟ ହୋଇଥିଲା ବହୁ ଅତ୍ୟାଚାରୀ ଜମିଦାର ହତ୍ୟାର ଶିକାର ପାଲଟି ଥିଲେ ।

ସାମ୍ୟବାଦ ଓ ସମାଜବାଦ ଅଧ୍ୟୟନ କରିଥିବା ସବୁ ପାଠକ ଜାଣିଥିବେ ରୁଷ ବିପ୍ଳବ ଦିନେ ଆରମ୍ଭ ହୋଇଥିଲା କମ୍ୟୁନିଷ୍ଟ ମେନିଫେଷ୍ଟୋର ବୈପ୍ଳବିକ ଡାକରାରେ- workers of the world unite, you have nothing to lose but your chains. ଏହାର ଆରମ୍ଭ ହୋଇଥିଲା ଏକ ତାତ୍ତ୍ୱିକ ଅବଧାରଣାରୁ ଯେ ରାଷ୍ଟ୍ର ହେଉଛି ଏକ ଲୁଣ୍ଠନ ଓ ଅତ୍ୟାଚାରର ବ୍ୟବସ୍ଥା।

ରାଷ୍ଟ୍ର ଆରମ୍ଭ ହୋଇଥିଲା ବ୍ୟକ୍ତିକୁ ନିରାପତ୍ତା ଦେବାପାଇଁ ମାତ୍ର କାଳକ୍ରମେ ତାହା ପରିଣତ ହୋଇଗଲା ସ୍ୱାଭାବିକ ଭାବରେ ଏକ ଭୟଙ୍କର ଦୁର୍ବୃତ୍ତ ଭାବରେ- State is a necessary evil ଏବଂ ଏଥିପାଇଁ ସାମ୍ୟବାଦର ଲକ୍ଷ୍ୟ ଥିଲା ରାଷ୍ଟ୍ରର ପତନ (Liquidation of the state) ଏଭଳି ତାତ୍ତ୍ୱିକ କଥାକୁ ବାସ୍ତବ କରିବାକୁ ନକ୍ସଲ ଆନ୍ଦୋଳନ ଏପରି ଏକ ସମ୍ଭାବନା ସୃଷ୍ଟି କରିଥିଲା କେତେକ ସ୍ୱପ୍ନଜୀବୀଙ୍କ ମନରେ । କୃଷିଜୀବୀ ଏବଂ ଶ୍ରମଜୀବୀମାନେ କିପରି ଜମିର ମାଲିକ ହୋଇପାରିବେ, ଏହିପରି ଏକ ସମ୍ଭାବନା ଦେଖା ଦେଇଥିଲା ସାଧାରଣ ଲୋକଙ୍କ ଭିତରେ, ଅପରପକ୍ଷରେ ଜମିମାଲିକଙ୍କ ଭିତରେ ସୃଷ୍ଟି କରିଥିଲା ଅପରିସୀମ ଭୟ ଓ ଆତଙ୍କ ।

ଏହାର ଫଳରେ ଭୁସଂସ୍କାର ପାଇଁ ଅନେକ ଆଇନଗତ ପଥ ପରିଷ୍କାର ହୋଇଥିଲା। ଆଦିବାସୀମାନଙ୍କର ଜମିର ଅଧିକାର ସଂପର୍କିତ ଆଇନମାନ ଗୃହୀତ ହୋଇଥିଲା। ନକ୍ସଲ୍‌ବାଡ଼ି ଓ ଏହାର ଆଖପାଖ ଅଞ୍ଚଳ ଯାହାକୁ ରେଡ୍ କରିଡର କୁହାଯାଉଥିଲା। ସେଠାରେ ପ୍ରଜାକୋର୍ଟମାନ ଗଠିତ ହୋଇ ଅଳ୍ପକାଳ ପାଇଁ ହେଲେ ବି ସାମ୍ୟବାଦ ସାମାଜବାଦର ଏକ କାଳ୍ପନିକ ରାଜ୍ୟର ସମ୍ଭାବନା ସୃଷ୍ଟି କରିଥିଲା । ଓଡ଼ିଶା ପରି ରାଜ୍ୟରେ ଭୁସଂସ୍କାର ଆଇନ ୧୯୬୦ ମସିହାରେ ପାରିତ ହୋଇଥିଲେ ମଧ୍ୟ ଏହା ୧୯୬୫ ଅକ୍ଟୋବରରେ କାର୍ଯ୍ୟକାରୀ ହେବାକୁ ସରକାରୀ ନିଷ୍ପତ୍ତି ହୋଇଥିଲା- ମାତ୍ର ଏହି ଆନ୍ଦୋଳନର ପ୍ରଭାବରେ ସିଲିଂ ଜମି ଭୂମିହୀନଙ୍କ ଭିତରେ ବାଣ୍ଟିବା ଆରମ୍ଭ ହେଲା ୧୯୭୩ ମସିହାରେ । ହିଂସାରେ ବିଶ୍ୱାସ କରୁଥିବା ଏବଂ ଆମର ସମ୍ବିଧାନରେ ବିଶ୍ୱାସ କରୁ ନଥିବା ଏହି ଆନ୍ଦୋଳନ ବାସ୍ତବରେ ଦୀର୍ଘସ୍ଥାୟୀ ହୋଇପାରି ନଥିଲା- ଭାରତ ପରି ଏକ ଶାନ୍ତିକାମୀ ଲୋକଙ୍କ ଦେଶରେ ଏହାର ଦୀର୍ଘକାଳୀନ ସୁପ୍ରଭାବ ଆରମ୍ଭ ହେବା ସମ୍ଭବ ହେଲାନାହିଁ । ସିଦ୍ଧାର୍ଥ ଶଙ୍କର ରାୟ ପଶ୍ଚିମ ବଙ୍ଗରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ସରକାରଙ୍କ ତରଫରୁ ଏହି ହିଂସ୍ର ଆନ୍ଦୋଳନକୁ ବେଆଇନ ଘୋଷଣା କରାଗଲା ଏବଂ ଏହାକୁ ରାଷ୍ଟ୍ର କ୍ଷମତାର ପରିପନ୍ଥୀ ଦର୍ଶାଇ ଦମନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । କ୍ରମେ

ଏହି ଆନ୍ଦୋଳନର ତାତି ପଶ୍ଚିମବଙ୍ଗରୁ ଯାଇ ଆନ୍ଧ୍ର, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ଆଦିର ବହୁ ଇଲାକାରେ ପଡିଥିଲା । ଏହି ଆନ୍ଦୋଳନରେ ସାମିଲ୍ ହୋଇଥିବା ନେତାମାନେ ମାଓସେତୁଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ କାଳକ୍ରମେ ସେମାନଙ୍କୁ ମାଓବାଦୀ ଭାବରେ ଅଭିହିତ କରାଯାଇଥିଲା । ବିଶେଷତଃ ଜଙ୍ଗଲ ଇଲାକାରେ ଖଣି ଖାଦାନ ଅଞ୍ଚଳରେ ସେମାନେ ତାଙ୍କର ପ୍ରଭାବ ବିସ୍ତାର କରିଥିଲେ ଏବଂ ଏକଦା ସମଗ୍ର ଦେଶର ଶହେ ଅଶୀଟି ଜିଲ୍ଲା ମାଓ ପ୍ରବଣ ବୋଲି ସରକାର ଘୋଷଣା କରିଥିଲେ । ଆମ ରାଜ୍ୟ ଓଡ଼ିଶାର ମୋଟ ତିରିଶ ଗୋଟି ଜିଲ୍ଲାରୁ ଅଠର ଗୋଟି ଜିଲ୍ଲାରେ ମାଓବାଦୀଙ୍କର ପ୍ରଭାବ ଥିଲା । ମହାରାଷ୍ଟ୍ରର ଗଡଚିରୋଲୀ ଥିଲା ମାଓବାଦୀଙ୍କର ଗଡ଼- ସେମାନେ ସ୍ଥାନୀୟ ପ୍ରଶାସନକୁ କାବୁ କରି ପକାଇଥିଲେ ଏବଂ ପ୍ରଜାକୋର୍ଟ ମାଧ୍ୟମରେ ଅତ୍ୟାଚାରୀ ପ୍ରଶାସକ, ପୋଲିସକୁ ତଥ୍ୟ ପ୍ରଦାନକାରୀ ବ୍ୟକ୍ତି ଏବଂ ସେମାନଙ୍କର ସ୍ୱାର୍ଥ ବିରୋଧୀଙ୍କୁ ଦଣ୍ଡ ଦେଉଥିଲେ ଏବଂ ସେହି କ୍ରମରେ ବହୁ ପୁଲିସ ଓ ସାଧାରଣ ଲୋକଙ୍କର ଜୀବନ ଯାଇଥିଲା । ଏହି ରକ୍ତାକ୍ତ ଆନ୍ଦୋଳନର ପ୍ରଭାବରେ କୋଡିଏ ହଜାରରୁ ଅଧିକ ଲୋକଙ୍କର ଜୀବନ ହାନି ଘଟିଥିଲା ।

ଦୁଇ ହଜାର ମସିହା ବେଳକୁ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ କେନ୍ଦ୍ର ପୁଲିସ ବଳ ଓ ରାଜ୍ୟ ପୁଲିସ ବଳ ମଧ୍ୟରେ ସହଯୋଗ ସ୍ଥାପିତ ହୋଇଥିଲା। ଏଥିରେ ସାମିଲ୍ ହୋଇଥିବା ବ୍ୟକ୍ତିମାନେ ଦେଶ ବିରୋଧୀ ଶକ୍ତିଙ୍କଠାରୁ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଯୋଗାଯୋଗ ସାଧନ ପାଉଥିଲେ ଏବଂ ଗୋଟିଏ ଗୋଟିଏ ଅଞ୍ଚଳ ସେମାନଙ୍କ ଅଧୀନକୁ ଚାଲିଯାଇଥିଲା କହିଲେ ଚଳେ । ଏକ ଭୟର ବାତାବରଣରୁ ଲୋକଙ୍କୁ ବଞ୍ଚାଇବା ହୋଇଥିଲା ସରକାରଙ୍କ ପ୍ରାଥମିକତା ।

ମାତ୍ର ମାଓ ସଂଗଠନମାନେ ବହୁ ଦୂରାନ୍ତ ଉପାନ୍ତ ଅଞ୍ଚଳକୁ ସେମାନଙ୍କ ଅକ୍ତିଆରକୁ ନେଇଯାଇଥିଲେ- ସେମାନଙ୍କ ପ୍ରାର୍ଦୁଭାବରେ ସରକାରୀ ବାବୁମାନେ ସରକାରୀ ଗାଡ଼ି ଛାଡ଼ି ପ୍ରାଇଭେଟ୍ ଗାଡ଼ିରେ ଯିବାକୁ ବାଧ୍ୟ ହେଉଥିଲେ ଏବଂ ଅନେକ ସ୍ଥଳରେ ନାଲିବତୀ ବ୍ୟବହାର କରୁଥିବା ଅଧିକାରୀମାନେ ନିଜ ସୁରକ୍ଷା ଆଧାରରେ ତାକୁ ଖୋଲି ଦେଉଥିଲେ । କେତେକ ଜିଲ୍ଲାପାଳଙ୍କୁ ବି ସେମାନେ ଅପହରଣ କରିନେଇଥିଲେ ।

ଦୁଇ ହଜାର ଚଉଦରେ ବର୍ତ୍ତମାନର କେନ୍ଦ୍ର ସରକାର ଚଳାଉଥିବା ରାଜନୈତିକ ଦଳ କ୍ଷମତାକୁ ଆସିବା ପରେ ନକ୍ସଲବାଦର ମୂଳୋତ୍ପାଟନ କରିବାକୁ ଘୋଷଣା କଲେ । ଦୁଇହଜାର ଛବିଶ ମାର୍ଚ୍ଚ ଶେଷସୁଦ୍ଧା ଦେଶକୁ ମାଓବାଦ ମୁକ୍ତ କରିବାକୁ ସେମାନେ ଯେଉଁ ଆଶା ପ୍ରକଟ କରିଥିଲେ, ଏବେ ପାର୍ଲିଆମେଣ୍ଟରେ ତାହା ଘୋଷଣା କରିଛନ୍ତି ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ। ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ସରକାର ବହୁ ଯୋଜନା କରିଛନ୍ତି ଏବଂ ତାଛଡ଼ା ଦୂରନ୍ତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ସମୁନ୍ନତ କରିଛନ୍ତି । ମାଓବାଦକୁ ଯେଉଁ ନୀତିନିଷ୍ଠ ବ୍ୟକ୍ତିମାନେ ଆରମ୍ଭ ସମୟରେ ଆଦର୍ଶ ଭାବରେ ଗ୍ରହଣ କରିଥିଲେ କ୍ରମେ ସେମାନଙ୍କ ଭିତରେ ମଧ୍ୟ ଦ୍ୱନ୍ଦ୍ୱ ଦେଖା ଦେଇଥିଲା । ସେମାନଙ୍କ ଭିତରୁ କେତେକ ମଧ୍ୟ ନିଜର ଅନୁଗାମୀମାନଙ୍କୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ହୋଇଥିଲା ।

ଏହି ସରକାରୀ ସଫଳତା ସାଧାରଣ ଲୋକଙ୍କ ଭିତରେ ଥିବା ଭୟକୁ ଦୂର କରିଛି । ମାତ୍ର ଏହାକୁ ଏକ ଦୀର୍ଘକାଳୀନ ବ୍ୟବସ୍ଥାରେ ପରିଣତ କରିବାକୁ ପଡିବ । ଶତ୍ରୁରାଷ୍ଟ୍ରମାନେ ଆମର ରାଷ୍ଟ୍ର ଭିତରେ ଆଭ୍ୟନ୍ତରୀଣ ଗଣ୍ଡଗୋଳ ଭିଆଇ ରାଷ୍ଟ୍ରକୁ ଦୁର୍ବଳ କରିବାପାଇଁ ସତତ ଚେଷ୍ଟିତ- ସେଇ ପରିପ୍ରେକ୍ଷୀରେ ବର୍ତ୍ତମାନ ଆରମ୍ଭ ହୋଇଥିବା ଆଶାବାଦକୁ ଚିରନ୍ତନ କରିବାପାଇଁ ରାଷ୍ଟ୍ରର ସଂକଳ୍ପକୁ କ୍ରମାନ୍ୱୟରେ ଆଗେଇ ନେବାକୁ ପଡ଼ିବ। ରାଷ୍ଟ୍ର ସର୍ବୋପରି, ରାଷ୍ଟ୍ରରେ ସାମୟିକ ବିଚ୍ୟୁତି ରହିପାରେ ମାତ୍ର କୌଣସି ରାଷ୍ଟ୍ରବିରୋଧୀଙ୍କ ପ୍ରୋତ୍ସାହନରେ ଚାଲୁଥିବା ଯେକୌଣସି ସଶସ୍ତ୍ର ଆନ୍ଦୋଳନ ଯେ ଏହାର ନାଗରିକଙ୍କ ସର୍ବାଙ୍ଗୀଣକରଣରେ ହିତ ପ୍ରଦାୟକ ନୁହେଁ ତାହା ଲୋକମାନେ ବୁଝି ପାରିଛନ୍ତି । ମାତ୍ର ଏହା ଯେପରି କ୍ଷମତାସୀନ ଅଧିକାରୀଙ୍କୁ ଅତ୍ୟାଚାରୀ ନ କରେ ତା ପ୍ରତି ସତର୍କ ରହିବା ମଧ୍ୟ ସରକାରଙ୍କ ଦାୟିତ୍ୱ।

**ଦୁଇ ହଜାର ଚଉଦରେ ବର୍ତ୍ତମାନର କେନ୍ଦ୍ର ସରକାର ଚଳାଉଥିବା ରାଜନୈତିକ ଦଳ କ୍ଷମତାକୁ ଆସିବା ପରେ ନକ୍ସଲବାଦର ମୂଳୋତ୍ପାଟନ କରିବାକୁ ଘୋଷଣା କଲେ । ଦୁଇହଜାର ଛବିଶ ମାର୍ଚ୍ଚ ଶେଷସୁଦ୍ଧା ଦେଶକୁ ମାଓବାଦ ମୁକ୍ତ କରିବାକୁ ସେମାନେ ଯେଉଁ ଆଶା ପ୍ରକଟ କରିଥିଲେ, ଏବେ ପାର୍ଲିଆମେଣ୍ଟରେ ତାହା ଘୋଷଣା କରିଛନ୍ତି ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ। ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ସରକାର ବହୁ ଯୋଜନା କରିଛନ୍ତି ଏବଂ ତାଛଡ଼ା ଦୂରନ୍ତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ସମୁନ୍ନତ କରିଛନ୍ତି । ମାଓବାଦକୁ ଯେଉଁ ନୀତିନିଷ୍ଠ ବ୍ୟକ୍ତିମାନେ ଆରମ୍ଭ ସମୟରେ ଆଦର୍ଶ ଭାବରେ ଗ୍ରହଣ କରିଥିଲେ କ୍ରମେ ସେମାନଙ୍କ ଭିତରେ ମଧ୍ୟ ଦ୍ୱନ୍ଦ୍ୱ ଦେଖା ଦେଇଥିଲା । ସେମାନଙ୍କ ଭିତରୁ କେତେକ ମଧ୍ୟ ନିଜର ଅନୁଗାମୀମାନଙ୍କୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ହୋଇଥିଲା ।**

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ମତାମତ ବ୍ୟକ୍ତିଗତ)**
ମୋ-୯୪୩୮୪୮୨୯୧୧

# ଓଡ଼ିଆଙ୍କ ନବବର୍ଷ ପଣା ସଂକ୍ରାନ୍ତି



**ଦିଲ୍ଲୀପ ଶତପଥୀ**

ସୂର୍ଯ୍ୟ ସକଳ ଶକ୍ତିର ଆଧାର ।ଜ୍ୟୋତିଷ ତତ୍ତ୍ୱ ଅନୁଯାୟୀ ରବି ସଂକ୍ରମଣକାଳୀନ ଗ୍ରହଚକ୍ର ଅନୁସାରେ ୧୨ଟି ରାଶିଚକ୍ର ରହିଛି । ଏଣୁ ପୃଥିବୀର ବାର୍ଷିକ ଗତିଦ୍ୱାରା ନିଜ କକ୍ଷପଥରେ ସୂର୍ଯ୍ୟକୁ ପରିକ୍ରମା କରୁଥିବାବେଳେ ବାର ମାସରେ ବିଭିନ୍ନ ଅବସ୍ଥାନରେ ରହି ସୂର୍ଯ୍ୟଙ୍କର ଗୋଟିଏ ରାଶିଚକ୍ର ଅନ୍ୟ ଗୋଟିଏ ରାଶିଚକ୍ରକୁ ସଂକ୍ରମଣ କରୁଥିବା ସମୟକୁ ସଂକ୍ରାନ୍ତି ରୂପେ ଗଣାଯାଉଥିବାରୁ ଏହା ହେଉଛି ଓଡ଼ିଆ ମାସର ଆରମ୍ଭ ବା ପ୍ରଥମ ଦିନ । ପ୍ରତି ମାସାରମ୍ଭରେ ଗୋଟିଏ ସଂକ୍ରାନ୍ତି ପଡ଼ିଲେ ଓଡ଼ିଆ ପଞ୍ଜିକାନୁଯାୟୀ ସୂର୍ଯ୍ୟଙ୍କର ରାଶିଚକ୍ର ନାମାନୁସାରେ ସଂକ୍ରାନ୍ତିଗୁଡ଼ିକ ପହିଲା ବୈଶାଖ ଅର୍ଥାତ୍ ମେଷ ସଂକ୍ରାନ୍ତିରୁ ଆରମ୍ଭ ହୋଇ ଯଥାକ୍ରମେ ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ, ମୀନ ଏହିପରି ବର୍ଷରେ ବାରଟି ସଂକ୍ରାନ୍ତି ପଡ଼ିଥାଏ । ବର୍ଷର ସମସ୍ତ ସୌରମାସ ସଂକ୍ରାନ୍ତ ଅଟେ କିନ୍ତୁ ଅଧିମାସ ବା ମଳମାସ ସଂକ୍ରାନ୍ତି ନୁହେଁ । ଅର୍ଥାତ ଅଧିମାସରେ ସଂକ୍ରାନ୍ତି ନଥାଏ ।

ସଂକ୍ରାନ୍ତିର ନିର୍ଦ୍ଦିଷ୍ଟ କୌଣସି ତିଥି ନଥାଏ । ବୈଶାଖ ମାସ ଶୁକ୍ଳ ପକ୍ଷରେ ଯେଉଁ ସଂକ୍ରାନ୍ତି ପଡେ, ତାହାକୁ ଆମେ ପଣା ସଂକ୍ରାନ୍ତି ଭାବେ ପାଳନ କରିଥାଉ । ଏହି ଦିବସକୁ ପାରମ୍ପରିକ ଉତ୍କଳୀୟ ନବ ବର୍ଷ ଭାବରେ ପାଳନ କରାଯାଏ । ଏହା ବ୍ୟତୀତ ଏହି ଦିନକୁ ମହା ବିଷୁବ ସଂକ୍ରାନ୍ତି, ମେଷ ସଂକ୍ରାନ୍ତି, ଜଳ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଭାବରେ ପାଳନ କରାଯାଏ । ଏହି ଦିନ ସୂର୍ଯ୍ୟଙ୍କର ପ୍ରଥମ ରାଶି ମେଷ ରାଶିକୁ ଗମନର ଦିନ, ହିନ୍ଦୁ ନବବର୍ଷ ।

ଏହି ଦିନ ଠାରୁ ସୂର୍ଯ୍ୟ ବିଷୁବ ରେଖାର ନିକଟତର ହୋଇଥାନ୍ତି । ଭାରତର ଅବସ୍ଥିତି ବିଷୁବ ରେଖାରେ ହୋଇ ଥିବାରୁ ଏହି ଦିନଠାରୁ ଗ୍ରୀଷ୍ମ ପ୍ରବାହ ବଢିଥାଏ । ଧରାପୃଷ୍ଠରୁ ବସନ୍ତ ଋତୁ ବିଦାୟ ନେବା ସହିତ ଗ୍ରୀଷ୍ମର ଆଗମନରେ ବହୁତ କିଛି ପରିବର୍ତ୍ତନ ହୋଇଥାଏ । ଗ୍ରୀଷ୍ମ ପ୍ରବାହରୁ ବସୁଧା ମା'କୁ ରକ୍ଷା କରିବା ଯାଇ ଏହିଦିନ ଶୀତଳ ଜଳ ପ୍ରଦାନ କରିବା ସହିତ ପୂଜାର୍ଚ୍ଚନା କରାଯାଏ । ଆମ ହିନ୍ଦୁ ଧର୍ମରେ ଦାନକୁ ସର୍ବୋଚ୍ଚ ସ୍ଥାନରେ ରଖା ଯାଇଛି । ତେଣୁ ଏହି ସଂକ୍ରାନ୍ତିରେ ବସ୍ତ୍ର, ପାଦୁକା, ଛତା, ତାଳପତ୍ର ବିଞ୍ଚଣା ଏବଂ ଜଳ ଦାନ କରା ଯାଇଥାଏ । ପ୍ରାୟତଃ ଗ୍ରାମ, ପଡା ଏବଂ ସହରର ବିଭିନ୍ନ ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ରର ବ୍ୟବସ୍ଥା କରାଯାଏ ।

ଗ୍ରୀଷ୍ମ ପ୍ରବାହରୁ ବସୁନ୍ଧରାକୁ ରକ୍ଷା କରିବାକୁ ଯାଇ ଏହିଦିନ ଚଉରା ଉପରେ ନଡ଼ିଆ ବାହୁଙ୍ଗା, କଦଳୀ ପଟୁଆ ଏବଂ ନୂଆ ଝୋଟ ରଶିରେ ବସୁନ୍ଧରା ଠେକି ବନ୍ଧା ଯାଏ । କେହି କେହି ଏହାକୁ ପଣା ଠେକି ମଧ୍ୟ କୁହନ୍ତି । ତୁଳସୀ ଚଉରାକୁ ଧୋଇ ନୂତନ ବସ୍ତ୍ର ଆବରଣ କରାଇ । ଚନ୍ଦନ, ସିନ୍ଦୁର ଲଗେଇ ପଞ୍ଚାମୃତ ସିଞ୍ଚନ କରାଯାଏ । ପରେ ପରେ ବ୍ରାହ୍ମଣଙ୍କ ଦ୍ୱାରା ପ୍ରଥମ ଜଳାଭରଣ କରାଯାଏ । ପଣା, ଛତୁଆ ଇତ୍ୟାଦି ଭୋଗ କରାଯାଏ । ତା ପରେ ଏକ ମାସ ପର୍ଯ୍ୟନ୍ତ ଗୃହକର୍ତ୍ତା କିମ୍ବା ଗୃହିଣୀଙ୍କ ଦ୍ୱାରା ଚଉରା ପୂଜା ସହିତ ଠେକିରେ ପାଣି ପୂର୍ଣ୍ଣ କରାଯାଏ । ଏହି ବସୁନ୍ଧରା ଠେକିର ନିମ୍ନ ଭାଗରେ ଏକ ଛିଦ୍ର କରାହୋଇଥାଏ । ଏହି ଛିଦ୍ର ମଧ୍ୟରେ କୁଶ ପ୍ରବେଶ କରାଯାଏ ।

ଏହା ଦ୍ୱାରା ସମସ୍ତ ଜଳ ଏକା ଥରେ ନିର୍ଗତ ନ ହୋଇ ବିନ୍ଦୁ ବିନ୍ଦୁ ଜଳ ବୃନ୍ଦାବତୀ ଚଉରା ତୁଳସୀ ଗଛ ଉପରେ ଦିନ ସାରା ପଡିଥାଏ । ଠିକ ଏକ ମାସ ପରେ ବୃଷ ସଂକ୍ରାନ୍ତି ଦିନ ସକାଳୁ ସ୍ନାନାଦି କର୍ମ ସାରି ଚଉରା ପୂଜା ପରେ ଠେକି ଅବତାରଣ କରାଯାଏ । ଏହାକୁ ଉଠା ସଂକ୍ରାନ୍ତି କୁହାଯାଏ । ଉଠା ଯାଇଥିବା ଠେକିକୁ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଏ । ଏହି ପର୍ବ ଆମକୁ ଶିକ୍ଷା ଦିଏ ଏବଂ ସଚେତନ କରାଏ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭିନ୍ନ ଭିନ୍ନ ଉପଚାର କରି କିପରି ଉଦ୍ଭିଦ ଜଗତ ଏବଂ ପ୍ରାଣୀ ଜଗତ ସୁରକ୍ଷିତ ରହିବେ । ଘରେ ବାହାରେ ଖୋଲା ସ୍ଥାନରେ ଜଳ ପାତ୍ର, ତୋରାଣି ହାଣ୍ଡି ଇତ୍ୟାଦି ରଖିବା ଦ୍ୱାରା ଚଢେଇ, ବୁଲା ପଶୁମାନେ ଉପକୃତ ହୋଇଥାନ୍ତି । ପଥରେ ପଥିକ ଘରେ ଅତିଥି ଅଭ୍ୟାଗତଙ୍କୁ ସୁଶୀତଳ ଜଳ ପାନ କରାଇ ପୁଣ୍ୟ ଅର୍ଜନ କରାଯାଏ । ପ୍ରାୟତଃ କୂପ, ଜଳାଶୟ, ପୋଖରୀ, ନଦୀ ଇତ୍ୟାଦି ଶୁଷ୍କତାକୁ ବରଣ କରିଥିବା ବେଳେ ମାନବ ସମାଜ, ବୃକ୍ଷ,ତରୁ,ଲତା, ପଶୁ ପକ୍ଷୀମାନଙ୍କ ପାଇଁ ଜଳର ବ୍ୟବସ୍ଥା କରିବା କଣ କମ କଥା ! ଗ୍ରୀଷ୍ମ ପ୍ରକୋପରୁ ସାଧାରଣ ଲୋକଟିକୁ ଯେତେବେଳେ ମାଟି ପାତ୍ରରେ ପଣା ପିଇବାକୁ ଦିଆଯାଏ ତାର ଆନନ୍ଦ ଦ୍ୱିଗୁଣିତ ହୋଇଥାଏ । ପଣା ସଂକ୍ରାନ୍ତି ଦିନ ବିଭିନ୍ନ ପ୍ରକାରର ପଣା ପ୍ରସ୍ତୁତ କରାଯାଏ ଯଥା- ସାଗୁ ପଣା, ଆମ୍ବ ପଣା, ବେଲ ପଣା, ଦହି ପଣା, ଲେମ୍ବୁ ପଣା, ଗୁଡ଼ ଲିଆ ପଣା, ନଡ଼ିଆ ପଣା, ପାଲୁଅ ପଣା, ଟଙ୍କ ତୋରାଣି ସହିତ ବିଭିନ୍ନ ଫଳ ରସ ଏବଂ ମୃଦୁ ପାନୀୟ ସର୍ବସାଧାରଣଙ୍କୁ ବିତରଣ କରାଯାଏ ।

ହିନ୍ଦୁ ଘରର ପ୍ରତି ପୂଜା ପର୍ବପର୍ବାଣୀର କିଛି ସ୍ୱତନ୍ତ୍ରତା ରହିଛି । ଗ୍ରୀଷ୍ମକାଳୀନ ଏହି ପର୍ବରେ ସୂର୍ଯ୍ୟଙ୍କ ପ୍ରଖର କିରଣ ପାଇଁ ଏହି ସମୟରେ ଭଲ ହଜମ ହୁଏ । ଲୋକେ ଗୁରୁପାକ ଖାଦ୍ୟ ଗ୍ରହଣ କରନ୍ତି । ଏହି ସମୟରେ ବିଭିନ୍ନ ଛତୁଆ ସହିତ ଆମ୍ବ, ପଣସ, କଦଳୀ, ଛେନା ଫଳ ମୂଳ ପକେଇ ଠାକୁର ଠାକୁରାଣୀଙ୍କୁ ଭୋଗ ଲଗାଯାଏ ।

ଭାରତ ଏକ କୃଷି ପ୍ରଧାନ ଦେଶ । ଋତୁ କାଳୀନ ସମସ୍ତ ଖାଦ୍ୟ ଦ୍ରବ୍ୟର ବିନିଯୋଗ କରି ବିଭିନ୍ନ ପୂଜା ପର୍ବପର୍ବାଣୀ ମାଧ୍ୟମରେ ଜୀବଜଗତ ଏବଂ ପ୍ରକୃତି ମଧ୍ୟରେ ଏକ ନିବିଡ଼ ସମ୍ପର୍କ ଗଢ଼ିଛନ୍ତି ଭାରତୀୟମାନେ । ସେଥିପାଇଁ ଭିନ୍ନ ଭିନ୍ନ ଋତୁରେ ଫଳ, ପୁଷ୍ପ, ଶସ୍ୟ, ପନିପରିବାକୁ ନେଇ ପ୍ରସ୍ତୁତ ହୁଏ ନାନା ଭୋଗରାଗ ଯଥା- ମୁଗଡାଲି, ବୁଟ, ମଟର, ଗହମ, ବାଦାମ ଇତ୍ୟାଦିରୁ ପ୍ରସ୍ତୁତ ଛତୁଆ ସହିତ ବେଲ, ଆମ୍ବ, କଦଳୀ, ନଡ଼ିଆ, ନବାତରୁ ପ୍ରସ୍ତୁତ ପଣା ପୂଜା ଓଡ଼ିଆ ନବବର୍ଷକୁ ହର୍ଷ ଉଲ୍ଲାସରେ ପରିଣତ କରିଥାଏ ।

ଏହିଦିନ ଠାରୁ ସୌର ଉପାସକମାନଙ୍କ ପୂଜା ଆରମ୍ଭ ହେବା ସହିତ ଘଣ୍ଟ ପାଟୁଆ ଯାତ୍ରା ହୋଇଥାଏ । ଦଣ୍ଡ ଯାତ୍ରା ଏହିଦିନ ଶେଷ ହୋଇଥାଏ । ଏହା ସହିତ ଶକ୍ତି ପୀଠମାନଙ୍କରେ ଚୈତ୍ର ମାସରେ ଆରମ୍ଭ ହୋଇଥିବା ଝାମୁ ଯାତ୍ରାର ଉଦ୍‌ଯାପିତ ହୋଇଥାଏ ।

ସଙ୍କଟମୋଚନ ପ୍ରଭୁ ଶ୍ରୀହନୁମାନଙ୍କର ଜନ୍ମଦିନ ପାଳନ ଏହି ଦିନର ଆଉ ଏକ ପର୍ବ ଯାହା ମହାବୀର ଜୟନ୍ତୀ ନାମରେ ଖ୍ୟାତ । ରୁଦ୍ର ଅବତାର ହନୁମାନଙ୍କ ପୂଜାରେ ଶିବ, ଶକ୍ତି ଉଭୟଙ୍କୁ ଉପାସନା କରାଯାଏ ଏବଂ ଶୁଭ ଫଳ କାମନା କରି ଏକ ସଙ୍ଗରେ ସୂର୍ଯ୍ୟ, ହନୁମାନ, ଗଣେଶ, ବୃନ୍ଦାବତୀ, ଶିବ, ଶକ୍ତି ଏବଂ ଶାଳଗ୍ରାମଙ୍କୁ ପୂଜା କରାଯାଏ । ପଣା ସଂକ୍ରାନ୍ତି ସମଗ୍ର ମାନବଜାତି ଏବଂ ବିଶ୍ୱ ବ୍ରହ୍ମାଣ୍ଡ ପାଇଁ ଏକ ଅତି ପବିତ୍ର ଦିନ ।

**ଏହି ଦିନ ଠାରୁ ସୂର୍ଯ୍ୟ ବିଷୁବ ରେଖାର ନିକଟତର ହୋଇଥାନ୍ତି । ଭାରତର ଅବସ୍ଥିତି ବିଷୁବ ରେଖାରେ ହୋଇ ଥିବାରୁ ଏହି ଦିନଠାରୁ ଗ୍ରୀଷ୍ମ ପ୍ରବାହ ବଢିଥାଏ । ଧରାପୃଷ୍ଠରୁ ବସନ୍ତ ଋତୁ ବିଦାୟ ନେବା ସହିତ ଗ୍ରୀଷ୍ମର ଆଗମନରେ ବହୁତ କିଛି ପରିବର୍ତ୍ତନ ହୋଇଥାଏ । ଗ୍ରୀଷ୍ମ ପ୍ରବାହରୁ ବସୁଧା ମା'କୁ ରକ୍ଷା କରିବା ଯାଇ ଏହିଦିନ ଶୀତଳ ଜଳ ପ୍ରଦାନ କରିବା ସହିତ ପୂଜାର୍ଚ୍ଚନା କରାଯାଏ । ଆମ ହିନ୍ଦୁ ଧର୍ମରେ ଦାନକୁ ସର୍ବୋଚ୍ଚ ସ୍ଥାନରେ ରଖା ଯାଇଛି । ତେଣୁ ଏହି ସଂକ୍ରାନ୍ତିରେ ବସ୍ତ୍ର, ପାଦୁକା, ଛତା, ତାଳପତ୍ର ବିଞ୍ଚଣା ଏବଂ ଜଳ ଦାନ କରା ଯାଇଥାଏ । ପ୍ରାୟତଃ ଗ୍ରାମ, ପଡା ଏବଂ ସହରର ବିଭିନ୍ନ ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ରର ବ୍ୟବସ୍ଥା କରାଯାଏ ।**

**ମାତୃ ପିତୃ କୃପା, ୫୦୮, ନୁଆସାହି**
**ନୂଆପଲ୍ଲୀ, ଭୁବନେଶ୍ୱର ୭୫୧୦୧୨**
**ମୋ-୯୪୩୭୧୭୫୭୬୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମେରିକା-ଇରାନ...

ଆମେରିକା ଖୁବ୍ ବିନମ୍ରତା ଦେଖାଇଥିଲା କିନ୍ତୁ ଇରାନ ଏହାକୁ ସ୍ୱୀକାର କରିନଥିଲା । ଦୀର୍ଘ ସମୟ ଆଲୋଚନା ସତ୍ତ୍ୱେ ଇରାନ ଭବିଷ୍ୟତରେ ପରମାଣୁ ଅସ୍ତ୍ର ନିର୍ମାଣ କରିବ ନାହିଁ ବୋଲି ସ୍ପଷ୍ଟ କରିପାରିନଥିଲା । ଆଲୋଚନା ବେଳେ ଭାନ୍ସ ଲଗାତାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଅନ୍ୟ ବଡ଼ ନେତାଙ୍କ ସହିତ ଯୋଗାଯୋଗରେ ଥିଲେ । ଭାନ୍ସ କହିଥିଲେ ଯେ, ମୂଳ ବିବାଦ ପରମାଣୁ ଅସ୍ତ୍ର ଉପରେ ଥିଲା । ସେମାନେ ପରମାଣୁ ଅସ୍ତ୍ର ନିର୍ମାଣ କରିବେ ନାହିଁ କି ଏମିତି ଉପକରଣ ସନ୍ଧାନ କରିବେ ନାହିଁ ଯାହା ସେମାନଙ୍କୁ ଶୀଘ୍ର ପରମାଣୁ ଅସ୍ତ୍ର ହାସଲ କରିବାକୁ ସକ୍ଷମ କରିବ । ଭାନ୍ସ କହିଛନ୍ତି, ଏହା ରାଷ୍ଟ୍ରପତି ଟ୍ରମ୍ପଙ୍କ ମୂଳ ଲକ୍ଷ୍ୟ ।

ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ରବିବାର କହିଛନ୍ତି ଯେ, ଇସଲାମାବାଦରେ ଇରାନ ସହିତ ଶାନ୍ତି ଆଲୋଚନାବେଳେ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଲଗାତାର ଯୋଗାଯୋଗରେ ଥିଲେ । ଆଲୋଚନା ବିଫଳ ହେବା ପରେ ଭାନ୍ସ ଆମେରିକା ପ୍ରତ୍ୟାବର୍ତ୍ତନ ବେଳେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଆମେ ରାଷ୍ଟ୍ରପତିଙ୍କ ସହିତ ଲଗାତାର ଯୋଗାଯୋଗରେ ଥିଲୁ । ଗତ ୨୧ ଘଣ୍ଟା ମଧ୍ୟରେ ମୁଁ ଜାଣିନାହିଁ ଆମେ ତାଙ୍କ ସହିତ କେତେଥର କଥା ହୋଇଛୁ ଅଧ ଡଜନ ଥର କିମ୍ବା ଏକ ଡଜନ ଥର । ଟ୍ରମ୍ପଙ୍କ ବ୍ୟତୀତ ଭାନ୍ସ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍ସେଥ୍, ବିଦେଶ ସଚିବ ମାର୍କୋ ରୁବିଓ, ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ଓ ଆମେରିକା ସେନାର ସେଣ୍ଟ୍ରାଲ କମାଣ୍ଡ ଆଡମିରାଲ ବ୍ରାଡ କୁପର୍ଙ୍କଠାରୁ ଲଗାତାର ପରାମର୍ଶ ନେଉଥିଲେ ।

ଭାନ୍ସ କହିଛନ୍ତି ଯେ, ୱାଶିଂଟନ ଏବଂ ତେହେରାନ ମଧ୍ୟରେ ଆଲୋଚନା ରବିବାର କୌଣସି ନିଷ୍କର୍ଷ ବିନା ଶେଷ ହୋଇଛି । ଆଲୋଚନା ବିଷୟରେ ସାମାନ୍ୟ ବିବରଣୀ ସେୟାର କରି ଆମେରିକାର ଉପରାଷ୍ଟ୍ରପତି ଆହୁରି କହିଛନ୍ତି ଯେ, ମୂଳ ବିବାଦ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ରହିଛି । ଏହାକୁ ଟ୍ରମ୍ପ ପ୍ରଶାସନ ପାଇଁ ପ୍ରମୁଖ ପ୍ରସଙ୍ଗ ଭାବରେ ବର୍ଣ୍ଣନା କରି ଭାନ୍ସ କହିଛନ୍ତି ଯେ, ଇରାନକୁ ଏହାର କାର୍ଯ୍ୟକ୍ରମ ବନ୍ଦ କରିବାକୁ ଏବଂ ଏହାର ୟୁରାନିୟମ ସମୃଦ୍ଧି ବନ୍ଦ କରିବାକୁ କୁହାଯାଇଥିଲା, କିନ୍ତୁ ଇରାନ କୌଣସି ସ୍ପଷ୍ଟ ଉତ୍ତର ରଖିନଥିଲା ବୋଲି ଭାନ୍ସ କହିଛନ୍ତି । ଅନ୍ୟପକ୍ଷରେ ଇରାନ କହିଛି ଯେ, ଏହା ପରାମଣୁ ବୋମା ନିର୍ମାଣ କରୁନାହିଁ। ୱାଶିଂଟନ ଦ୍ୱାରା କରାଯାଇଥିବା ଦାବି 'ଅଯୌକ୍ତିକ' ଥିଲା । ଇସଲାମାବାଦରେ ଇରାନୀ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିବା ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଆଲୋଚନା ବିଫଳ ପାଇଁ ଆମେରିକାକୁ ଦାୟୀ କରିଛନ୍ତି ।

### ଆଶା ଭୋସଲେଙ୍କ...

ଗରିବୋଁ କୀ ସୁନୋ' ଗୀତ ପାଇଁ, ୧୯୬୯ରେ 'ପରଦେ ମେଁ ରେହନେ ଦୋ', ୧୯୭୨ରେ 'ପିୟା ତୁ ଅବ ତୋ ଆଜା', ୧୯୭୩ରେ 'ଦମ୍ ମାରୋ ଦମ୍', ୧୯୭୪ରେ 'ହଡ଼େ ଲଗି ହେଁ ରାତ୍', ୧୯୭୫ରେ 'ଚୈନ ସେ ହମ୍କୋ କଭି' ଓ ୧୯୭୯ରେ ଡନ୍ ଫିଲ୍ମର ଗୀତ 'ୟେ ମେରା ଦିଲ୍' ପାଇଁ ସେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ । ଏହା ସହିତ ଦୁଇ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିଲେ ଆଶା ଭୋସଲେ । ୧୯୮୧ ମସିହାରେ ରିଲିଜ୍ ହୋଇଥିବା ହିନ୍ଦୀ ଫିଲ୍ମ 'ଉମରାଓ ଜାନ୍'ର ଗୀତ 'ଦିଲ ଚିଜ୍ କ୍ୟା ହେଁ' ପାଇଁ ସେ ତାଙ୍କର ପ୍ରଥମ ଜାତୀୟ ପୁରସ୍କାର ପାଇଥିଲେ । ତା'ପରେ ୧୯୮୬ରେ ରିଲିଜ୍ ହୋଇଥିବା ହିନ୍ଦୀ ଫିଲ୍ମ 'ଇଜାଜତ୍'ର ଗୀତ 'ମେରା କୁଛ୍ ସାମାନ' ପାଇଁ ଦ୍ୱିତୀୟ ଥର ଜାତୀୟ ପୁରସ୍କାର ପାଇଥିଲେ । ୨୦୦୦ ମସିହାରେ ତାଙ୍କୁ 'ଦାଦା ସାହେବ ଫାଲକେ ପୁରସ୍କାର' ପ୍ରଦାନ କରାଯାଇଥିଲା । ଭାରତୀୟ ଚଳଚ୍ଚିତ୍ର କ୍ଷେତ୍ରରେ ଏହା ହେଉଛି ସର୍ବୋଚ୍ଚ ସମ୍ମାନ । ୨୦୦୮ରେ ତାଙ୍କୁ ଭାରତ ସରକାର ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ସେ ଆହୁରି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ପାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶା ଭୋସଲେଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଲେଖିଛନ୍ତି, ତାଙ୍କ ଗୀତଗୁଡ଼ିକ କୋଟି କୋଟି ଭାରତୀୟଙ୍କ ଜୀବନରେ ଚିରଦିନ ପାଇଁ ପ୍ରତିଧ୍ୱନିତ ହେବ । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୋଦୀ ଲେଖିଛନ୍ତି ଯେ, ଆଶା ଭୋସଲେ ଦେଶର ଜଣେ ସ୍ୱନାମଧନ୍ୟ ଗାୟିକା ଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, କିମ୍ବଦନ୍ତୀ ସଙ୍ଗୀତଜ୍ଞ ଆଶା ଭୋସଲେଙ୍କ ସୁମଧୁର କଣ୍ଠ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ଛୁଇଁପାରିଛି । ଆଶା ଭୋସଲେ ତାଙ୍କର ମଧୁର କଣ୍ଠସ୍ୱର ଏବଂ ଅତୁଳନୀୟ ପ୍ରତିଭା ମାଧ୍ୟମରେ ଭାରତୀୟ ସଙ୍ଗୀତକୁ ଆହୁରି ସମୃଦ୍ଧ କରିଛନ୍ତି । ସବୁ ପିଢ଼ିର ସଙ୍ଗୀତ ସହିତ ସେ ନିଜକୁ ଖାପଖୁଆଇ ପାରୁଥିଲେ । ହିନ୍ଦୀ, ମରାଠୀ, ବଙ୍ଗଳା, ତାମିଲ ପରି ଅନେକ ଭାଷାରେ ସେ ତାଙ୍କ ଛାପ ଛାଡ଼ି ଯାଇଛନ୍ତି । ଏପରିକି ଲୋକ ସଙ୍ଗୀତକୁ ମଧ୍ୟ ସେ ତାଙ୍କ ସ୍ୱର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍ ପ୍ରମୁଖ ଦିବଂଗତ ଗାୟିକାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

### ଆଜି ନାରୀ...

ସଂସଦ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ଅନୁମୋଦନ କରିଥିଲା ଯାହା ବିଧାନପାଳିକାଗୁଡ଼ିକରେ ମହିଳା ପ୍ରତିନିଧିତ୍ୱ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଆଇନରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ, ସାରା ଦେଶରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଉପରେ ଧ୍ୟାନ ଦେଇ ୧୬ ଏପ୍ରିଲରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯିବ ।

ଭାରତର ବିକାଶ ମାର୍ଗ ଗଠନରେ ମହିଳାମାନଙ୍କ ଅଧିକ ଅଂଶଗ୍ରହଣ ଲାଗି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଏହି ସମ୍ମେଳନ ଆୟୋଜନ କରାଯାଉଛି । ଏହା ପଞ୍ଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଶାସନ ଏବଂ ନେତୃତ୍ୱ କ୍ଷେତ୍ରରେ ମହିଳାମାନଙ୍କର ବର୍ଦ୍ଧିତ ଭୂମିକାକୁ ମଧ୍ୟ ଉଜ୍ଜ୍ୱଳ କରିବ । ଏହି କାର୍ଯ୍ୟକ୍ରମ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ବୃଦ୍ଧିକୁ ଗୁରୁତ୍ୱ ଦେବ ।

ଏହି ସମ୍ମେଳନ ବିକଶିତ ଭାରତ ୨୦୪୭ ଯାତ୍ରାରେ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରିବ । ଏହା ବିକଶିତ ଭାରତ ୨୦୪୭ ସଂକଳ୍ପର ଏକ ପ୍ରମୁଖ ସ୍ତମ୍ଭ ଭାବରେ ମହିଳାମାନଙ୍କ ନେତୃତ୍ୱାଧୀନ ବିକାଶ ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ।

### ରାଜ୍ୟରେ...

୪୦.୭° ଓ ସମ୍ବଲପୁରରେ ୪୦.୯° ତାପମାତ୍ରା ରେକର୍ଡ଼ କରାଯାଇଛି । ସେହିପରି ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୯.୫°, ସୋନପୁରରେ ୩୯.୯°, ପାରଳାଖେମୁଣ୍ଡିରେ ୩୯.୬°, ଭୁବନେଶ୍ୱରରେ ୩୭.୭° ତାପମାତ୍ରା ରେକର୍ଡ଼ କରାଯାଇଛି । ଭୁବନେଶ୍ୱରରେ ତାପମାତ୍ରା ୪୦° ଛୁଇଁ ନଥିଲେ ମଧ୍ୟ ଆର୍ଦ୍ରତା ଅଧିକ ଯୋଗୁ ୪୬°ର ତାପମାତ୍ରା ଅନୁଭୂତ ହେଉଥିଲା । ଉପକୂଳ ଓଡ଼ିଶାର ବହୁ ସ୍ଥାନରେ ଆର୍ଦ୍ରତା ଅଧିକ ରହୁଥିବାରୁ ଗରମ ସାଙ୍ଗକୁ ଗୁଳୁଗୁଳି ନୟାନ୍ତ କରୁଛି ।

ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଗରମ ଓ ଗୁଳୁଗୁଳି ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୪ ତାରିଖ ଅର୍ଥାତ ମହାବିଷୁବ ସଂକ୍ରାନ୍ତିଠାରୁ ତାତି ଆହୁରି ଅଧିକ ବୃଦ୍ଧି ପାଇବ । ମଙ୍ଗଳବାର ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଆଦି ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ଲାଗି ସତର୍କତା ଜାରି କରାଯାଇଛି । ଏହା ସହିତ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଗରମ ଓ ଗୁଳୁଗୁଳି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଏସ୍ଆରସି ପକ୍ଷରୁ ସତର୍କତା ଅବଲମ୍ବନ ଲାଗି କୁହାଯାଇଛି ଯେ ଦିନ ୧୧ଟାରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ଘରୁ ନବାହାରିବାକୁ ପରାମର୍ଶ ଦିଆଯାଇଛି । ଯେଉଁମାନଙ୍କର ଅତ୍ୟାବଶ୍ୟକ କାର୍ଯ୍ୟ ଥିବ ସେମାନେ ସାଙ୍ଗରେ ଛତା, ପାନୀୟ ଜଳ, କଳା ଚଷମା ନେବାକୁ କୁହାଯାଇଛି ।

### ଆତଙ୍କୀ ଲିଙ୍କ୍...

ଆତଙ୍କୀ ଲିଙ୍କରେ ରହି ସେମାନଙ୍କୁ ତଥ୍ୟ ପ୍ରଭୃତି ଯୋଗାଇବା ଅବିଶ୍ୱାସ ହେଉଥିଲେ ମଧ୍ୟ ସତ ଘଟଣା । ସୋସିଆଲ ମିଡ଼ିଆରେ ସେଖ୍ ଇମ୍ରାନ ହନିଟ୍ରାପର ଶିକାର ହୋଇ ଆତଙ୍କବାଦୀଙ୍କ ସଂସ୍ପର୍ଶରେ ଆସିଥିବା ଏସ୍‌ଟିଏଫ୍ ଜାଣିବା ପରେ ତଦନ୍ତକୁ ସେ ଦିଗରେ ତ୍ୱରାନ୍ୱିତ କରାଯାଉଛି ।

ଆତଙ୍କୀ ଲିଙ୍କରେ ଥିବା ବହୁ ଅଭିଯୁକ୍ତଙ୍କୁ ଓଡ଼ିଶାରୁ ଗିରଫ କରାଯାଇଛି । କଟକ, ରାଉରକେଲା, ବାଲେଶ୍ୱର ପ୍ରଭୃତି ଅଞ୍ଚଳରୁ ଅଭିଯୋଗମାନେ ଗିରଫ ହୋଇଥିଲେ ମଧ୍ୟ ହନିଟ୍ରାପ ଭଳି ଘଟଣା ଘଟିନଥିଲା । ହନିଟ୍ରାପ ଅର୍ଥ ସୁନ୍ଦରୀ ଯୁବତୀଙ୍କୁ ସୋସିଆଲ ମିଡ଼ିଆରେ ଆକ୍ଟିଭ ରଖି ବିଭିନ୍ନ ରାଜ୍ୟର କେତେକ ଯୁବକଙ୍କୁ ଶିକାର କରୁଛନ୍ତି ଆତଙ୍କୀ । ଆତଙ୍କୀଙ୍କ ସହ ସୁନ୍ଦରୀ ଯୁବତୀମାନେ ମଧ୍ୟ ଆକ୍ଟିଭ ହୋଇ କାମ କରୁଛନ୍ତି । ଯେପରି ଓଡ଼ିଶାରେ ବହୁ ମହିଳା ମାଓ ସଂଗଠନ ସହ ମିଶି କାମ କରିଥିବା ନଜରରେ ରହିଛି । ପୋଲିସ ଗୁଳିରେ ବହୁ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆତ୍ମସମର୍ପଣ କରିଛନ୍ତି ।

ସେହିପରି ଆତଙ୍କୀଙ୍କ ସହ ମିଶି ସାରା ପୃଥିବୀରେ ବହୁ ମହିଳା କାମ କରୁଛନ୍ତି । ଆତଙ୍କୀଙ୍କ ପକ୍ଷରୁ ସେମାନଙ୍କୁ ବିଭିନ୍ନ କାମର ଦାୟିତ୍ୱ ଦିଆଯାଇଛି । ସୋସିଆଲ ମିଡ଼ିଆରେ କାମ କରୁଥିବା ଆତଙ୍କୀ ମହିଳାଙ୍କ ଟ୍ରାପରେ ଇମ୍ରାନ ପଡ଼ିଥିବା ଏସ୍‌ଟିଏଫ୍ ଜାଣିବା ପରେ ତଦନ୍ତରୁ ଜୋରଦାର କରାଯାଉଛି । ସୋସିଆଲ ମିଡ଼ିଆ ତଥ୍ୟ ସଂଗ୍ରହ କରିବା ପାଇଁ ଇମ୍ରାନ ମୋବାଇଲର ସିଡିଆର୍ ଯାଞ୍ଚ ହେବ ବୋଲି ସୂଚନା ମିଳିଛି ।

## ୩ କୋଟି ବ୍ୟୟରେ କୁଶଲେଶ୍ୱର ମହାଦେବ ପୀଠର ବିକାଶ କରାଯିବ : ମୁଖ୍ୟମନ୍ତ୍ରୀ

କେନ୍ଦୁଝର,(ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲା ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଅବସରରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ ୧୯୫୦ ମସିହାରେ ସାଧାରଣ ପରିସ୍ଥିତିରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଆଜି ଏକ ପ୍ରତିଷ୍ଠିତ ଶିକ୍ଷା ପୀଠରେ ପରିଣତ ହୋଇଛି ଏବଂ ଏହାର ଉନ୍ନତି ପଛରେ ଅନେକ ଶିକ୍ଷାପ୍ରେମୀ ବ୍ୟକ୍ତି, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ଓ ସମର୍ପଣ ରହିଛି ।ସେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ କରି କହିଥିଲେ ଯେ ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ବରଂ ଜୀବନ ଗଢ଼ିବାର ଏକ ମାଧ୍ୟମ । ଆଜିର ପ୍ରତିସ୍ପର୍ଦ୍ଧାମୂଳକ ଯୁଗରେ ପାଠ୍ୟଜ୍ଞାନ ସହିତ ଦକ୍ଷତା, ସୃଜନଶୀଳତା ଓ ନୂତନ ଚିନ୍ତାଧାରା ଅତ୍ୟାବଶ୍ୟକ । ସମୟର ମୂଲ୍ୟ ବୁଝି ଶୃଙ୍ଖଳିତ ଜୀବନ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଅନାବଶ୍ୟକ କାର୍ଯ୍ୟରୁ ଦୂରରେ ରହି ଲକ୍ଷ୍ୟମୁଖୀ ହେବାକୁ ଆହ୍ୱାନ କରିଥିଲେ ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବିଦ୍ୟାଳୟ ପିଏମ ଶ୍ରୀ ଯୋଜନାରେ ସାମିଲ ହୋଇଥିବାରୁ ଏଠାରେ ଆଧୁନିକ ଭିତ୍ତିଭୂମି, ଡିଜିଟାଲ ଶିକ୍ଷା, ସ୍ମାର୍ଟ କ୍ଲାସ୍ରୁମ ଓ ନବସୃଜନମୂଳକ ପାଠ୍ୟ ପ୍ରଣାଳୀର ଉନ୍ନତି ହେବ । ଓଡ଼ିଶାର ପ୍ରାୟ ୮୦୦ଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି, ଏହି ସ୍କୁଲଗୁଡ଼ିକୁ ଦେଶର ମଡେଲ ଶିକ୍ଷା ପ୍ରତିଷ୍ଠାନ ଭାବେ ବିକଶିତ କରାଯିବ । ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି । ୨୦୨୬-୨୭ ବର୍ଷର ବଜେଟ୍ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ କରାଯାଇଛି । ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସହ ଆଗାମୀଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି । ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଉନ୍ନୟନ ସମ୍ପର୍କରେ ଘୋଷଣା କରି କହିଥିଲେ ଯେ ୬ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ସରେଇ-ହାତିଶିଳା ରାସ୍ତା ନିର୍ମାଣ କାମ ଚାଲିଛି ଏବଂ ବାବା କୁଶଳେଶ୍ୱର ମନ୍ଦିର ଅଞ୍ଚଳର ବିକାଶ ପାଇଁ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ ।ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ,ଆୟୋଜକ କମିଟି ସଭାପତି ହାଡିବନ୍ଧୁ ପଟ୍ଟନାୟକ , ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକମାନେ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

## ଧରା ପଡ଼ିଲା ରାତିରେ ଝିଅ ଡ୍ରେସ ପିନ୍ଧି ଚୋରିକରୁଥିବା ଯୁବକ

ଭଦ୍ରକ,(ସବ୍ୟୁ): ଦିନରେ ପୁଅ ଡ୍ରେସ ଆଉ ରାତି ହେଲେ ପିନ୍ଧୁଥିଲେ ଝିଅ ଡ୍ରେସ । ପୁଣି ଛଦ୍ମବେଶରେ କିନ୍ନର ହୋଇ ଚୋରି ସହିତ ଲୋକଙ୍କଠାରୁ ହାତ ପତାଇ ଭିକ୍ଷା ମଧ୍ୟ କରୁ ଥିଲେ । ଶେଷରେ ଧରା ପଡ଼ି ଟ୍ରାକଟରରେ ବାଲି ଲୋଡ କରିବା ସହ ରାସ୍ତା ସଫେଇ ପାଇଁ କୋଦାଳ ଧରାଇଲେ ଗ୍ରାମବାସୀ । ପରେ ଥାନାକୁ ଖବର ଦେଇ ପୋଲିସ ହାତରେ ଜିମା ଦେଇଥିଲେ । ଏମିତି ଏକ ଦୃଶ୍ୟ ଦେଖିବାକୁ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧିନରେ ।ଉତୁକୁଡା ପଞ୍ଚାୟତ ବୁରୁଜାଲ ଗାଁର ବିଚିତ୍ର ରାଉଳ ନାମକ ଯୁବକ ବେଙ୍ଗାଲୁରୁ ଯିବା ପାଇଁ ଘରୁ ବାହାରି ଭଦ୍ରକ ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରି ଶୋଇଥିଲେ । ଶୁକ୍ରବାର ରାତି ୧୧ଟା ବେଳେ ଭଦ୍ରକ ଜିଲାର ବନ୍ତ ବ୍ଲକ ଅଧିନସ୍ଥ ବଡ଼ଚ୍ଚି କଇଁଆ ପଞ୍ଚାୟତ ଅଧିନସ୍ଥ ଶିଳପଟା ଗାଁର ନିରଞ୍ଜନ ମହାନ୍ତିଙ୍କ ପୁଅ ମାନସ ମହାନ୍ତି ନିଜର ରୂପ ବଦଳାଇ କିନ୍ନର ବେଶରେ ଭଦ୍ରକ ଷ୍ଟେଶନ ନିକଟରେ ଶୋଇବା ଥିବା ଅବସ୍ଥାରେ ବିଚିତ୍ରଙ୍କଠାରୁ ମୋବାଇଲ ସହିତ ଟଙ୍କା ନେଇ ଯାଇଥିଲେ । ଘୋଡ଼ାଇ ହୋଇ ଶୋଇଥିବା ଚାଦରକୁ ଟେକିଲା ବେଳକୁ ବିଚିତ୍ରଙ୍କ ନିଦ ଭାଙ୍ଗିବାରୁ ଦଉଡ଼ି ପଳାଇ ଯାଇଥିଲେ ଯୁବକ । ଗୋଡ଼ାଇ ଗୋଡ଼ାଇ ଷ୍ଟେଶନରୁ ଧରି ଘଟଣାରେ ପୋଲିସକୁ ଜିମା ଦେଇଥିଲେ । ପରେ ପୋଲିସ ଛାଡ଼ିବା ପରେ ସେ ତାଙ୍କର ଘର ଲୋକଙ୍କୁ ଖବର ଦେଇଥିଲେ । ଚୋରି କରୁଥିବା ଯୁବକଙ୍କୁ ଶନିବାର ଭଦ୍ରକରୁ ଚାନ୍ଦବାଲି ଆଣି ଉଗ୍ରତରା ଜାରରେ ରଖିଥିଲେ । ମୋବାଇଲ ଓ ଟଙ୍କା ଚୋରି ହେବାରୁ ବିଚିତ୍ର ବେଙ୍ଗାଲୁରୁ ନ ଯାଇ ଘରକୁ ଫେରି ଆସିଥିଲେ । ଚୋରି କଥା ନ ମାନିବାରୁ ରାସ୍ତା ସଫା କାମରେ ଲଗାଇ ପୋଲିସକୁ ଖବର ଦେଇ ଥିଲେ । ଘଟଣାସ୍ଥଳରେ ୧୧୨ ପୋଲିସ ଭ୍ୟାନ ପହଞ୍ଚି ଚୋରି କରିବା ଅଭିଯୋଗରେ ଚାନ୍ଦବାଲି ଥାନାକୁ ଛଦ୍ମବେଶୀ ଯୁବକଙ୍କୁ ନେଇ ଯାଇଥିଲେ । ପୋଲିସ ପକ୍ଷରୁ ତଦନ୍ତ ଚାଲିଛି । ଏହି ଘଟଣାରେ ଅନ୍ୟମାନେ ସମ୍ପୃକ୍ତ ଥାଇ ଚୋରି କରୁଥିବା ଦୃଷ୍ଟିରୁ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି ।

## ହାୱା ଧକ୍କାରେ ଯୁବକ ମୃତ୍ୟୁ : ଚାଳକ ଫେରାର

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲା ବସ୍ତା ଥାନା ଅମର୍ଦ୍ଦାରୋଡ ରେଳ ଷ୍ଟେଶନ ପରିସରରେ ମୋରମ ବୋଝେଇ ହାଇୱା ଧMIରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥବବାବେଳେ ଚାଳକ ଜଣଙ୍କ ଚମ୍ପଟ ମାରିଛି । ମୃତ ଯୁବକ ଜଣକ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ବୋଲି ଜଣାପଡ଼ିଛି । ଅମର୍ଦ୍ଦାରୋଡ ବଜାରର ଏକ ଦୋକାନରେ ରହି ସେ କାମ କରୁଥିଲେ । ଶନିବାର ବିଳମ୍ବିତ ରାତିରେ ରେଳବାଇ କାମ ପାଇଁ ମୋରମ ବୋଝେଇ କରି ଆସିଥିବା ଏକ ହାଇୱା ଧMI ଦେଇ ସେଠାରୁ ଚମ୍ପଟ ମାରିଥିଲାରେଳବାଇ କାମ ପାଇଁ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ତହସିଲ ଅଞ୍ଚଳରୁ ହଜାର ହଜାର ଟ୍ରିପ ମାଟି, ମୋରମ ଏହି ରାସ୍ତା ଦେଇ ପଶ୍ଚିମବଙ୍ଗକୁ ଯାଉଛି । ପ୍ରତ୍ୟେକ ଦିନ ୪ ଶହରୁ ଅଧିକ ମାଟି, ମୋରମ ବୋଝେଇ ହାଇୱା ଯାତାୟାତ କରୁଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଉଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଅମର୍ଦ୍ଦାରୋଡ ଗୋଟିଏ ବ୍ୟସ୍ତବହୁଳ ବଜାର ହୋଇ ଥିବାରୁ ଜନ ଗହଳି ଲାଗି ରହିଥାଏ । ବେଧଡ଼କ ମାଟିମୋରମ ଚାଲାଣ ଯୋଗୁ ଲୋକେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ଦାବି ହୋଇଛି ।

## ଶାଳ ଗଣ୍ଡି ବୋଝେଇ ପିକଅପ ଜବତ : ମାଫିଆ ଫେରାର

ମହୁଲଡିହା,(ସବ୍ୟୁ): : କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ସାତକୋଶିଆ ଫରେଷ୍ଟ ସେକ୍ସନ ସାତକୋଶିଆ ସାପ୍ତାହିକ ହାଟ ନିକଟରେ ଏକ ଶାଳ ଗଣ୍ଡି ବୋଝେଇ ପିକଅପ ଜବବ କରିଛି ବନବିଭାଗ । ଘଟଣାରୁ ପ୍ରକାଶ ୧୧ ତାରିଖ ଭୋର ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗ ଠାକୁରମୁଣ୍ଡା ଆଡୁ ଆନନ୍ଦପୁର ଆଡ଼କୁ ଯାଉଥିବା ପିକଅପଟିକୁ ସାପ୍ତାହିକ ହାଟ କମ୍ପ୍ଲେକ୍ସ ନିକଟରେ ୫୩ ନମ୍ବର ରାଜ୍ୟ ରାଜପଥରେ ଅଟକାଇବା ସମୟରେ ଗାଡ଼ି ଛାଡି ମାଫିଆ ମାନେ ଦୌଡ଼ି ପଳାଇଥିଲେ । ଘଟଣାସ୍ଥଳରୁ ୫ ଟି ଶାଳକାଠଗଣ୍ଡି ସହିତ ଓଆର ୦୪ ପି ୩୧୬୮ ନମ୍ବର ବିଶିଷ୍ଟ ପିକ ଅପ ଜବତ କରି ବନବିଭାଗ ତଦନ୍ତ ଆରମ୍ଭ କରିଛି । ଏହି ଚଢ଼ାଉରେ ସାତକୋଶିଆ ରେଞ୍ଜର ରବିନ୍ଦ୍ର କୁମାର ମହାନ୍ତ, ବନପାଳ ଗୌତମ ମହାନ୍ତ, ବନରକ୍ଷୀ ସନତ କୁମାର ମହାନ୍ତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ । ଜବତ ହୋଇଥିବା ୪୪.୭୪ ସିଫଫ ପରିମାଣର ୫ ଟି ଶାଳ ଗଣ୍ଡିର ଆନୁମାନିକ ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

## ଠାକୁରମୁଣ୍ଡା ଥାନା ପୁଲିସର ସଚେତନତା କାର୍ଯ୍ୟକ୍ରମ

ଠାକୁରମୁଣ୍ଡା,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ପୁଲିସ ପକ୍ଷରୁ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗ ଦେଇ ସାଇବର ସୁରକ୍ଷା ର ବିଭିନ୍ନ ଉପାୟ ଛାତ୍ରୀ ମାନଙ୍କୁ ବୁଝାଇଥିଲେ ।ସମ୍ମାନୀତ ଅତିଥି ଭାବେ ସମାଜସେବୀ ବସନ୍ତ କୁମାର ପୈବର୍ତ୍ତୀ ଯୋଗେଦେଇ ମୋବାଇଲ ଫୋନ ର ବ୍ୟବହାର ଏବଂ ଅଜଣା ବ୍ୟକ୍ତି ଙ୍କୁ ଓଟିପି ସେଆର ନଦେବାକୁ ପରାମର୍ଶ ଦେଇଥିଲେ । ଠାକୁରମୁଣ୍ଡା ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉପରେ ଛାତ୍ରୀ ମାନଙ୍କୁ ବିଭିନ୍ନ ମାର୍ଗରେ ବୁଝାଇଥିଲେ । ଅଦୃଶ୍ୟ ଶକ୍ତି ଠାରୁ ଦୂରେଇ ରହିବା, ଷ୍ଟଡି ଲୋନ, ଅନଲାଇନ ଗେମ, ଅଜଣା ବ୍ୟକ୍ତି ଙ୍କୁ ଫୋଟ ସେୟାର , ନିଜର ବ୍ୟକ୍ତିଗତ ଡକମେଣ୍ଟ , ସେୟାର ନକରିବାକୁ ପରାମର୍ଶ ଦେଇଥିଲେ । ବାଟରେ ଚାଲିଲା ବେଳେ କିପରି ନିୟମ ମାନି ଚାଲିବା ୧୮ ବର୍ଷରୁ କମ ବୟସରେ ଗାଡ଼ି ନ ଚଳାଇବା । ନିଶା ଖାଇ ଗାଡ଼ି ନ ଚଳାଇବା, ହେଲମେଟ ପିନ୍ଧି ଗାଡ଼ି ଚଳାଇବା , ଟ୍ରାଫିକ ନିୟମ ମାନି ଚାଲିବା ପାଇଁ ପରାମର୍ଶ ଦେଇଥିଲେ ।ଶେଷ ରେ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ରଚନା ପ୍ରବନ୍ଧ ପ୍ରତିଯୋଗିତା ହୋଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

**AFFIDAVIT**

By virtue of an affidavit sworn before Notary Public, Nayagarh Odisha on dated 02.04.2026 I Madhusudan Behera, S/o- Gopinath Behera Resident of Village - Godimada P.O- Baulisahi, P.S- Ranpur Dist-Nayagarh, PIN-752092 declare that I have changed my minor Son's name from Pradmyun Behera to Pradyumna Behera Henceforth, He shall be known as Pradyumna Behera for all purposes.

Sd/- Madhusudan Behera

## ଅଧିକାରୀମାନଙ୍କ ଉତ୍ତରରେ ଉପଜିଲ୍ଲାପାଳ କ୍ଷୁବ୍ଧ !

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ସଭାଗୃହ ପରିସରରେ ମନରେଗା ବା ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା ର ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିରରେ ଉପଜିଲ୍ଲାପାଳ ଲଗ୍ନଜିତ ରାଉତ, ଜିଲ୍ଲା ମନରେଗା ନିରୀକ୍ଷକ ବିଜୟ କୁମାର ବଳିଆରସିଂ , ମନରେଗା ବ୍ଲକ ନିରୀକ୍ଷକ ସୁନୀଲ ପରିଡା ପ୍ରମୁଖ ଯୋଗ ଦେଇ ଏହି ଶୁଣାଣି କରିଥିଲେ । ଗତ ନଭେମ୍ବର ଓ ଡିସେମ୍ବର ମାସ ରେ ଦଶପଲ୍ଲା ବ୍ଲକ ର ସମସ୍ତ ପଂଚାୟତ ରେ ମନରେଗା ଯୋଜନା ର ସାମାଜିକ ସମୀକ୍ଷା ଶେଷ ହୋଇଥିବା ବେଳେ ସେଠାରେ ଜଣାପଡ଼ିଥିବା ବିଭିନ୍ନ ଅନିୟମିତତା ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ସମସ୍ତ ଅସମାପ୍ତ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ସମୟ ଦିଆଯିବା ପରେ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ମାତ୍ର ବନବିଭାଗ,ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ କୌଣସି ଅସମାପ୍ତ କାଗଜାତ ସମ୍ପୂର୍ଣ୍ଣ କରାଯାଇ ନଥିବା ବେଳେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ନଥିବା ଜଣାପଡିଥିଲା । ଏପରିକି ଏହି ଜନଶୁଣାଣୀ ଶିବିର ର ରେ ଉପସ୍ଥିତ ଅଧିକାରୀ ମାନେ ସଠିକ ଉତ୍ତର ଦେଇ ନ ପାରିବାରୁ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ରାଉତ କ୍ଷୋଭ ପ୍ରକାଶ କରିବା ସହ ଫାଇନ କରିଥିଲେ । ବିଶେଷ ଭାବେ ପଞ୍ଚାୟତ ସ୍ତରରେ ଏବଂ ବ୍ଲକ ସ୍ତରରେ ମନରେଗା ଯୋଜନା ରେ ହେଉଥିବା ସାମାଜିକ ସମୀକ୍ଷା ବା ଜନଶୁଣାଣୀ ଶିବିରରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଅନୁପସ୍ଥିତ ରହୁଥିବା ସିମିଳିସାହି ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ପଟ୍ଟନାୟକ ପ୍ରକାଶ କରିଥିବା ବେଳେ ଏହି ଜନଶୁଣାଣୀ ଶିବିର ର ଜନସାଧାରଣ ଙ୍କ ଅନୁପସ୍ଥିତି ନେଇ ଉଦବେଗ ପ୍ରକାଶ ପାଇଥିଲା । ଅନ୍ୟପାଶ୍ୱର୍ରେ ଦଶପଲ୍ଲା ବ୍ଲକରେ ମନରେଗା ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଉପରେ ରିପୋର୍ଟ ପ୍ରଦାନ କରାଯାଇଥିଲା । ସମୁଦାୟ ୧୭୮୫୩ ଟି ଜବକାର୍ଡ ପ୍ରଦାନ କରାଯାଇଥିବା ବେଳେ ଏଥି ମଧ୍ୟରେ ୩୨୬୪ ଜଣ ଅନୁସୂଚିତ ଜାତି,୪୩୮୫ ଜଣ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ବର୍ଗ ପକ୍ଷରୁ ୧୦୨୦୪ ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି । ଏଥି ମଧ୍ୟରୁ ୩୪୭୫୯ ଜଣ ସମ୍ପୂର୍ଣ୍ଣ କାର୍ଯ୍ୟଦିବସ ଶେଷ କରିଥିବା ବେଳେ ୧୪୭୧୪ ଜଣ ଆକଫିଭ ୱାର୍କର ଥିବା ରିପୋର୍ଟ ରେ ଦର୍ଶାଯାଇଛି । ସେହିପରି ୬୨ ଟି ପରିବାର ୧୦୦ ଦିନର କାର୍ଯ୍ୟ ଶେଷ କରିଛନ୍ତି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ରେ ୫୩୨ ଟି ପ୍ରୋଜେକଫ ଅନୁମୋଦନ କରାଯାଇଥିବା ବେଳେ ଏଥି ମଧ୍ୟରୁ ୧୯୫ ଟି ପ୍ରୋଜେକଫ ଶେଷ ହୋଇଛି ଓ ୨୯୫ ଟି ପ୍ରୋଜେକଫ କାର୍ଯ୍ୟ ଜାରି ରହିଥିବା ରିପୋର୍ଟ ରେ ଦର୍ଶାଯାଇଛି ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

9001/12/2627 *****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା ୧୩.୦୪.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ସ୍ୱା/- ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9013/1/26-27/0002

## ଆମାଜନ ଡଟ୍ ଇନର ସ୍ୱତନ୍ତ୍ର ଷ୍ଟୋରଫ୍ରଣ୍ଟ ଆରମ୍ଭ

ଭୁବନେଶ୍ୱର(ସବ୍ୟୁ): ଗ୍ରୀଷ୍ମ ଛୁଟିକୁ ଆହୁରି ମଜାଦାର କରିବା ପାଇଁ ଆମାଜନ.ଇନ କିଡ୍ସ ସମର ସ୍ଲାମ୍' ଏବଂ ସମର ଟଏଜ୍ ଲିଷ୍ଟ' ନାମକ ଦୁଇଟି ସ୍ୱତନ୍ତ୍ର ଷ୍ଟୋରଫଣ୍ଟ ଆରମ୍ଭ କରିଛି । ଏହା ଆସନ୍ତା ୧୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏଥିରେ ରିମୋଟ୍ କଂଟ୍ରୋଲ୍ କାର, ହର୍ଟ ହ୍ୱିଲ୍ସ, ସୁଇମିଂ ପୁଲ୍ ଏବଂ କ୍ରିକେଟ୍ କିଟ୍ ଭଳି ପିଲାଙ୍କ ପସନ୍ଦର ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଏବଂ ଯାହାର ମୂଲ୍ୟ ମାତ୍ର ୧୯୯ ଟଙ୍କାରୁ ଆରମ୍ଭ ହେଉଛି । ଏହା ସହିତ ଆମାଜନ୍ ପେ ଆଇସିଆଇସିଆଇ କାର୍ଡରେ ୫% ସଂଚୟ ଏବଂ ଏଚଡ଼ିଏଫସି, ଏଚଏସବିସି ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟାଙ୍କ କାର୍ଡରେ ୭.୫% ପର୍ଯ୍ୟନ୍ତ ତୁରନ୍ତ ରିହାତି ଉପଲବ୍ଧ ଅଛି ।

ଏହି ସେଲରେ ସମସ୍ତ ବୟସର ପିଲାଙ୍କ ପାଇଁ ବ୍ୟାପକ ସାମଗ୍ରୀ ରହିଛି । ଆଡିଡାସ୍, ସ୍ୱିଡୋ, ଏସଜି ଏବଂ ଲାଇଫଲଙ୍ଗ ଭଳି ନାମୀଦାମୀ ବ୍ରାଣ୍ଡର ଆଉଟଡୋର୍ ସ୍ପୋର୍ଟସ୍, ବୋର୍ଡ ଗେମ୍ସ, ସୁଇମିଂ ଗିଅର ଏବଂ ସାଇକେଲ୍ ବା ସ୍କୁଟର ଭଳି ସାମଗ୍ରୀ ଉପଲବ୍ଧ । ଗ୍ରାହକମାନଙ୍କ ସପିଂ ଅଭିଜ୍ଞତାକୁ ବଢାଇବା ପାଇଁ ଆମାଜନ୍ ଏହାର ଅତ୍ୟାଧୁନିକ ଏଆଇ ଉପକରଣଗୁଡ଼ିକର ବ୍ୟବହାର କରୁଛି । ଗ୍ରାହକମାନେ ଡ଼ଭ୍ୟୁ ଇନ୍ ୟୋର ରୁମ ଜରିଆରେ କୌଣସି ଜିନିଷ ଘରେ କିପରି ଦେଖାଯିବ ତାହା ପରଖି ପାରିବେ ।

**Form No. URC-2**

*Advertisement giving notice about registration under Part I of Chapter XXI (Pursuant to section 374(b) of the companies Act, 2013 and rule 4(1) of the companies (Authorised to Register) Rules, 2014]*

1. Notice is hereby given that in pursuance of sub-section (2) of section 366 of the Companies Act, 2013, an application has been made to the Registrar at Central Registration Centre, Indian Institute of Corporate Affairs, Plot No. 6,7,8, Sector 5, IMT Manesar, Dist: Gurgaon, Haryana, India-122050 that M/s. SONU MONU ROADLINES, a partnership firm may be registered under Part I of Chapter XXI of the Companies Act 2013, as a company limited by shares.

2. The principal objects of the company are as follows:

To act as transporters, carriers, contractors, fleet owners, logistics service providers, freight forwarders, clearing and forwarding agents, warehouse keepers, packers and movers, handling contractors and to provide end-to-end logistics solutions including loading, unloading, handling, storage, distribution and allied services.

3. A copy of the draft Memorandum and Articles of Association of the proposed company may be inspected at the firm's office at SH-10, Sandasingha, Sason Sambalpur, Odisha-768200.

4. Notice is hereby given that any person objecting to this application may communicate their objection in writing to the Registrar at Central Registration Centre, Indian Institute of Corporate Affairs, Plot No. 6,7,8, Sector 5, IMT Manesar, Dist: Gurgaon, Haryana, India-122050, within twenty one days from the date of publication of this notice, with a copy to the company at its registered office.

Dated this 12th Day of April, 2026

1. Sonu Tulsiyan, Partner
2. Monu Tulsyan, Partner
3. Abhishek Tulsyan, Partner

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା-ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୦୦୯୪୯, ପୁରୀ-ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ଅଁଳାଇ ପୀଠରେ ୨୪ ତମ ମହାବୀର ଜୟନ୍ତୀ ଓ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

## ସାମିଲ ହେଲେ ୧୦୦ ରୁ ଉର୍ଦ୍ଧ୍ୱ ମାନସିକଧାରୀ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଂଚାୟତ ଅଧିନ ଉଇଲ କିଶନ ନଗର ମା ଅଁଳାଇ ଦେବୀ ପୀଠ ରେ



୨୪ ତମ ମହାବୀର ଜୟନ୍ତୀ ଓ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତକାଲି ଅଙ୍କୁରାରୋପଣ ଓ ମଣ୍ଡଳକରଣ ଗ୍ରାମରେ ପୂଜା ପାଉଥିବା ବିଭିନ୍ନ ଠାକୁର ଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଆଜି ଗ୍ରାମ କୁଳଗୁରୁ ପୁରୋହିତ ବିଶ୍ୱନାଥ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଗ୍ରାମ ର ଝରିଆ ପୋଖରୀ ଠାରୁ ଶହେ ରୁ ଉଦ୍ଧର୍ ମାନସିକ ବ୍ରତଧାରୀ ପୋଖରୀରୁ ଜଳ କଳସ ଧରି ଗ୍ରାମ୍ୟ ପରିକ୍ରମା କରି ଶୋଭାଯାତ୍ରା ରେ ଆସିଥିଲେ । ଘଂଟ ଘଂଟା, ହରିବୋଲ ହୁଳହୁଳି ନାଦରେ ପ୍ରକମ୍ପିତ ହୋଇ ଉଠିଥିଲା ଗାଁ ର ଦାଣ୍ଡ । ଗ୍ରାମର ଭାଗବତ ଠାକୁର, ତ୍ରିନାଥ ଠାକୁର, ଧବଳେଶ୍ୱର ମହାଦେବ, ରାଧାକୃଷ୍ଣ ଆଦି ନିଜ ନିଜ ସୁସଜ୍ଜିତ ବିମାନ ରେ ଯଜ୍ଞ ସ୍ଥଳ କୁ ଯାଇଥିଲେ । ଏହି ଅବସରରେ ବିଭିନ୍ନ ଆତଷବାଦି ରୋଷଣୀ କଳଘୋଡା ନୃତ୍ୟ, ବୁଢାବୁଢ଼ି ନୃତ୍ୟ କୁ ଦେଖିବାକୁ ଶହ ଶହ ଲୋକ ଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଯଜ୍ଞ ସ୍ଥଳରେ ପହଁଚିବା ପରେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା ଓ ଅଗ୍ନି ସ୍ଥାପନ କରାଯାଇଥିଲା । ପରେ ଅପରାହ୍ନ ସମୟରେ ଯଜ୍ଞ କର୍ତା ଆକାଶ ବିଶ୍ୱାଳ ଙ୍କ ଉପସ୍ଥିତି ରେ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଥିଲା । ଏହି ବାର୍ଷିକ ଯଜ୍ଞ ଗ୍ରାମ ର ସମ୍ପାଦକ ସନାତନ ବିଶ୍ୱାଳଙ୍କ ପରିଚାଳନା ରେ ଆୟୋଜନ ହେଉଥିଲାବେଳେ ଆସନ୍ତାକାଲି ଅପରାହ୍ନ ୫ ଟା ରେ ପୂର୍ଣ୍ଣାହୁତି ସହିତ ଯଜ୍ଞ ସମାପନ ହେବା ପରେ ସମୂହ ପ୍ରସାଦ ସେବନ ହେବ ବୋଲି ପୁରୋହିତ ବିଶ୍ୱନାଥ ନନ୍ଦ ସୂଚନା ଦେଇଛନ୍ତି ।

## ଭୁବନେଶ୍ୱରରେ 'ଓଡ଼ିଶା ଜୁଏଲାରୀ ଶୋ' ବିଜିନେସ ଟୁ ବିଜିନେସ

କଟକ (ସବ୍ୟୁ) ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଦେଶ ଓ ରାଜ୍ୟର ସୁନା ରୂପା ଓ ହୀରା ବ୍ୟବସାୟ କରୁଥିବା ପ୍ରମୁଖ ରତ୍ନ ଓ ଗହଣା ବ୍ୟବସାୟୀ ମାନେ ପୁଣି ଗୋଟିଏ ଛାତ ତଳେ ନିଜ ନିଜର ଗହଣା ସମ୍ଭାର କୁ ନେଇ ଏକାଠି ହୋଇଛନ୍ତି । କେଏନସି ଓ ଓଡ଼ିଶା ଜୁଏଲାରୀ ଆସୋସିଏସନ୍ ର ମିଳିତ ସହଯୋଗରେ ଭୁବନେଶ୍ୱରର ତାରକା ହୋଟେଲ କ୍ରିଷ୍ଟାଲ କ୍ରାଉନ୍ ଠାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରାୟ ୫୫ ଜଣ ଗହଣା ହୋଲସେଲିଙ୍ଗ ବ୍ୟବସାୟ କରୁଥିବା ପ୍ରଦର୍ଶନୀ "ଓଡ଼ିଶା ଜୁଏଲେରୀ ଶୋ' (OJS)ର ର ଷଷ୍ଠ ସଂସ୍କରଣ କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି । ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ଚାଲିଥିବା ଏହି ଗହଣା ପ୍ରଦର୍ଶନୀରେ ସତ୍ୟବାଦୀ ର ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମଧ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ । ବ୍ୟବସାୟ ନୁହେଁ କେବଳ ଜଣେ ବ୍ୟବସାୟୀ ଅନ୍ୟ ଜଣଙ୍କ ସହ ପରିଚିତ ହେବା ଲକ୍ଷ୍ୟରେ କେଏନସି ର ପ୍ରୟାସରେ ଦୀର୍ଘ ଛଅ ବର୍ଷ ଧରି ରାଜ୍ୟରେ



ଗହଣା ଶିଳ୍ପର ସବୁଠାରୁ ବଡ଼ ମଞ୍ଚ ଭାବେ ଏହା ପରିଚିତ ହୋଇଛି ବୋଲି କେଏନସି (KNC) ସର୍ଭିସେସ୍‌ର ଏମ୍‌ଡି କ୍ରାନ୍ତି ନାଗବେକର କହିଛନ୍ତି । ବିଶେଷ କରି ଏହି ଆୟୋଜନ ଓଡ଼ିଶାର ଜୁଏଲେରୀ ଶିଳ୍ପକୁ ଏକ ନୂତନ ଗତି ଦେବ ଓ ଜାତୀୟ ସ୍ତରର ନିର୍ମାତା ଓ ପ୍ରଦାନକାରୀମାନଙ୍କୁ ଏକ ମଞ୍ଚରେ ଆଣିବ ବୋଲି ସେ ମତ ରଖିଛନ୍ତି । ସେହିପରି ଓଡିଶାର ସୂକ୍ଷ୍ମ ରୂପା ତାରକସୀ କୁ ଜିଆଇ ଟ୍ୟାଗ ମିଳି ସାରିଥିବା ବେଳେ କାରିଗର ମାନଙ୍କୁ ଅଧିକ ପ୍ରୋତ୍ସାହନ ଓ ଦକ୍ଷ କାରିଗର ସୃଷ୍ଟି କରିବା ଲକ୍ଷ୍ୟ ନେଇ ଚାକିରି ପଛରେ ନ ଗୋଡ଼ାଇ ଜଣେ ଉଚ୍ଚ ଶିକ୍ଷିତ ଉଦୀୟମାନ ଯୁବକ ତଥା ପରିଚାଳନା ନିର୍ଦ୍ଦେଶକ ଶୁଭକାନ୍ତ ପୃଷ୍ଟି ପଦ୍ମେଶ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡ ଜରିଆରେ ଦେଶ ବିଦେଶରେ ଓଡିଶାର ତାରକସି କାମକୁ ପହଞ୍ଚାଇବା ଲକ୍ଷ୍ୟ ରଖିଥିବା କହିଛନ୍ତି । ଏତଦ୍ ବ୍ୟତୀତ କାରିଗର ମାନଙ୍କୁ ଦକ୍ଷ ଓ ଉଚ୍ଚହାରରେ ପାରିଶ୍ରମିକ ପ୍ରଦାନ କରି ସେମାନଙ୍କ ମନୋବଳ ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରଶଂସା ପତ୍ର ସହ ସମ୍ମାନିତ କରାଯିବ ଫଳରେ ନୂତନ ତାରକସୀ ଯୁବ ଉଦ୍ୟୋଗୀ ସୃଷ୍ଟି ହେବେ ବୋଲି ଶ୍ରୀ ପୃଷ୍ଟି ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ଅବସରରେ କହିଛନ୍ତି ଏହି ଶୋ'ରେ ଓଡ଼ିଶା ଓ ଦେଶର ବିଭିନ୍ନ ଜୁଏଲେରୀ ସଂଘ ଓ ଶିଳ୍ପ ସଂପୃକ୍ତ ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ଯଥା ସଞ୍ଜୟ ସାହୁ, ସୌରଭ ରାୟ, କେ. ବଦ୍ରିନାରାୟଣ ସୁବୁଦ୍ଧି, ଜଗନ୍ନାଥ ସାହୁ, ପି. ସତ୍ୟନାରାୟଣ ସେନାପତି, ଏପାରି ଶିବପ୍ରସାଦ ରାଓ, ମିତେଶ ଖିମଜି ଓ ବ୍ରହ୍ମାନନ୍ଦ ମେହେର, ଦିଲ୍ଲୀପ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ୭୦ରୁ ଅଧିକ କମ୍ପାନୀ ଓ ୫୦ଟି ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ଅଂଶଗ୍ରହଣ କରିଛନ୍ତି । ରୟାଲ୍ ଚେନ୍ ଲିମିଟେଡ୍, ପଦ୍ମାବତୀ ଚେନ୍ ଆଣ୍ଡ ଜୁଏଲ୍ସ, ବାଙ୍କା ଜେମ୍ସ ଆଣ୍ଡ ଜୁଏଲେରୀ, ରାଜକୋଟ ସଂଖା, ଗୋଲେଚ୍ଛା ବ୍ରଦର୍ସ,ଅରୁନ୍ଧତୀ ଜୁଏଲାରୀ, ଖିମଜୀ ପରି ପ୍ରମୁଖ ସଂସ୍ଥାମାନେ ଏଥିରେ ଭାଗ ନେଇଛନ୍ତି । ଏହା ସହ ଜୁଏଲେରୀ ମେସିନେରୀ ଓ ପ୍ରାଯୁକ୍ତିକ ସେବା ପ୍ରଦାନକାରୀ ୧୦ରୁ ଅଧିକ ସଂସ୍ଥା ମଧ ଅଂଶଗ୍ରହଣ କରିଛନ୍ତି । ଆୟୋଜକମାନଙ୍କ ଅନୁଯାୟୀ, ଏହି ଶୋ'କୁ ୨୦୦୦ରୁ ଅଧିକ ବ୍ୟବସାୟୀ ଓ ଦର୍ଶକ ଆଗମନ କରିବେ, ଯାହା ଗହଣା ବ୍ୟବସାୟ ପାଇଁ ଏକ ଉତ୍ତମ ବ୍ୟବସାୟିକ ଓ ନେଟୱର୍କ ମଞ୍ଚ ସୃଷ୍ଟି କରିବା ନିସନ୍ଦେହ ବୋଲି ଓଡିଶା ଜୁଏଲାରୀ ଆସୋସିଏସନ୍ ର ସଙ୍ଗଠନ ସମ୍ପାଦକ ତଥା ପ୍ରଦର୍ଶନୀର ସଂଯୋଜକ ଦିଲ୍ଲୀପ କୁମାର ପୃଷ୍ଟି ସୂଚନା ଦେଇଛନ୍ତି ।

## ଯୁବ କଂଗ୍ରେସ ପକ୍ଷରୁ ଡିଜିଟାଲ ମିଡିଆର ସ୍ୱାଧୀନତା ପାଇଁ ଅଭିଯାନ ଆରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଅଖିଳ ଭାରତ ଯୁବ କଂଗ୍ରେସ ଗଣତନ୍ତ୍ରର ୫ମ ସ୍ତମ୍ଭ ଡିଜିଟାଲ ମିଡିଆର ସ୍ୱାଧୀନତା ପାଇଁ ସାରା ଦେଶରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏହି ସଂକ୍ରାନ୍ତରେ ଭାରତୀୟ ଯୁବ କଂଗ୍ରେସର ମିଡିଆ ବିଭାଗର ପ୍ରଭାରୀ ରାଜା ଅହମ୍ମଦ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯାନ ସଂପର୍କରେ ସୂଚନା ଦେଇଥିଲେ । ଆଜିର ଦିନରେ ସମ୍ବାଦ ପରିବେଷଣ ବ୍ୟବସ୍ଥାକୁ ଡିଜିଟାଏ ମିଡିଆ ଅଧିକ କ୍ରିୟାଶୀଳ କରିଛି । ସଠିକ୍ ସମ୍ବାଦ ପରିବେଷଣ କ୍ଷେତ୍ରରେ ମଧ ଡିଜିଟାଲ ମିଡିଆ ଏକ ବିପ୍ଳବ ଆଣିଛି । ଯେଉଁ ଖବରକୁ ଉଦ୍ଦେଶ୍ୟମୂଳକ ଭାବେ ଚାପି ଦିଆଯାଉଥିଲା ତାକୁ ଡିଜିଟାଲ ମିଡିଆ ଲୋକଲୋଚନକୁ ଆଣିବାକୁ ସକ୍ଷମ ହୋଇଛି । ଶ୍ରୀ ରଜକ୍ କହିଛନ୍ତି ଯେ, ସମ୍ବିଧାନକୁ ସଶକ୍ତ କରିବା ପାଇଁ ଡିଜିଟାଲ ଗଣମାଧ୍ୟମର ମଧ ବଳିଷ୍ଠ ଭୂମିକା ରହିଛି । କଂଗ୍ରେସ ଦଳ ବିଶେଷ କରି ଯେଉଁମାନେ ଡିଜିଟାଲ ମିଡିଆ ଚଳାଉଛନ୍ତି




ବିଶେଷ କରିୟୁଟୁବ୍, ଫେସବୁକ୍ ଓ ଇନ୍‌ଷଟାଗ୍ରାମ ଇତ୍ୟାଦିରେ ସମ୍ବାଦ ପରିବେଷଣ କରି ପ୍ରଭାବ ସୃଷ୍ଟି କରିପାରୁଛନ୍ତି ସେମାନେ କ୍ଷମତାଶାଳୀ ଲୋକଙ୍କ ରୋଷର ଶୀକାର ହେଉଛନ୍ତି । କଂଗ୍ରେସ ଦଳ ଏବଂ ବିଶେଷ କରି ଯୁବ କଂଗ୍ରେସ ସେମାନଙ୍କ ସହିତ ଛିଡା ହେବ । ଲୋକଙ୍କ ସ୍ୱର ଡିଜିଟାଲ ମାଧ୍ୟମର ପ୍ରଭାବକାରୀମାନଙ୍କ ଜରିଆରେ ପ୍ରକାଶ କରାଯିବା ପାଇଁ ପ୍ରଚେଷ୍ଟା ଜାରି ରହିବ । ଯୁବ କଂଗ୍ରେସ ଡିଜିଟାଲ ମିଡିଆର ସାମ୍ବାଦିକ ମାନଙ୍କୁ ଆଇନଗତ ସୁରକ୍ଷା, ଆଇଟି କ୍ଷେତ୍ରରେ ସାହାଯ୍ୟ ଯୋଗାଇବା ପାଇଁ ସଂକଳ୍ପ ନେଇଛି । ଏଥିପାଇଁ ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ଯୁବ କଂଗ୍ରେସର ଏହି ବିଭାଗର ସ୍ୱତନ୍ତ୍ର ବିଭାଗ ଖୋଲା ରହିବ । ହେଲଡେସ୍କ ମଧ କରାଯାଇ ସହାୟତା ଯୋଗାଇବା ପାଇଁ ନିଷ୍ପତ୍ତି ମଧ କରାଯାଇଛି । ପ୍ରଦେଶ କଂଗ୍ରେସ, ଜିଲ୍ଲା କଂଗ୍ରେସ ଏବଂ ବ୍ଲକ କଂଗ୍ରେସ ସମସ୍ତ ପ୍ରକୋଷ୍ଠ ବିଭାଗ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବେ । ଯେଉଁ ଡିଜିଟାଲ ମିଡିଆର ସାମ୍ବାଦିକ ମାନେ ନିଜ ଅଂଚଳର, ଜିଲ୍ଲାର ଓ ରାଜ୍ୟର ସମସ୍ୟାକୁ ଲୋକ ଲୋଚନକୁ ଆଣିବା ବେଳେ ଯେଉଁ ପ୍ରତିବନ୍ଧକ ସାମ୍ନା କରୁଛନ୍ତି ସେଥିରେ କଂଗ୍ରେସ ଦଳ ସାମ୍ବାଦିକ ମାନଙ୍କ ସହ ଛିଡା ହୋଇ ସାହାଯ୍ୟ କରିବେ । ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ରାଜ୍ୟର ସମସ୍ତ ବ୍ଲକରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବେ ।

### ପିଏନ୍‌ବି ପକ୍ଷରୁ ୧୩୨ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ଦେଶର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୩୨ତମ ପ୍ରତିଷ୍ଠା ଦିବସ କିଟ୍ ଅଡିଟୋରିୟମ୍‌ଠାରେ ପାଳିତ ହୋଇଯାଇଛି । ୧୮୯୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ବ୍ୟାଙ୍କ ତିନି ଦଶନ୍ଧିରୁ ଅଧିକ ସମୟଧରି ଲୋକମାନଙ୍କୁ ସେବା ଯୋଗାଇ ଆସୁଛି । ବ୍ୟାଙ୍କର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ଲାଲା ଲାଜପତ ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା ।

## ପକ୍ଷୀ ଓ ପଶୁମାନଙ୍କ ପାଇଁ ଜଳସେବା

କଟକ, (ସବ୍ୟୁ):ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ତୃଷାର୍ତ୍ତ ପକ୍ଷୀ ଓ ପଶୁ ମାନଙ୍କ ପାଇଁ ଜଳସେବାର କାର୍ଯ୍ୟକ୍ରମ ସିଡିଏ




ସେକ୍ଟର ୧୧ ସ୍ଥିତ ବିଜୁପଟ୍ଟନାୟକ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜଳସେବା ଅଭିଯାନ କୁ ସମ୍ମାନନୀୟ ମେୟର ସୁଭାଷ ଚନ୍ଦ୍ର ସିଂହ ମହୋଦୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଅନ୍ୟ ସମ୍ମାନନୀୟ ଅତିଥି ରୂପେ ସ୍ଥାନୀୟ ୩ ନମ୍ବର ୱାର୍ଡ ର କର୍ପୋରେଟର ପ୍ରଦୀପ କୁମାର ରାଉତ, କର୍ପୋରେଟର ସୁଭାଶିଷ କୁମାର ପଟ୍ଟନାୟକ, ପୂର୍ବତନ ବାୟୁସେନା ଅଧିକାରୀ ଶ୍ରୀ ବିମଳ ପ୍ରସାଦ ଜେନା ଯୋଗ ଦେଇ ମୁକ ପଶୁ ଓ ପକ୍ଷୀ ମାନଙ୍କ ତୃଷା ନିବାରଣ ନିମନ୍ତେ ଅନୁଷ୍ଠାନ ତରଫରୁ ଆୟୋଜିତ ଏହି ଜଳ ସେବା କାର୍ଯ୍ୟକ୍ରମ କୁ ସାଧୁବାଦ ଜଣାଇବା ସହିତ ଏଭଳି ଜଳସେବା ର ମନୋଭାବ ନେଇ ଗ୍ରୀଷ୍ମ ପ୍ରବାହରେ ତୃଷାର୍ତ୍ତ ପଶୁ ପକ୍ଷୀ ମାନଙ୍କ ଶୋଷ ମେଣ୍ଟାଇବା ଉଦ୍ଦେଶ୍ୟ ରେ ସଭିଏଁ ବ୍ୟକ୍ତିଗତ ଭାବରେ ନିଜ ନିଜ ଘର ପାଖରେ କିମ୍ବା ଛାତ ଉପରେ କୁଣ୍ଡ ରେ ପାଣି ରଖି ଅନ୍ତତଃ ସେମାନଙ୍କ ଜଳକଷ୍ଟକୁ ଦୂର କରିପାରିବା ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ୧୫ଟି ପାରାକୁଣ୍ଡ ପାର୍କ ର ବିଭିନ୍ନ ସ୍ଥାନରେ ରଖାଯିବା ସହିତ ୧୦୦ ଟି ଶିକାଯୁକ୍ତ ସରା ଗଛ ଡାଳରେ ବନ୍ଧା ଯାଇ ସେଥିରେ ପାଣି ରଖା ଯାଇଥିଲା । ଏହି କର୍ଯ୍ୟକ୍ରମରେ ସଭାପତି ପ୍ରିୟରଞ୍ଜନ ମହାପାତ୍ର, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ସିପନ ସ୍ୱାଇଁ, ରାକେଶ ଶତପଥୀ, ଡ଼ଃ ଓଁକାର ରାଉତ, ବିପାଶା ମହାନ୍ତି, ଆଲୋକ କୁମାର ସାହୁ, ପ୍ରଶାନ୍ତ କାନୁନଗୋ,ଶୈଳେନ୍ଦ୍ର ସାହୁ,ଅନିଲ ଦାସ,ଇକବାଲ ହୁସେନ, ପିନାକୀ ସିଂହ, ପ୍ରୀତ ବବୁନା, ରୀନା ଜେନା,ଶୁଭଲକ୍ଷ୍ମୀ ମହାନ୍ତି,ଚିନ୍ତାମଣି ମହାଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ନିଶାମୁକ୍ତ ଅଭିଯାନ ଆରମ୍ଭ କରିବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଗତ ବର୍ଷ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଗାନ୍ଧୀ ପଥେ ଓଡ଼ିଶା ଅଭିଯାନର ଏକ ଅଂଶ ଭାବେ ଆସନ୍ତା ୧୪ ଅପ୍ରେଲ ଠାରୁ ନିଶାମୁକ୍ତ ଓଡ଼ିଶା ଜନ ଜାଗରଣ ଅଭିଯାନ ପୁରୀ ଜିଲ୍ଲାର ସୁଅଣ୍ଡୋ ଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆରମ୍ଭ ହେବାକୁ ଯାଉଛି । ରବିବାର କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମଲ୍ଲିକ କହିଛନ୍ତି ଯେ ନିଶାର ଭୟାବହତା ବିଷୟରେ ଆମ୍ଭେମାନେ ସମସ୍ତେ ଅବଗତ ଅଛନ୍ତି ଏବଂ ସମସ୍ତ ପ୍ରକାର ଅଘଟଣ ଯଥା ସଡକ ଦୁର୍ଘଟଣା, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ ଇତ୍ୟାଦିର ମୂଳ କାରଣ ନିଶା ଅଟେ । ଓଡ଼ିଶାକୁ ସାରା ବିଶ୍ୱରେ ଶ୍ରୀଜଗନ୍ନାଥ ଦେଶ ବୋଲି ଅଭିହିତ କରିଥାନ୍ତି କିନ୍ତୁ ଦୁଃଖର ବିଷୟ ଶ୍ରୀଜଗନ୍ନାଥ ଦେଶର ଗଳିଗଳିରେ ଆଜି ମଦ ଦୋକାନ । ଯୁବଗୋଷ୍ଠୀ ଆଜି ନିଶା ସେବନ କରି ପଥ ଭ୍ରଷ୍ଟ । ତେଣୁ ଆମ ପ୍ରିୟ ରାଜ୍ୟ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟ ଭାବେ ଗି ତୋଳିବା ପାଇଁ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ପ୍ରଦେଶ ଅନୁସୂଚିତ ଜାତି ବିଭାଗ ସମଗ୍ର ଓଡ଼ିଶା ୩୧୪ଟି ବ୍ଲକର ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ଚାଲୁ କରିବ ଏବଂ ସରକାର ଯେପର୍ଯ୍ୟନ୍ତ ଓଡ଼ିଶାରୁ ସମସ୍ତ ପ୍ରକାର ନିଶାର ପ୍ରଚଳନ ବନ୍ଦ ନ କରିଛନ୍ତି ଏହି ଅଭିଯାନ ଚାଲୁ ରହିବ । ସାମ୍ବାଦିକ ସମ୍ମିଳନୀରେ ପିସିସି ସମ୍ପାଦିକା ଅନିମା ମିଞ୍ଜ, ପୁରୀ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ଅଧକ୍ଷ ଗୋବିନ୍ଦ ମଲ୍ଲିକ, ଅନୁଗୁଳ ଜିଲ୍ଲା ଅଧକ୍ଷ ରାଜକିଶୋର ନାୟକ, ବରଗଡ ଜିଲ୍ଲା ଅଧକ୍ଷ ଅଭିଶେକ ସେଠ୍, ଜୟନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଟେଟ୍ରାହେଡ୍ରନ୍ ଏଜୁକେଶନାଲ୍ ଟ୍ରଷ୍ଟର ରକ୍ତଦାନ ଶିବିର, ୫୦ ୟୁନିଟ ରକ୍ତ ସଂଗ୍ରହ

କଟକ , (ସବ୍ୟୁ):ଟାଙ୍ଗୀ ଚୌଦ୍ୱାର ବ୍ଲକ ଭୟରପୁର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଟେଟ୍ରାହେଡ୍ରନ୍ ଏଜୁକେଶନାଲ୍ ଟ୍ରଷ୍ଟ, ଟାଙ୍ଗୀ ଓ



ରଘୁନାଥଜୀଉ କ୍ଲବ, ଭୟରପୁର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତଦାନ ଶିବିର କୁ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନ ର ଅଧକ୍ଷ ତ୍ରିଦେବ ବେହେରା ଓ ଯୁବ ରେଡ଼କ୍ରସ କଟକ ଜିଲ୍ଲା ସଂଯୋଜୀକା ଅଧାପିକା ସସ୍ମିତା ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଶ୍ରୀରାମ ମନ୍ଦିର କମିଟି ତରଫରୁ ବଂଶୀଧର ମହାନ୍ତି, ବିଜୟ କୁମାର ମହାପାତ୍ର, ହେମନ୍ତ କୁମାର ଓଝା, ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ୫୦ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବେଳେ ୧୫ରୁ ଉର୍ଦ୍ଧ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ । କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ କେନ୍ଦ୍ର କଟକ ତରଫରୁ ଡ଼ା ଅରୁଣ ଖୁଣ୍ଟିଆ, ସୁନୀଲ ଖଣ୍ଡାଇ, ବିଜୟ ସ୍ୱାଇଁ, ପ୍ରକାଶ ମଲ୍ଲିକ ଓ କୀର୍ତ୍ତନ ବହିଦାର ପ୍ରମୁଖ ରକ୍ତ ସଂଗ୍ରହ କରିଥଲେ ।ରଘୁନାଥଜୀଉ କ୍ଲବର ସଭାପତି ରତି ରଞ୍ଜନ ସାହୁ ଓ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିର କୁ ବିଶ୍ୱରଂଜନ ସାହୁ, ଲିଲିବାଳା ମହାନ୍ତି, ପ୍ରକାଶ ପ୍ରଧାନ, ଧନଞ୍ଜୟ ବେହେରା, ରଞ୍ଜିତ ବେହେରା, ପ୍ରଭାତ ରଞ୍ଜନ ମହାନ୍ତି, ସନ୍ଦୀପ ମହାପାତ୍ର, ସଂଗ୍ରାମ ବେହେରା, ବଳରାମ ସାହୁ, ସୌମ୍ୟ ରଞ୍ଜନ ସାହୁ, ଶୁଭମ ଜ୍ୟୋତି ସାହୁ ଓ ଗୌରବ କୁମାର ସାହୁ ସହ ରଘୁନାଥଜୀଉ କ୍ଲବ ର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।

## ସହଯୋଗ ଅନୁଷ୍ଠାନ ପାଳନ କଲା ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ

ଭୁବନେଶ୍ୱର (ସବ୍ୟୁ): ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ ସ୍ୱେଚ୍ଛାସେବୀ ସଂଗଠନ 'ସହଯୋଗ' ଏବଂ ଏମ୍ସ ଭୁବନେଶ୍ୱରର ଗ୍ରାମୀଣ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର, ମେଣ୍ଢାଶାଳର ମିଳିତ ଆନୁକୂଲ୍ୟରେ ଅଙ୍ଗାରପଡ଼ାସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ଏକ ବ୍ୟାପକ ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସହଯୋଗର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ ସମସ୍ତ ଅଂଶଗ୍ରହଣକାରୀ ଓ ବିଶେଷଜ୍ଞଙ୍କୁ ସ୍ୱାଗତ କରିବା ସହ ପ୍ରତ୍ୟେକ ମହିଳାଙ୍କ ପାଇଁ ସମ୍ମାନଜନକ ମାତୃ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ଓ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଡାକ୍ତରୀ ସେବା ଏବଂ ଜନସଚେତନତା ମଧ୍ୟରେ ଥିବା ଦୂରତାକୁ କମାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଏଥିରେ ଅଙ୍ଗାରପଡ଼ା ପଞ୍ଚାୟତର ପ୍ରାୟ ୧୦୦ରୁ ଅଧିକ ଗର୍ଭବତୀ ମହିଳା, ପ୍ରସୂତି ମା', ଆଶା, ଅଙ୍ଗନବାଡ଼ି କର୍ମୀ ଓ ଏଏନଏମ (ଯୋଗ ଦେଇଥିଲେ । ମେଣ୍ଢାଶାଳ ଆରଏଚ୍‌ଟିସିର ସିନିୟର ରେସିଡେଣ୍ଟ ଡାକ୍ତର ବିପ୍ଳବ ତାଉଡିଆ ଏହି ବୈଷୟିକ ଅଧିବେଶନର ନେତୃତ୍ୱ ନେଇଥିଲେ । ଏହି ଅଧିବେଶନରେ ଗର୍ଭାବସ୍ଥାରେ ଯୋଗ ଏବଂ ଶାରୀରିକ ବ୍ୟାୟାମ



ଉପରେ ଗୁରୁତ୍ୱ ଦିଆଯାଇଥିଲା । ମା' ଏବଂ ଶିଶୁର ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଉପଲବ୍ଧ ସାପ୍ତାହିକ ଯୋଗ ଶିବିରର ସୁଯୋଗ ନେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ । ରକ୍ତହୀନତା ପରିଚାଳନା ଉପରେ ଏକ ବିଶେଷ ବୈଷୟିକ ଆଲୋଚନା କରାଯାଇଥିଲା । ପୁରୁଣା ପଦ୍ଧତି ଅପେକ୍ଷା ଆଧୁନିକ 'ଫେରିକ୍ କାର୍ବୋକ୍ସିମାଲଟୋଜ୍' (ଇଞ୍ଜେକସନର ଉପକାରିତା ବିଷୟରେ ବିଶେଷଜ୍ଞ ମାନେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସହଯୋଗ ଏବଂ ଆରଏଚ୍‌ଟିସି ଟିମ ପକ୍ଷରୁ ଏକ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା । ହିମୋଗ୍ଲୋବିନ ସ୍ତର ୯ ରୁ କମ୍ ଥିବା ମହିଳାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ବ୍ୟକ୍ତିଗତ ପରାମର୍ଶ ଓ ଚିକିତ୍ସା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଅନୁରୋଧ କରଯାଇଥିଲା ।



ଭୁବନେଶ୍ୱର ସିଆର୍‌ପି ଛକ ଠାରୁ ବିକାଶ ଓମ୍‌ଫେଡ୍ ଛକ ପର୍ଯ୍ୟନ୍ତ ରୈଖିକ ଉଦ୍ୟାନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମେୟର ସୁଲୋଚନା ଦାସ ଓ ବିଧାୟକ ସୁଶାନ୍ତ କୁମାର ରାଉତ । ଏହି ଅବସରରେ ସ୍ଥାନୀୟ ୨୫ ନମ୍ବର ୱାର୍ଡ କର୍ପୋରେଟର ମାନସୀରାଣୀ ସୁନ୍ଦରରାୟ ଉପସ୍ଥିତ ଅଛନ୍ତି ।

## ଓଡ଼ିଶାର ଗ୍ରାମାଞ୍ଚଳରେ ଉନ୍ନତ ଚିକିତ୍ସା ଉପଲବ୍ଧ କରାଉଛି ୟୁଏଆଇଏଲ୍‌ର ଉତ୍କଳ ହସ୍‌ପିଟାଲ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ଆଲୁମିନା ଇଣ୍ଟରନ୍ୟାସ୍‌ନାଲ ଲିମିଟେଡ (ୟୁଏଆଇଏଲ୍) ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃସୁଦୃଢୀକରଣ କରି ରାୟଗଡା ଜିଲ୍ଲାର ଟିକିରି (ଓଷାପଡା) ଠାରେ ଉତ୍କଳ ହସପିଟାଲର ସଫଳ ପରିଚାଳନା ଜରିଆରେ ଦକ୍ଷିଣ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭଗମ୍ୟତାକୁ ନିରନ୍ତର ସୁଦୃଢ କରିବାରେ ଲାଗିଛି । ଏହି ହସପିଟାଲ ସମୟୋଚିତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ପାଇବାରେ ଚାଲେଞ୍ଜର ସମ୍ମୁଖୀନ ହେଉଥିବା ଦୁର୍ଗମ ଅଞ୍ଚଳ ଓ ଗ୍ରାମାଞ୍ଚଳର ଜନସମୁଦାୟଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସ୍ଥଳରେ ପରିଣତ ହୋଇଛି । ୟୁଏଆଇଏଲ୍‌ର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରୟାସ 'ପ୍ରୋଜେକ୍ଟ ଆରୋଗ୍ୟମ୍ ୦୧'ର ଏକ ମାଇଲଖୁଣ୍ଟ ଭାବରେ ସେବା ଯୋଗାଉଥିବା ଉତ୍କଳ ହସପିଟାଲ ସମଗ୍ର ଓଷାପଡା, ଟିକିରି, କାଶୀପୁର, ରାୟଗଡା ଏବଂ କୋରାପୁଟ ଜିଲ୍ଲାର କେତେକ ଭାଗରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସମର୍ଥନ ଯୋଗାଇଦେଉଛି । ନୂଆପଡା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ସହିତ ସମନ୍ୱୟ ରକ୍ଷାକରି ଏହି ହସପିଟାଲ ପ୍ରତିମାସରେ ପ୍ରାୟ ୭,୫୦୦ ରୋଗୀଙ୍କର ଚିକିତ୍ସା କରୁଛି । ଆଉ ପ୍ରାୟ ୨,୫୦୦ ରୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଫାଷ୍ଟ ଏଡ୍ ସେଣ୍ଟର ଜରିଆରେ ସ୍ୱାସ୍ଥ୍ୟସେବା ପାଉଛନ୍ତି । ୨୨ ଶଯ୍ୟା ବିଶିଷ୍ଟ ଉତ୍କଳ ହସପିଟାଲ ଚବିଶ ଘଣ୍ଟିଆ ସ୍ପେଶାଲିଷ୍ଟ ଯତ୍ନ ଯୋଗାଇ ଦେଉଛି ।

## କିମ୍ବଦନ୍ତୀ ଗାୟିକା ଆଶା ଭୋସ୍‌ଲେଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, (ସବ୍ୟୁ): ବଲିଉଡ୍‌ର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କ ୯୨ ବର୍ଷ ବୟସରେ ପରଲୋକ ଘଟିଛି । ୭୦ ବର୍ଷରୁ ଅଧିକ ସମୟ ଧରି ବହୁ ଭାଷାରେ ହଜାର ହଜାର ଗୀତ ଗାଇ ସଂଗୀତ ପ୍ରେମୀଙ୍କ ହୃଦୟରେ ସ୍ୱର୍ଗତଃ ଭୋସଲେ ଛାପ ଛାଡ଼ିଯାଇଛନ୍ତି । କେବଳ ଫିଲ୍ମ ସଙ୍ଗୀତ ନୁହେଁ ବରଂ ଶାସ୍ତ୍ରୀୟ ସଙ୍ଗୀତ, ଆଧୁନିକ ପପ୍, ଗଜଲ ଏବଂ ଲୋକଗୀତ କ୍ଷେତ୍ରରେ ବି ସେ ଲୋକଙ୍କ ହୃଦୟ ଜିଣିଥିଲେ । ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱର୍ଗତଃ ଭୋସ୍‌ଲେ ଦୁଇଥର ଫିଲ୍ମ ପୁରସ୍କାର ପାଇବା ସହ ଦାଦା ସାହେବ ଫାଲକେ ଆୱାର୍ଡ, ଲାଇଫ ଟାଇମ୍ ଆଚିଭ୍‌ମେଂଟ



ପୁରସ୍କାର ସହ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମ ବିଭୂଷଣ'ରେ ସମ୍ମାନିତ ହୋଇଛନ୍ତି । ତାଙ୍କ ବିୟୋଗରେ ସଂଗୀତ ଜଗତରେ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିବା ସହ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ ଭୋସ୍‌ଲେଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ସମବେଦନା ଜଣାଇ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

# ଜୀବନର ଶେଷ ପୋଷ୍ଟ

ମୁମ୍ବାଇ : ବଲିଉଡ ଏବଂ ସଙ୍ଗୀତ ଜଗତରେ ଦଶନ୍ଧି ଧରି ରାଜ କରିଥିବା ଗାୟିକା ଆଶା ଭୋଁସଲେ ସବୁବେଳେ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକ ଏବଂ ଫଲୋଅର୍ସଙ୍କ ସହ ଯୋଡ଼ି ହୋଇ ରହିଥିଲେ । ଇନଷ୍ଟାଗ୍ରାମରେ ତାଙ୍କର ଶେଷ ପୋଷ୍ଟ ମାର୍ଚ୍ଚ ୧୮ ତାରିଖରେ ଆସିଥିଲା । ସେହି ପୋଷ୍ଟରେ, ଆଶା ଭୋଁସଲେ ଜୀବନର ଶେଷ ଏବଂ ମୋକ୍ଷ ବିଷୟରେ ଅନେକ ଗଭୀର କଥା ଲେଖିଥିଲେ, ଯାହାକୁ ତାଙ୍କ ପ୍ରଶଂସକମାନେ ଆଶାଙ୍କୁ ମୃତ୍ୟୁ ଏକ ପୂର୍ବାଭାସ ମିଳିଥିଲା ବୋଲି କହୁଛନ୍ତି ।

ତାଙ୍କର ଶେଷ ଇନଷ୍ଟାଗ୍ରାମ ପୋଷ୍ଟରେ, ଆଶା ଭୋଁସଲେ ଆନ୍ତର୍ଜାତୀୟ ବ୍ୟାଣ୍ଡ ଗୋରିଲାଜ୍ ସହିତ ଏକ ଫଟୋ ସେୟାର କରିଥିଲେ, ଯେଉଁଥିରେ ଏକ ଭାରତୀୟ ପଡ଼ୋଶୀ, ହାତୀ ଏବଂ ପୃଷ୍ଠଭୂମିରେ ଭଙ୍ଗା ଜିନିଷ ରହିଛି । ଫଟୋରେ ସେ ଶାନ୍ତ ଏବଂ ସରଳ ଦେଖାଯାଉଥିଲେ । କ୍ୟାପସନରେ ସେ ଲେଖିଥିଲେ, ବାରାଣସୀ ଯାଇ ପବିତ୍ର ନଦୀ ଗଙ୍ଗା କୂଳରେ ଯାତ୍ରା କରି ଏବଂ ମୁଁ ଯାହା ଦେଖିଲି ତାହା ଗଭୀର ଭାବରେ ଜୀବନର ଅର୍ଥକୁ ବୁଝାଇଦେଲା । ମୁଁ କିଏ ଏବଂ ଏହି ପୃଥିବୀରେ ମୁଁ କ""ଣ କରିବାକୁ ଆସିଛି । ସେ ତାଙ୍କର ସଙ୍ଗୀତ ସାଧନାକୁ ଜଣେ ଡଙ୍ଗା ଚାଳକଙ୍କ ସହ ତୁଳନା କରିଥିଲେ । ଯିଏ ଜୀବନ ରୂପକ ନଦୀ ପାର କରିବାରେ ସାହାଯ୍ୟ କରୁଥିବା ସେ କହିଥିଲେ ।

ଆଶା ଭୋଁସଲେ ପୋଷ୍ଟରେ ଏହା ମଧ୍ୟ ଲେଖିଥିଲେ, ଯେତେବେଳେ ମୁଁ ନଦୀର ଆର ପାର୍ଶ୍ୱରେ ପହଞ୍ଚିବି, ମୋର ଯାତ୍ରା ସମ୍ପୂର୍ଣ୍ଣ ହେବ । ମୁଁ ମୋକ୍ଷ ପାଇବି ଏବଂ ଆମ ଚାରିପାଖରେ ଭାସୁଥିବା ହଜାର ହଜାର ସ୍ୱରର ଅଂଶ ହୋଇଯିବ । ଏହି ଶବ୍ଦଗୁଡ଼ିକ ସୂଚାଇ ଦେଉଥିଲା ଯେ, ସେ ତାଙ୍କ ଜୀବନର ଶେଷ ପର୍ଯ୍ୟାୟ ପାଇଁ ଆଧ୍ୟାତ୍ମିକ ଭାବରେ ପ୍ରସ୍ତୁତ ଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, ସେ ପ୍ରକୃତି ସହିତ ଏକ ହେବାକୁ ଅପେକ୍ଷା କରିଛନ୍ତି । ତାଙ୍କର "ଦି ସାଡୋଇ ଲାଇଟ୍' ଗୀତ ସହିତ, ସେ ନିଜର ସମ୍ପୂର୍ଣ୍ଣ ଐତିହ୍ୟକୁ ଏକାଠି କରିବାକୁ ଚେଷ୍ଟା କରିଥିଲେ ।

# ପ୍ରେମର ଭାଷା ଥିଲେ ଆଶା



ମୁମ୍ବାଇ: ପିଢ଼ି ପରେ ପିଢ଼ି ବିଭିନ୍ନ ଭାଷାଭାଷୀ ସଙ୍ଗୀତ ପ୍ରେମୀଙ୍କୁ ମନୋରଞ୍ଜନ କରିଆସୁଥିବା ସୁଲଳିତ ସ୍ୱର ସବୁଦିନ ପାଇଁ ନିରବୀ ଯାଇଛି। ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ରବିବାର ଭେଟେରାନ ଗାୟିକା ଆଶା ଭୋସଲେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୩୩ ମସିହା ସେପ୍ଟେମ୍ବର ୮ ରେ ଜନ୍ମଗ୍ରହଣ କରିଥିବା ସୁପ୍ରସିଦ୍ଧ ଗାୟିକା ତଥା ସୁରସାମ୍ରାଜ୍ଞୀ ଲତା ମଙ୍ଗେସକର୍ଙ୍କ ସାନ ଭଉଣୀ ଆଶା ଭୋସଲେଙ୍କୁ ଦେଶରେ ପ୍ରେମର ଭାଷା ବୋଲି କୁହାଯାଉଥିଲା। ଆଶା ପାରେଖ ହୁଅନ୍ତୁ କି ସାଧନା, ରେଖାଙ୍କଠାରୁ ଉର୍ମିଳା ମାତୋଣ୍ଡକର, ପୁଣି ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କଠାରୁ କରିସ୍ମା କପୁରଙ୍କ ପର୍ଯ୍ୟନ୍ତ ସମସ୍ତ ପାଇଁ ସ୍ୱର ପାଲଟି ଥିଲେ ଆଶା ତାଇ। 'ଆୟିଏଁ ମେହେରବାଁ', ' ଚୁରା ଲିୟା ହେ ତୁମନେ ଜୋ ଦିଲ୍ କୋ', 'ଅଭି ନା ଜାଓ ଛୋଡ କର୍', 'ୟେ ବାଦା ରାହା', 'ଇନ୍ ଆଖୋଁ କି ମସ୍ତି', 'ପିୟା ତୁ ଅବ୍ ତୁ ଆଜା', ଆଦି ଗୀତ ଆଶାଙ୍କୁ ସବୁ ବୟସର ଶ୍ରୋତାଙ୍କ ମନକୁ ବାନ୍ଧି ରଖି ପାରୁଥିଲା। ପ୍ରଖ୍ୟାତ ଗାୟକ ଦୀନାନାଥ ମଙ୍ଗେସକର ଓ ସେବନ୍ତୀ ମଙ୍ଗେସକରଙ୍କ ସେ ତୃତୀୟ ସନ୍ତାନ ଥିଲେ। ୧୯୪୩ ମସିହାରେ ମରାଠୀ ଚଳଚ୍ଚିତ୍ର 'ମାଝା ବଳ' ପାଇଁ ମାତ୍ର ୧୦ ବର୍ଷ ବୟସରେ ପ୍ରଥମ ଗୀତ 'ଚଲା ଚଲା ନଭ ବାଲା' ଗାଇଥିଲେ। ୨୦୧୧ ମସିହାରେ ଆଶାଙ୍କ ନାମ ସର୍ବାଧିକ ଗୀତ ଗାଇବା ପାଇଁ ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ ସାମିଲ ହୋଇଥିଲା। ସଙ୍ଗୀତ ଇତିହାସରେ ଅନ୍ୟ କୌଣସି ଗାୟକଙ୍କ ନାଁରେ ଏହିପରି ବିରଳ ରେକର୍ଡ଼ ନାହିଁ। ଆଶା ୨୦ଟି ଭାଷାରେ ୧୨,୦୦୦ ରୁ ଅଧିକ ଗୀତରେ ନିଜର କଣ୍ଠଦାନ କରିଥିଲେ। ସଙ୍ଗୀତ କମ୍ପୋଜର ଓପି ନାୟାର, ଏସ୍ଡି ବର୍ମନ, ଆରଡି ବର୍ମନ, ବାପ୍ପି ଲାହିରି, ଏଆର୍ ରେହମାନଙ୍କ ସହିତ ମିଶି ସେ ଅନେକ କାଳଜୟୀ ବଲିଉଡ ସଙ୍ଗୀତ ସୃଷ୍ଟି କରିଥିଲେ । ଆଶା ନିଜକୁ ଚଳଚ୍ଚିତ୍ର ଜଗତର ଶେଷ ମୋଗଲ କହୁଥିଲେ। ୨୦୨୩ ମସିହାରେ ଆଶା କହିଥିଲେ, ଯଦି ଚଳଚ୍ଚିତ୍ର ଜଗତର ଇତିହାସ ଦେଖାଯିବ, ମୁଁ ସମସ୍ତଙ୍କ ସମ୍ପର୍କରେ ଜାଣିଛି। ନିର୍ଦ୍ଦେଶକ, ପ୍ରଯୋଜକ, କଳାକାର, ଗାୟକ ପ୍ରତ୍ୟେକ ଜୀବନ ବିଷୟରେ ଜାଣିଛି। ଯଦି ମୁଁ ସବୁ କହିବା ଆରମ୍ଭ କରିବି ତାହାହେଲେ ମୋତେ ତିନି-ଚାରି ଦିନ ଲାଗିବ। କହିବାକୁ ଅନେକ କଥା କିଛି, ମୁଁ କିଛି ଭୁଲିନାହିଁ। ମୁଁ ଏହି ଫିଲ୍ମ ଜଗତର ଶେଷ ମୋଗଲ ବୋଲି ଆଶା ନିଜକୁ କହିଥିଲେ। ଆଶାଙ୍କ ଜୀବନ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ମାତ୍ର ୧୬ ବର୍ଷ ବୟସର ହୋଇଥିବାବେଳେ ସେ ତାଙ୍କ ନିଜ ବ୍ୟକ୍ତିଗତ ସଚିବ ଗନପତ୍ରାଓ ଭୋସଲେଙ୍କ ସହିତ ଘରୁ ଚାଲି ଯାଇ ବିବାହ କରିଥିଲେ। ତିନି ସନ୍ତାନଙ୍କ ମା' ଆଶାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘରଠାରୁ ଖୁବ୍ ନିର୍ଯାତନା ମିଳୁଥିଲା। ନିର୍ଯାତନା ସହି ନପାରି ଆଶା ୧୯୬୦ ମସିହାରେ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଥିଲେ। ୧୯୮୦ ମସିହାରେ ସେ ଆର୍ ଡି ବର୍ମନଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି।

## ଓପି ନାୟର୍ ଓ ଆଶା



ମୁମ୍ବାଇ : ଆଶା ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ଓପି ନାୟରଙ୍କଠାରୁ ସମର୍ଥନ ପାଇଥିଲେ ।ସେ ଲତା ମଙ୍ଗେସକରଙ୍କ ବଦଳରେ ଆଶା ଭୋଁସଲେଙ୍କୁ ତାଙ୍କ ଚଳଚ୍ଚିତ୍ରରେ ଅନେକ ଗୀତ ଗାଇବାର ସୁଯୋଗ ଦେଇଥିଲେ, ଯାହା ଫଳରେ ଅନେକ ସ୍ମରଣୀୟ ଏବଂ ହିଟ୍ ଗୀତ ସୃଷ୍ଟି ହୋଇଥିଲା ।ଓପି ନାୟର୍ ଏବଂ ଆଶା ଭୋଁସଲେଙ୍କ ଏହି ଯୋଡ଼ିକୁ ସଂଗୀତ ଜଗତରେ ଅତ୍ୟନ୍ତ ସଫଳ ବୋଲି ବିବେଚନା କରାଯାଇଥିଲା ।

୧୯୫୦ ଦଶକରେ, ଯେତେବେଳେ ଅଧିକାଂଶ ସଂଗୀତଜ୍ଞ ଲତା ମଙ୍ଗେସକରଙ୍କ ସହ କାମ କରିବାକୁ ପସନ୍ଦ କରୁଥିଲେ, ଓ.ପି. ନାୟର୍ ସେହି ଅଳ୍ପ କେତେକଙ୍କ ମଧ୍ୟରୁ ଜଣେ ଥିଲେ ଯେଉଁମାନେ ଲତା ମଙ୍ଗେସକରଙ୍କ ସ୍ୱରକୁ ତାଙ୍କ ଶୈଳୀ ପାଇଁ ଉପଯୁକ୍ତ ମନେ କରୁ ନଥିଲେ ।ସେ କହିଥିଲେ ଯେ ଲତାଙ୍କର ଗାୟନ ଶୈଳୀ ତାଙ୍କର ଆବଶ୍ୟକ ଥିବା ସ୍ୱର ସହିତ ମେଳ ଖାଉ ନଥିଲା । ଓପି ନାୟର୍ ଏକ ସାକ୍ଷାତକାରରେ କହିଥିଲେ, ମୁଁ ଶୁଣିଛି ଯେ ପ୍ରେମ ଅନ୍ଧ, କିନ୍ତୁ ମୋ କ୍ଷେତ୍ରରେ, ପ୍ରେମ କେବଳ ଅନ୍ଧ ନୁହେଁ ବରଂ ବଧିର ମଧ୍ୟ । କାରଣ ମୁଁ ଆଶା ଭୋଁସଲେଙ୍କ ସ୍ୱର ବ୍ୟତୀତ ଅନ୍ୟ କୌଣସି ସ୍ୱର ଶୁଣିପାରୁ ନଥିଲ ।କୁହାଯାଏ, ଏହି କାରଣରୁ ନାୟର୍ ସେହି ସମୟରେ ଶମଶାଦ୍ ବେଗମ୍ ଏବଂ ଗୀତା ଦତ୍ତଙ୍କ ଭଳି ଗାୟିକାଙ୍କ ସହ କାମ କରିବା ପ୍ରାୟ ବନ୍ଦ କରିଦେଇଥିଲେ ଏବଂ ମୁଖ୍ୟତଃ ଆଶା ଭୋଁସଲେଙ୍କ ସ୍ୱରକୁ ତାଙ୍କ ସ୍ୱରରେ ପ୍ରାଥମିକତା ଦେଇଥିଲେ ।

### ନାସା - ବିଏମଇ ଆଦ୍ରତା ନିରୀକ୍ଷଣ

## ଫସଲ ଅମଳ ଉପରେ ଗ୍ରୀଷ୍ମଲହରୀର ପ୍ରଭାବ

ନୂଆଦିଲ୍ଲୀ : ଭାରତ ବିଶ୍ୱର ୧୮ ପ୍ରତିଶତ ଜନସଂଖ୍ୟାକୁ ଆଶ୍ରୟ ଦେଇଥିଲେ ମଧ୍ୟ ମୋଟ ମଧୁର ଜଳ ସମ୍ପଦର କେବଳ ୪ ପ୍ରତିଶତ ଭାଗ ରଖିଛି ଏବଂ ପ୍ରାୟ ୬୦ କୋଟି ଲୋକ ଉଚ୍ଚ ଜଳ ଚାପ ଅଞ୍ଚଳରେ ବସବାସ କରୁଛନ୍ତି । ଦେଶର ଅର୍ଦ୍ଧାଧିକ ଚାଷଭୂମି ବର୍ଷା ଉପରେ ନିର୍ଭର କରୁଥିବାରୁ କମ୍ ମୌସୁମୀ ବର୍ଷା କିମ୍ବା ଦୀର୍ଘ ସମୟ ଧରି ଗ୍ରୀଷ୍ମ ଲହରୀ ଚାଲିଲେ ଫସଲ ଉପରେ ଗୁରୁତର ପ୍ରଭାବ ପକାଇପାରେ । ଏହି ପରିପ୍ରେକ୍ଷିତରେ ନାସା ଓ ବୁଡାପେଷ୍ଟ ପ୍ରଯୁକ୍ତି ଓ ଅର୍ଥନୀତି ବିଶ୍ୱବିଦ୍ୟାଳୟ (ବିଏମଇ) ମଧ୍ୟରେ ଆରମ୍ଭ ହୋଇଥିବା ବୈଜ୍ଞାନିକ ସହଯୋଗ ମାଟିର ଆଦ୍ରତା ସମ୍ବନ୍ଧୀୟ ଉପଗ୍ରହ ତଥ୍ୟର ଗୁଣତ୍ୱ ବୃଦ୍ଧିକରି ଖରା ନିରୀକ୍ଷଣ, ଫସଲ ପୂର୍ବାନୁମାନ ଓ ଜଳବାୟୁ ମଡେଲକୁ ଅଧିକ ସଠିକ କରିବାକୁ ଲକ୍ଷ୍ୟ ରଖିଛି । ଏହି ସହଯୋଗ ଅନୁସାରେ ବିଏମଇ ହଙ୍ଗେରୀର ମାଟି ମାପନ କେନ୍ଦ୍ରଗୁଡ଼ିକରୁ ସଂଗୃହିତ ବିସ୍ତୃତ ତଥ୍ୟ ନାସାକୁ ପ୍ରଦାନ କରୁଛି, ଯାହାକୁ ଏସ୍ମ୍ୟାପ୍ ଓ ନିସାର ଭଳି ଉପଗ୍ରହ ମିଶନର ତଥ୍ୟ ସହ ସମ୍ମିଳନ କରାଯାଉଛି । ଏହା ଦ୍ୱାରା ଉପଗ୍ରହ ଆଧାରିତ ମାଟି ଆଦ୍ରତା ମାପନର ସଠିକତା ବଢ଼ିବ ଏବଂ ଭାରତରେ ମନସୁନ ଖରା ନିରୀକ୍ଷଣ, ସିଂଚନ ପରିକଳ୍ପନା ଓ ଜଳ ବଂଟନ ବ୍ୟବସ୍ଥାପନାରେ ଦୂରଗାମୀ ଲାଭ ମିଳିବ । ବିଏମଇର ସହଯୋଗୀ ପ୍ରଫେସର ଡ଼ଃ ଜସଫିଆ କସ୍ପର କହିଛନ୍ତି, "ମାଟିର ଉପରି ଭାଗର ୧୦ ସେଂଟିମିଟର ଭାଗରେ ଘଟୁଥିବା ପରିବର୍ତ୍ତନ ଗ୍ରୀଷ୍ମ ଲହରୀକୁ ସାଧାରଣ ଅସୁବିଧାରୁ ଗୁରୁତର ଫସଲ କ୍ଷତି ଓ ଜଳ ସୁରକ୍ଷା ସମସ୍ୟାରେ ପରିଣତ କରିପାରେ । ଆମର ଲକ୍ଷ୍ୟ ହେଉଛି ଏହି ଉପଗ୍ରହ ତଥ୍ୟକୁ ସର୍ବାଧିକ ନିର୍ଭରଯୋଗ୍ୟ କରିବା ।" ବିଶେଷଜ୍ଞମାନଙ୍କ ମତାନୁସାରେ, ଏହି ପଦକ୍ଷେପ ଭାରତର ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା ଓ ଜଳବାୟୁ ସହନଶୀଳତା ବୃଦ୍ଧିରେ ସହାୟକ ହୋଇପାରିବ ।

## ଏଲପିଜିକୁ ଜାଳେଣି ଭାବେ ବ୍ୟବହାର କରନ୍ତି ୩୩.୩୭ କୋଟି ପରିବାର

ନୂଆଦିଲ୍ଲୀ: ଚଳିତ ଆର୍ଥିକ ବର୍ଷରେ ଭାରତ ୨୦.୮୨ ନିୟୁତ ଟନ୍ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍ପିଜି) ଆମଦାନି କରିବ। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ସେଲ୍ (ପିପିଏସି) ପକ୍ଷରୁ ଏହା ଆକଳନ କରାଯାଇଛି। ଭାରତ ଏହାର ଆବଶ୍ୟକତାର ୬୦ ପ୍ରତିଶତ ଏଲ୍ପିଜି ଆମଦାନି କରୁଛି। ୨୦୨୫-୨୬ରେ ଭାରତର ଏଲ୍ପିଜି ବ୍ୟବହାର ୩୪.୬୯ ନିୟୁତ ଟନ୍ ରହିବ ବୋଲି ଆକଳନ କରାଯାଇଛି। ଗତ କିଛି ବର୍ଷ ମଧ୍ୟ ଏହା ହେଉଛି ସର୍ବାଧିକ ବ୍ୟବହାର। ପୂର୍ବବର୍ଷ ତୁଳନାରେ ତାହା ୬ ପ୍ରତିଶତ ଅଧିକ। ଦେଶରେ ୩୩.୩୭ କୋଟି ପରିବାର ଏଲ୍ପିଜିକୁ ରୋଷେଇ ପାଇଁ ଜାଳେଣି ଭାବେ ବ୍ୟବହାର କରୁଛନ୍ତି। ସେଥି ମଧ୍ୟରୁ ୧୦.୫୫ କୋଟି ହେଉଛନ୍ତି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ। ଦେଶର ପ୍ରାୟ ୯୦ ପ୍ରତିଶତ ଏଲ୍ପିଜିକୁ ସାଧାରଣ ପରିବାରରେ ବ୍ୟବହାର କରାଯାଉଛି। ୨୦୨୫-୨୬ର ୧୧ଟି ମାସରେ ଭାରତ ୨୦.୫୦ ନିୟୁତ ଟନ୍ ଏଲ୍ପିଜି ଆମଦାନି କରିଥିଲା। ତାହା ପୂର୍ବବର୍ଷର ଆମଦାନି ତୁଳନାରେ ୬୧.୭୩ ପ୍ରତିଶତ ଅଧିକ ରହିଥିଲା। ୨୦୨୫-୨୬ରେ ୨୦.୬୭ ନିୟୁତ ଟନ୍ ଓ ୨୦୨୩-୨୪ରେ ୧୮.୫୧ ନିୟୁତ ଟନ୍ ଏଲ୍ପିଜି ଆମଦାନି କରାଯାଇଥିଲା। ଏକ ଆକଳନ ଅନୁସାରେ ଭାରତରେ ଦୈନିକ ୮୦ ହଜାର ଟନ୍ ଏଲ୍ପିଜି ବ୍ୟବହାର ହେଉଛି ଏବଂ ୫୪ ହଜାର ଟନ୍ ଏଲ୍ପିଜି ଆମଦାନି କରାଯାଉଛି। ୯୦ ପ୍ରତିଶତ ଏଲ୍ପିଜି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସୁଛି।

## ତୁର୍କୀଠାରୁ ୧୦୦ କୋଟି ଡଲାର ଓ ସୁନ୍ଦରୀ ପତ୍ନୀ ଦାବି କଲେ ୟୁଗାଣ୍ଡା ସେନାମୁଖ୍ୟ

କାମ୍ପାଲା: ୟୁଗାଣ୍ଡା ରାଷ୍ଟ୍ରପତି ୟୋୱେରୀ ମୁସେଭେନିଙ୍କ ପୁଅ ତଥା ଦେଶର ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ମୁହୁଜି କାଇନେରୁଗାବା ସୋସିଆଲ ମିଡିଆ ପ୍ଲାଟଫର୍ମ "ଏକ୍ସ" ଜରିଆରେ ତୁର୍କୀ ସରକାରଙ୍କୁ ଖୋଲାଖୋଲି ଚେତାବନୀ ଦେଇ ୧୦୦ କୋଟି ଆମେରିକୀୟ ଡଲାର (୧ ବିଲିୟନ) ଏବଂ ତୁର୍କୀର "ସବୁଠାରୁ ସୁନ୍ଦରୀ ମହିଳା"ଙ୍କୁ ନିଜର ପତ୍ନୀ ଭାବେ ଦାବି କରିଛନ୍ତି। ଯଦି ୩୦ ଦିନ ମଧ୍ୟରେ ଏହି ଦାବି ପୂରଣ ନହୁଏ, ତେବେ କାମ୍ପାଲାରେ ଥିବା ତୁର୍କୀ ଦୂତାବାସ ବନ୍ଦ କରିବା ସହ କୂଟନୈତିକ ସମ୍ପର୍କ ଚିନ୍ନ କରିବାକୁ ସେ ଧମକ ଦେଇଛନ୍ତି ।କାଇନେରୁଗାବାଙ୍କ ଅଭିଯୋଗ ଯେ, ସୋମାଲିଆରେ ଆଞ୍ଚଳିକ ସୁରକ୍ଷା ବଜାୟ ରଖିବା ପାଇଁ ୟୁଗାଣ୍ଡା ଦୀର୍ଘ ଦୁଇ ଦଶନ୍ଧି ଧରି ଅଲ-ଶବାବ ଭଳି ଆତଙ୍କବାଦୀ ସଂଗଠନ ବିରୁଦ୍ଧରେ ଲଢ଼େଇ କରି ବହୁମୂଲ୍ୟ ଜୀବନ ଓ ଶକ୍ତି ଖର୍ଚ୍ଚ କରୁଛି । ମାତ୍ର ତୁର୍କୀ ସେଠାରେ ବନ୍ଦର ଓ ବିମାନବନ୍ଦର ଭଳି ଭିତ୍ତିଭୂମି



ପ୍ରକଳ୍ପ ଜରିଆରେ କୋଟି କୋଟି ଟଙ୍କା ଲାଭ କରୁଛି। ୟୁଗାଣ୍ଡାର ଏହି ବଳିଦାନର ପ୍ରତିବଦଳରେ ତୁର୍କୀଠାରୁ ସେ ୧ ବିଲିୟନ ଡଲାର "ସୁରକ୍ଷା ଡିଭିଡେଣ୍ଡ" ଦାବି କରିଛନ୍ତି। ସେ କହିଛନ୍ତି, ତୁର୍କୀ ପାଇଁ ଏହା ଏକ ସରଳ କାରବାର, ସେମାନେ ଆମକୁ ପଇସା ଦିଅନ୍ତୁ, ନଚେତ୍ ମୁଁ ସେମାନଙ୍କ ଦୂତାବାସ ବନ୍ଦ କରିଦେବି। ଆର୍ଥିକ ଦାବି ସହିତ ସେ ତୁର୍କୀର ସବୁଠାରୁ ସୁନ୍ଦରୀ ମହିଳାଙ୍କୁ ବିବାହ କରିବା ପାଇଁ ଇଚ୍ଛା ପ୍ରକାଶ କରି ଏକ ଅଜବ ସର୍ତ୍ତ ରଖିଛନ୍ତି ।ଏହା ପ୍ରଥମ ଘଟଣା ନୁହେଁ, ଏହା ପୂର୍ବରୁ ଅକ୍ଟୋବର ୨୦୨୨ରେ ସେ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ ବିବାହ କରିବା ପାଇଁ ୧୦୦ଟି "ଅଙ୍କୋଲେ" ଗାଇ ଉପହାର ଦେବାକୁ ପ୍ରସ୍ତାବ ଦେଇ ଚର୍ଚ୍ଚାକୁ ଆସିଥିଲେ। କାଇନେରୁଗାବା ୟୁଗାଣ୍ଡା ନାଗରିକଙ୍କୁ ସୁରକ୍ଷା ଦୃଷ୍ଟିରୁ ତୁର୍କୀ ଗସ୍ତ ନକରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହି ପୋଷ୍ଟଗୁଡ଼ିକରେ ସେ ଇସ୍ରାଏଲ ପ୍ରତି ନିଜର ଦୃଢ଼ ସମର୍ଥନ ମଧ୍ୟ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, "ପବିତ୍ର ଭୂମି" ବା ଜିସସ୍ ଖ୍ରୀଷ୍ଟଙ୍କ ଜନ୍ମଭୂମିର ସୁରକ୍ଷା ପାଇଁ ସେ ନିଜ ନେତୃତ୍ୱରେ ୧ ଲକ୍ଷ ୟୁଗାଣ୍ଡା ସୈନ୍ୟଙ୍କୁ ଇସ୍ରାଏଲ ପଠାଇବାକୁ ପ୍ରସ୍ତୁତ ଅଛନ୍ତି। ଜଣେ ଦାୟିତ୍ୱବାନ ସେନାମୁଖ୍ୟଙ୍କ ଏଭଳି ଅପରିପକ୍ୱ ଓ ବିବାଦୀୟ ମନ୍ତବ୍ୟକୁ ନେଇ ଏବେ ଆନ୍ତର୍ଜାତୀୟ ସ୍ତରରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଶେଷରେ ଲଦ୍ଦାଖ ଲୋକଙ୍କୁ ମିଳିଲା ପରିଚୟ

ଲେହ: ଜମ୍ମୁ-କାଶ୍ମୀର ରୁ ପୃଥକ ହୋଇ କେନ୍ଦ୍ର ଶାସିତ ପ୍ରଦେଶ ହେବାର ପାଖାପାଖି ୭ ବର୍ଷ ପରେ ଲଦ୍ଦାଖ ନାଗରିକଙ୍କ ଏକ ପୁରୁଣା ତଥା ବଡ଼ ଦାବି ପୂରଣ ହୋଇଛି। ଏବେ ଲଦ୍ଦାଖ ଲୋକଙ୍କ ଆଧାରକାର୍ଡରେ ରାଜ୍ୟ ନାମ ଥିବା ସ୍ଥାନରେ ଜମ୍ମୁ-କାଶ୍ମୀର ବଦଳେ ଲଦ୍ଦାଖ ଦେଖାଯିବ। ଏହି ପରିବର୍ତ୍ତନ ପ୍ରଶାସନିକ ଓ ଭାବନାତ୍ମକ ଉଭୟ ଦୃଷ୍ଟିରୁ ଲଦ୍ଦାଖ ନିମନ୍ତେ ଏକ ଐତିହାସିକ ଉପଲବ୍ଧି ମନେ କରାଯାଉଛି। ଅଗଷ୍ଟ ୨୦୧୯ରେ ଜମ୍ମୁ-କାଶ୍ମୀର ପୁନର୍ଗଠନ କାଳରେ ଲଦ୍ଦାଖକୁ ଏକ ଅଲଗା କେନ୍ଦ୍ର ଶାସିତ ପ୍ରଦେଶ କରାଯାଇଥିଲା। ସେବେଠାରୁ ରାଜ୍ୟର ଲୋକେ ସରକାରୀ କାଗଜପତ୍ରରେ ନିଜର ପରିଚୟ ପାଇଁ ସଂଘର୍ଷ କରି ଆସୁଥିଲେ।

**୭ ବର୍ଷର ଦୀର୍ଘ ଅପେକ୍ଷା ସମାପ୍ତ**

ଏହି ପ୍ରସଙ୍ଗର ସମାଧାନ ଲାଗି ଲଦ୍ଦାଖ ଲେଫ୍ଟନାଣ୍ଟ ଗଭର୍ଣ୍ଣର ବିନୟ କୁମାର ସକ୍ସେନା ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିଛନ୍ତି। ସେ କେନ୍ଦ୍ର ଶାସିତ ପ୍ରଦେଶର ପ୍ରଶାସନକୁ ଏହି ସମସ୍ୟାର ସମାଧାନ ଲାଗି କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଲଦ୍ଦାଖ ପ୍ରଶାସନ ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ)ଙ୍କ ନିକଟରେ ଏହି ପ୍ରସଙ୍ଗକୁ ଉଠାଇଥିଲେ। ଏହାର ପରିଣାମ ସ୍ୱରୂପ ଏହି ସଂଶୋଧନକୁ ସଫଳତା ପୂର୍ବକ ଲାଗୁ କରାଯାଇଛି।

**ଅସୁବିଧାରେ ପଡୁଥିଲେ ଲୋକେ**

ଅଧିକାରୀଙ୍କ ଅନୁସାରେ ଆଧାର ରେକର୍ଡରେ ତ୍ରୁଟିପୂର୍ଣ୍ଣ ସୂଚନା ଯୋଗୁ ଲଦ୍ଦାଖବାସୀଙ୍କୁ ବିଭିନ୍ନ ପ୍ରକାରର ବ୍ୟବହାରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ବିଭିନ୍ନ ସରକାରୀ ଓ ଘରୋଇ ସେବାର ଲାଭ ନେବା ସମୟରେ ଲୋକେ ନିଜ ଠିକଣାର ପ୍ରମାଣ ରୂପେ ଆଧାର କାର୍ଡ ଦେଉଥିଲେ। ତେବେ ଏଥିରେ ଲଦ୍ଦାଖ ବଦଳେ ଜମ୍ମୁ-କାଶ୍ମୀର ଲେଖା ରହୁଥିବାରୁ ଡକ୍ୟୁମେଣ୍ଟ ଅଗ୍ରାହ୍ୟ ହୋଇ ଯାଉଥିଲା ଅଥବା ଏଥିରେ ବିଭିନ୍ନ ବିସଙ୍ଗତି ମିଳୁଥିଲା।

**ବିନା ସମସ୍ୟାରେ ହେଲା ସମାଧାନ**

ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଏକ ସରଳ ତଥା ପ୍ରଭାବୀ ଉପାୟ ଅବଲମ୍ବନ କରିଥିଲା। ସାଧାରଣତଃ ଆଧାରରେ କୌଣସି ସଂଶୋଧନ ପାଇଁ ଲୋକଙ୍କୁ ଆଧାର କେନ୍ଦ୍ର ଯିବାକୁ ପଡୁଥିଲା। ଏଥିରେ ଲଦ୍ଦାଖ ଭଳି କଠିନ ଭୌଗଳିକ କ୍ଷେତ୍ରରେ ଲୋକଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଏହି ସମସ୍ୟାର ସମାଧାନ ପାଇଁ ଲଦ୍ଦାଖ ପ୍ରଶାସନ ଡାକ ବିଭାଗ ସହ ସମନ୍ୱୟ ସ୍ଥାପନା କରିଥିଲା ଓ ଲଦ୍ଦାଖ ନିମନ୍ତେ ଏକ ସ୍ୱତନ୍ତ୍ର ପିନକୋଡର ଏକ ସୂଚୀ ପ୍ରସ୍ତୁତ କରିଥିଲା। ଏହି ସତ୍ୟାପିତ ପିନକୋଡକୁ ୟୁଆଇଡିଏଆଇଙ୍କ ସହ ସେୟାର କରାଯାଇଥିଲା। ଏହାପରେ ୟୁଆଇଡିଏଆଇ ଏକ କେନ୍ଦ୍ରୀୟ ପ୍ରଣାଳୀ ମାଧ୍ୟମରେ ଏହି ସବୁ ପିନକୋର୍ଡ ଥିବା କ୍ଷେତ୍ରର ଆଧାର ରେକର୍ଡରେ ରାଜ୍ୟର ନାମ ସ୍ୱତଃ ଅପଡେଟ କରିଦେଇଛି। ଏହି ପ୍ରକ୍ରିୟା ଲକ୍ଷଲକ୍ଷ ଲୋକଙ୍କୁ ଧାଡି ବାନ୍ଧି ଛିଡା ହେବାରୁ ରକ୍ଷା କରିଛି।

**ଲଦ୍ଦାଖବାସୀ କିପରି ପ୍ରାପ୍ତ କରିବେ ନୂଆ ଆଧାର?**

ଏବେ ଲଦ୍ଦାଖବାସୀ ବହୁତ ସହଜରେ ନିଜର ନୂଆ ପରିଚୟଥିବା ଆଧାର କାର୍ଡ ପ୍ରାପ୍ତ କରିପାରିବେ। ଲୋକେ ୟୁଆଇଡିଏଆଇ ଅଧିକାରୀକ ପୋର୍ଟାଲକୁ ଯାଇ ନିଜର ଅପଡେଟ୍ ଇ-ଆଧାର ଡାଉନଲୋଡ କରିପାରିବେ। ଯେଉଁମାନେ ପ୍ଲାଷ୍ଟିକ୍ ଆଧାର ଚାହୁଁଛନ୍ତି ସେମାନେ ମାମୁଲି ଶୁଳ୍କ ଦେଇ ଅନଲାଇନ ଅର୍ଡର କରିପାରିବେ, ଯାହାକୁ ସେମାନଙ୍କ ଘର ଠିକଣାରେ ପହଞ୍ଚାଇ ଦିଆଯିବ।

ଏହି ପରିବର୍ତ୍ତନ ସହିତ ଲଦ୍ଦାଖ ଏକ ପୂର୍ଣ୍ଣ କେନ୍ଦ୍ର ଶାସିତ ପ୍ରଦେଶ ରୂପେ ନିଜର ପ୍ରଶାସନିକ ଓ ଡିଜିଟାଲ ସ୍ୱାୟତ୍ତତା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛି। ଏବେ ଲଦ୍ଦାଖର ପ୍ରତ୍ୟେକ ନାଗରିକଙ୍କ ନିକଟରେ ଏପରି ପରିଚୟପତ୍ର ରହିବ ଯାହା ବାସ୍ତବରେ ସେମାନଙ୍କ ଭୂମି ଓ ସେମାନଙ୍କ ନୂଆ ପରିଚୟର ପ୍ରତିନିଧିତ୍ୱ କରିବ।

## ବଙ୍ଗଳା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୩.୬ କୋଟି ଲୋକ ଭୋଟ୍ ଦେବାକୁ ଯୋଗ୍ୟ ହେବେ

ନୂଆଦିଲ୍ଲୀ: ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ଏପ୍ରିଲ ୨୩ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୩.୬ କୋଟିରୁ ଅଧିକ ଭୋଟର ସେମାନଙ୍କ ମତଦାନ ପାଇଁ ଯୋଗ୍ୟ ଅଟନ୍ତି। ପ୍ରଥମ ପର୍ଯ୍ୟାୟ ଭୋଟର ତାଲିକାରେ ୧.୮୪ କୋଟି ପୁରୁଷ, ୧.୭୫ କୋଟି ମହିଳା ଓ ୪୬୫ ଜଣ ତୃତୀୟ ଲିଙ୍ଗର ବ୍ୟକ୍ତି ରହିଛନ୍ତି। ଜିଲ୍ଲା ମଧ୍ୟରେ ମୁର୍ଶିଦାବାଦରେ ସର୍ବାଧିକ ୫୦.୨୬ ଲକ୍ଷ ଭୋଟର ଥିବା ବେଳେ ଏହା ପଛକୁ ପୂର୍ବ ମେଦିନୀପୁରରେ ୪୧.୬୦ ଲକ୍ଷ ଓ ପଶ୍ଚିମ ମେଦିନାପୁରରେ ୩୭.୭୦ ଲକ୍ଷ ଭୋଟର ଅଛନ୍ତି। ଅନ୍ୟପକ୍ଷରେ କାଲିମପୋଙ୍ଗରେ ସର୍ବନିମ୍ନ ୨.୦୧ ଲକ୍ଷ ଭୋଟର ଅଛନ୍ତି।

ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନ ପାଇଁ ମତଦାନ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨୯ରେ ୧୪୨ଟି ଆସନରେ ମତଦାନ ହେବ। ମେ ୪ରେ ଭୋଟ୍ ଗଣନା ହେବ। ଉତ୍ତର ବଙ୍ଗଳାର କୁଚବିହାରରେ ୨୨.୬୩ ଲକ୍ଷ ମତଦାତା ଥିବା ବେଳେ ଜଲପାଇଗୁଡ଼ିରେ ୧୭.୧୯ ଲକ୍ଷ ଏବଂ ଆଲିପୁରଦୁଆରରେ ୧୧.୬୪ ଲକ୍ଷ ଭୋଟର ଅଛନ୍ତି। ନିର୍ବାଚନ କମିସନଙ୍କ ତଥ୍ୟ ଅନୁଯାୟୀ, ଦାର୍ଜିଲିଂ ଜିଲ୍ଲାରେ ୧୧.୧୦ ଲକ୍ଷ ଭୋଟର ଅଛନ୍ତି। ଉତ୍ତର ଦିନାଜପୁରରେ ୧୯.୬୮ ଲକ୍ଷ ମତଦାତା ଥିବା ବେଳେ ଦକ୍ଷିଣ ଦିନାଜପୁରରେ ୧୧.୫୯ ଲକ୍ଷ ଭୋଟର ଅଛନ୍ତି। ମାଲଦା ଜିଲ୍ଲାରେ ୨୭.୯୧ ଲକ୍ଷ ଭୋଟର ଅଛନ୍ତି।

ପଶ୍ଚିମ ଜିଲ୍ଲା ମଧ୍ୟରେ ବାଙ୍କୁଡାରେ ୨୯.୧୯ ଲକ୍ଷ, ପୁରୁଲିଆରେ ୨୨.୫୨ ଲକ୍ଷ ଓ ଝାଡଗ୍ରାମରେ ୯.୧୦ ଲକ୍ଷ ଭୋଟର ଅଛନ୍ତି। ପଶ୍ଚିମ ବର୍ଦ୍ଧମାନରେ ୧୯.୬୫ ଲକ୍ଷ ମତଦାତା ଥିବା ବେଳେ ବୀରଭୂମରେ ୨୬.୯୧ ଲକ୍ଷ ଭୋଟର ଅଛନ୍ତି। ଜଣେ ଇସି ଅଧିକାରୀ କହିଛନ୍ତି ଯେ, ସର୍ବାଧିକ ସଠିକତା ଓ ଅନ୍ତର୍ଭୁକ୍ତି ନିଶ୍ଚିତ କରିବା ପାଇଁ ଉପଯୁକ୍ତ ସଂଶୋଧନ ଓ ଯାଞ୍ଚ ପରେ ଭୋଟର ତାଲିକା ଅଦ୍ୟତନ କରାଯାଇଛି। ଯୋଗ୍ୟ ଭୋଟରମାନେ ବିନା ଅସୁବିଧାରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି ସେ କହିଛନ୍ତି।

## ମଧ୍ୟସ୍ଥତା ପ୍ରସ୍ତାବ ଦେଲେ ପୁଟିନ

ମସ୍କୋ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଯାଇଛି। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଶୀଘ୍ର ଯୁଦ୍ଧ ଶେଷ କରିବାକୁ ବିଶ୍ୱର ବିଭିନ୍ନ ସ୍ତରରୁ ଚାପ ପକାଯାଉଛି। ଶନିବାର ପାକିସ୍ତାନରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛନ୍ତି। ପୁଟିନ୍ ତାଙ୍କ ଇରାନ ପ୍ରତିପକ୍ଷ ମସୁଦ ପେଜେସ୍କିଆନ୍ଙ୍କୁ ଫୋନ୍ କରି ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ସମ୍ପର୍କରେ ପଚାରି ବୁଝିଥିଲେ ବୋଲି ରୁଷ୍ ନ୍ୟୁଜ ଏଜେନ୍ସି ଇଣ୍ଟରଫାକ୍ସ ରବିବାର କହିଛି। ପୁଟିନ କହିଛନ୍ତି ଯେ, ରୁଷ ପଶ୍ଚିମ ଏସିଆ ବିବାଦରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛି। ପଶ୍ଚିମ ଏସିଆ ଦେଶ ଓ ଆମେରିକା ମଧ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବାବେଳେ ପୁଟିନ୍ ମଧ୍ୟସ୍ଥତା କରିବା ନେଇ ପ୍ରସ୍ତାବ ଦେଇଛନ୍ତି। ଏହାପୂର୍ବରୁ ପୁଟିନ୍ ପଶ୍ଚିମ ଏସିଆରେ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ କହିଥିଲେ। ସେ କୂଟନୈତିକ ଓ ରାଜନୈତିକ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ କହିଥିଲେ। ସୂଚନାଯୋଗ୍ୟ, ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ନେଇ ଇସଲାମାବାଦରେ ଗତକାଲି ଅସ୍ତ୍ରବିରତି ଆଲୋଚନା ହୋଇଥିଲା। କିନ୍ତୁ ଏହି ଆଲୋଚନା ବିଫଳ ହୋଇଥିଲା।

## ନୀତୀଶଙ୍କ ପରେ କିଏ ?

ନୂଆଦିଲ୍ଲୀ: ବିହାରକୁ ଏହି ସପ୍ତାହରେ ନୂଆ ମୁଖ୍ୟମନ୍ତ୍ରୀ ମିଳିଯିବେ । ନୀତୀଶ କୁମାର ଦିଲ୍ଲୀ ଯିବା ପରେ ଏବେ ବିହାରରେ ବିଜେପିର ମୁଖ୍ୟମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ । ଏହା ପୂର୍ବରୁ ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ବିଜପି ନିଜର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି । ବିଜେପି ବିଧାୟକ ଦଳ ବୈଠକ ପାଇଁ ଶିବରାଜ ସିଂହ ଚୌହାନଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛନ୍ତି ଦିଲ୍ଲୀ ନେତୃତ୍ୱ ।

**ଶିବିରାଜଙ୍କୁ ନିଯୁକ୍ତ କଲା ବିଜେପି**

ଭାରତୀୟ ଜନତା ପାର୍ଟିର ସଂସଦୀୟ ବୋର୍ଡ ବିହାରରେ ବିଧାୟକ ଦଳର ନେତା ଚୟନ ଲାଗି କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟସଭାକୁ ନିର୍ବାଚିତ ହେବା ପରେ, ଏବେ ବିହାରରେ ପ୍ରଥମ ଥର ବିଜେପିର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ତେବେ ଏହି ତାଲିକାରେ ଆଗରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ।

**ଚିତ୍ର ସ୍ପଷ୍ଟ କଲେ ବିଜୟ ଚୌଧୁରୀ**

ନୂତନ ସରକାର ଗଠନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ବିହାର ମନ୍ତ୍ରୀ ବିଜୟ କୁମାର ଚୌଧୁରୀ। ଏହି ସମୟରେ ସେ କହିଛନ୍ତି, ବିଜେପିକୁ ମୁଖ୍ୟମନ୍ତ୍ରୀ ପାଇଁ ନାମ ସୁପାରିଶ କରିବାକୁ ପଡିବ। ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ବିଜେପି ନେବ ବୋଲି ଇଙ୍ଗିତ କରିଛନ୍ତି ବିଜୟ ଚୌଧୁରୀ। ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ଲାଗି ପ୍ରାର୍ଥୀଙ୍କ ନାଁ ବିଜେପି ସୁପାରିଶ କରିବା ପରେ ଏନଡିଏ ବିଧାୟକ ଦଳର ବୈଠକ ହେବ । ଏଥିରେ ଏନଡିଏ ବିଧାୟକ ଦଳର ନେତା ଚୟନ କରାଯିବ ।

ଏନଡିଏ ବିଧାୟକ ଦଳ ନେତା ହିଁ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ । ଏହି ମାମଲାରେ ଭାରତୀୟ ଜନତା ପାର୍ଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ବିଜେପିର ନିଜସ୍ୱ ପ୍ରକ୍ରିୟା ଅଛି। ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ବୈଠକ ସମ୍ପର୍କରେ ସେ କହିଛନ୍ତି ଯେ, ସେମାନେ ପୂର୍ବରୁ ନିୟମିତ ଭାବରେ ବୈଠକ କରିଆସୁଛନ୍ତି ଏବଂ ଏଥିରେ କିଛି ନୂଆ ନାହିଁ ।

## କୌଣସି ଜାହାଜ ହର୍ମୁଜ ଦେଇ ଯାଇପାରିବ ନାହିଁ: ଟ୍ରମ୍ପ

ୱାସିଂଟନ: ଇରାନ ସହ ଆଲୋଚନା ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତି ମାତ୍ରାରେ କ୍ରୋଧିତ ହୋଇଛନ୍ତି। ସେ ଧମକ ଦେଇଛନ୍ତି ଯେ ଆମେରିକା ତୁରନ୍ତ ହର୍ମୁଜରେ ପ୍ରବେଶ କିମ୍ବା ପ୍ରସ୍ଥାନ କରିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକୁ ଅବରୋଧ କରିବା ଆରମ୍ଭ କରିବ। କୌଣସି ଜାହାଜକୁ ହର୍ମୁଜ୍ ଛାଡ଼ିବାକୁ ଅନୁମତି ଦିଆଯିବ ନାହିଁ। ଟ୍ରମ୍ପଙ୍କ ଏହି ଧମକ ତୁରନ୍ତ ଏକ ବୈଶ୍ୱିକ ଆତଙ୍କରେ ପରିଣତ ହୋଇଛି।

ଟ୍ରମ୍ପ କହିଛନ୍ତି, ଆମେ ସମଗ୍ର ଜଳପଥକୁ ଅବରୋଧ କରିବୁ ଏବଂ ଯଦି କେହି ଏହାର ରାସ୍ତାରେ ଆସନ୍ତି, ତେବେ ଏହାକୁ ଉଡ଼ାଇ ଦିଆଯିବ। ସେ କହିଛନ୍ତି ଯେ ହରମୁଜ୍ ଦେଇ ଯିବା ପାଇଁ ଇରାନକୁ ଅର୍ଥ ପ୍ରଦାନ କରିଥିବା ଜାହାଜଗୁଡ଼ିକୁ ବନ୍ଦ କରିବାକୁ ସେ ଆମେରିକା ନୌସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପାକିସ୍ତାନରେ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ବିଫଳ ହୋଇଛି।



ଉଭୟ ପକ୍ଷ ପରସ୍ପର ଉପରେ ଅଧିକ ଦାବି କରିବାକୁ କହୁଛନ୍ତି। ଏହି ଆଲୋଚନା ବିଫଳ ହେବା ପରେ ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ ଆମେରିକାର ନୌସେନା ଅବରୋଧ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଇରାନ ଯଦି ଆମେରିକା କିମ୍ବା ଅନ୍ୟ କୌଣସି ରାଷ୍ଟ୍ରର ଶାନ୍ତିପୂର୍ଣ୍ଣ ଜାହାଜ ଉପରକୁ ଗୁଳି ଚଳାଇବ, ତେବେ ଏହାକୁ ଉଡ଼ାଇ ଦିଆଯିବ। ଆମେରିକା ରାଷ୍ଟ୍ରପତି ଏହା ମଧ୍ୟ କହିଛନ୍ତି ଯେ ଏହି ଅବରୋଧରେ ଅନ୍ୟ ଦେଶମାନେ ମଧ୍ୟ ଜଡିତ ହେବେ। ସେ କହିଛନ୍ତି ଯେ ଇରାନକୁ ବେଆଇନ ଭାବେ ଚୋରା ଚାଲାଣରୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଟ୍ରମ୍ପ କହିଛନ୍ତି ଯେ ଜାହାଜଗୁଡ଼ିକୁ ସୁରକ୍ଷିତ ସ୍ଥାନାନ୍ତର କରିବା ପରିବର୍ତ୍ତେ ଇରାନ ଭୁଲ ମାର୍ଗ ଦେଇ ଚୋରା କାରବାର ଚଳାଇଛି।

ଟ୍ରମ୍ପ କହିଛନ୍ତି, ଅନ୍ତର୍ଜାତୀୟ ଜଳସୀମାରେ ଇରାନକୁ ଟୋଲ୍ ଦେଉଥିବା ପ୍ରତ୍ୟେକ ଜାହାଜକୁ ଖୋଜିବା ଏବଂ ବନ୍ଦ କରିବାକୁ ମୁଁ ନୌସେନାକୁ ନିର୍ଦ୍ଦେଶ ଦେଇଛି। ଯିଏ ବେଆଇନ ଟୋଲ୍ ଦେଇଛି ସେ ମଧ୍ୟ ସୁରକ୍ଷିତ ରାସ୍ତା ପାଇବ ନାହିଁ।

# ୱାଙ୍ଖେଡେରେ ବେଙ୍ଗାଲୁରୁର ରନ ପାହାଡ

ମୁମ୍ବାଇ, ୧୨।୪(ଏଜେନ୍ସି) : ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମରେ ଘରୋଇ ମୁମ୍ବାଇ -ଇଣ୍ଡିଆନ୍ସ ବିପକ୍ଷରେ ବେଙ୍ଗାଲୁରୁ ରନ ପାହାଡ କରିଛି । ପ୍ରଥମେ ବ୍ୟାଟିଂ କରି ଫିଲ ସଲ୍ଟ, ବିରାଟ କୋହଲି ଓ ରଜତ ପଟିଦାରଙ୍କ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ବେଙ୍ଗାଲୁରୁ ୨୦ ଓଭରରେ ୪ ୱିକେଟ୍ ହରାଇ ୨୪୦ ରନର ବିଶାଳ ସ୍କୋର କରିଥିଲା। ଜବାବ୍‌ରେ ମୁମ୍ବାଇ -ଇଣ୍ଡିଆନ୍ସ ୧୬ ଓଭରରେ ସୁଦ୍ଧା ୫ ୱିକେଟ ହରାଇ ୧୫୯ ରନ କରିଥିଲା। ମ୍ୟାଚ ଜିତିବା ପାଇଁ ମୁମ୍ବାଇକୁ ୨୩ ବଲରୁ ୮୨ ରନର ଆବଶ୍ୟକତା ଥିଲା

ୱାଙ୍ଖେଡେରେ ପ୍ରଥମେ ବ୍ୟାଟିଂ କରିଥିଲା ଆରସିବି। ଓପନର ଫିଲ ସଲ୍ଟ ଓ ବିରାଟ କୋହଲିଙ୍କ ମଧ୍ୟରେ ପ୍ରଥମ ୱିକେଟ ପାଇଁ ୧୨୦ ରନର ପାର୍ଟନରସିପ୍ ହୋଇଥିଲା। ସଲ୍ଟ ୩୬ ବଲର ସମ୍ମୁଖୀନ ହୋଇ ୬ ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୭୮ ରନ କରିଥିଲେ। ବିରାଟ କୋହଲିଙ୍କ ବ୍ୟାଟ ମଧ୍ୟ ଗର୍ଜିଥିଲା। ସେ ୩୮ ବଲରୁ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୫୦ ରନ କରିଥିଲେ। ରଜତ ପଟିଦାର ମଧ୍ୟ ୨୦ ବଲରୁ ଦ୍ରୁତ ୫୩ ରନ ସଂଗ୍ରହ କରିଥିଲେ। ତାଙ୍କର ଏହି ଇନିଂସରେ ୪ ଟି ଚୌକା ଓ ୫ ଟି ଛକା ରହିଛି। ଟିମ୍ ଡେଭିଡ୍ ୧୬ ବଲରୁ ଅପରାଜିତ ୩୪ ରନ, ଜିତେସ ଶର୍ମା ୯



ବଲରୁ ୧୦ ରନ କରିଥିଲେ। ତେଣୁ ଆରସିବି ୨୦ ଓଭରରେ ୨୪୦/୪ ରନ ସ୍କୋର କରିଥିଲା। ବୋଲିଂରେ ମୁମ୍ବାଇର ଟ୍ରେଣ୍ଟ ବୋଲ୍ଟ ହାର୍ଦ୍ଦିକ ପାଣ୍ଡ୍ୟା, ମିଚେଲ ସାଣ୍ଟନର ଏବଂ ସାର୍ଦ୍ଦୁଲ ଠାକୁର ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

୨୪୧ ରନର ବିଜୟ ଲକ୍ଷ୍ୟ ମୁମ୍ବାଇ - ଇଣ୍ଡିଆନ୍ସ ପାଇଁ ଅସମ୍ଭବ ମନେ ହେଉଥିଲା। ରୋହିତ ଶର୍ମା ଆହତ ହୋଇ ପାଭିଲିୟନ ଫେରିବା ପରେ ରନ ସଂଗ୍ରହରେ ଅଙ୍କୁଶ ଲାଗିଥିଲା। ରୋହିତ ୧୩ ବଲରୁ ୧୯ ରନ କରିଥିଲେ। ରିଆନ ରିକେଲଟନ୍ ୨୨ ବଲରୁ ୩ ଟି ଲେଖାଏଁ ଚୌକା ଓ ଛକା ମାରି ୩୭ ରନ କରିଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ୨୨ ବଲରୁ ୩୩ ରନ ଏବଂ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୩ ବଲରୁ ୪୦ ରନ ସଂଗ୍ରହ କରିଥିଲେ। ସେର୍ଫାନେ ରଦରଫୋର୍ଡ ଦୁଇଟ ଛକା ସହ ୨୧ ରନ କରିଥିଲେ। ଆଉ ୨୩ ବଲରୁ ଦଳ ୮୨ ରନ ସଂଗ୍ରହ କରିବାର ଥିଲା।

# ଘରୋଇ ଗ୍ରାଉଣ୍ଡରେ ଜିତିଲା ଗୁଜରାଟ

ଲକ୍ଷ୍ନୌ, ୧୨।୪(ଏଜେନ୍ସି) : ଆଇପିଏଲର ୧୯ତମ ମ୍ୟାଚରେ ଗୁଜରାଟ ଟାଇଟନସ ଧମାକାଦାର ବିଜୟ ହାସଲ କରିଛି। ଭାରତ ରତ୍ନ ଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ୨୦ ଓଭରରେ ୮ ୱିକେଟ ହରାଇ ୧୬୪ ରନ କରିଥିଲା। ଜବାବରେ ଗୁଜରାଟ ଟାଇଟନ୍ସ ୧୮.୪ ଓଭରରେ ୧୬୫/୩ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ୨୮ ରନ ଦେଇ ୪ ୱିକେଟ ଅକ୍ତିଆର କରିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଶୁଭମନ୍ ଗିଲ ଓ ଜୋସ୍ ବଟଲରଙ୍କ ଅର୍ଦ୍ଧଶତକ ବଳରେ ଗୁଜରାଟ ଦ୍ୱିତୀୟ ବିଜୟ ହାସଲ କରିଛି। ବଟଲର ତାଙ୍କ ଟି -୨୦ କ୍ୟାରିୟରରେ ୧୪ ହଜାର ରନ ଅତିକ୍ରମ କରିଛନ୍ତି। ସେ ବିଶ୍ୱ ସ୍ତରରେ ପଞ୍ଚମ ବ୍ୟାଟର ହୋଇଛନ୍ତି। ତାଙ୍କ ପୂର୍ବରୁ କ୍ରିସ ଗେଲ, କିରଣ ପୋଲାର୍ଡ, ଆଲେକ୍ସ ହେଲ୍ସ ଏବଂ ଡେଭିଡ୍ ୱାର୍ଣ୍ଣର ଅଛନ୍ତି। ବଟଲର ୬୦ ରନ କରି ଇତିହାସ ରଚିଛନ୍ତି। ଗିଲ ୫୬ ରନ କରିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ୪ ୱିକେଟ



ନେଇ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ବ୍ୟାଟିଂ ଲାଇନ ଅପ ଧ୍ୱଂସ କରିଥିଲେ।

ଟସ୍ ଜିତି ଗୁଜରାଟ ବୋଲିଂ ନିଷ୍ପତ୍ତି ନେଇଥିଲା। ତେଣୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ଲକ୍ଷ୍ନୌ । ଆଦିନ ମାର୍କ୍ରାମଙ୍କ ସହ ମିଚେଲ ମାର୍ସ ଇନିଂସ ଓପନ କରିଥିଲେ। ପ୍ରଥମ ୱିକେଟ ମାତ୍ର ୧୪ ରନର ପାର୍ଟନରସିପ ହୋଇଥିଲା। ମାର୍କ୍ରାମ୍ ୨୧ ବଲରୁ ୩୦ ରନ କରି ପାଭିଲିୟନ ଫେରିଥିଲେ। ମିଚେଲ ମାର୍ସ ୧୧, ଅଧିନାୟକ ରିଷଭ ପନ୍ତ ୧୮, ଆୟୁଷ ବଦୋନି ୯, ନିକୋଲାସ ପୁରନ ୧୯, ଅବଦୁଲ ସମଦ ୧୮, ମୁକୁଲ ଚୌଧୁରୀ ୧୮, ଜର୍ଜ ଲିଣ୍ଡେ ୧୬ ଏବଂ ମହମ୍ମଦ ସାମି ଅପରାଜିତ ୧୨ ରନ କରିଥିଲେ। ତେଣୁ ଲକ୍ଷ୍ନୌ ୨୦ ଓଭରରେ ୮ ୱିକେଟ ହରାଇ ୧୬୪ ରନ କରିଥିଲା। ବୋଲିଂରେ ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣାଙ୍କ ୪ ଟି, ଅଶୋକ ଶର୍ମା ୨ ଟି , କାଗିସୋ ରବାଡା ଓ ମହମ୍ମଦ ସିରାଜ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲା।

୧୬୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା ଗୁଜରାଟ ଟାଇଟନ୍ସ। ଓପନର ସାଇ ସୁଦର୍ଶନ ୧୫ ରନ କରି ପାଭିଲିୟନ ଫେରିଥିଲେ। କିନ୍ତୁ ଅଧିନାୟକ ଶୁଭମନ୍ ଗିଲ, ଜୋସ୍ ବଟଲର ଅର୍ଦ୍ଧଶତକୀୟ ଇନିଂସ ଖେଳି ଲକ୍ଷ୍ନୌ ହାତରୁ ମ୍ୟାଚ ଛଡାଇ ଆଣିଥିଲେ। ଗିଲ ୪୦ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୫୬ ରନ କରିଥିଲେ। ଜୋସ୍ ବଟଲର ୩୭ ବଲରୁ ୬୦ ରନ କରିଥିଲେ। ଏଥିରେ ୧୧ ଟି ଚୌକା ରହିଛି। ସ୍ପିନର ୱାଶିଂଟନ ସୁନ୍ଦର ୧୩ ବଲରୁ ୨୧ ଓ ରାହୁଲ ତେୱାତିଆ ୧୦ ରନ କରି ମ୍ୟାଚ ଫିନିସ୍ କରିଥିଲେ। ଗୁଜରାଟ ୮ ଟି ବଲ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା। ଚଳିତ ଆଇପିଏଲରେ ଲକ୍ଷ୍ନୌ ୪ ମ୍ୟାଚରୁ ୪ ପଏଣ୍ଟ ସହ ଷଷ୍ଠ ଏବଂ ଗୁଜରାଟ ଟାଇଟନ୍ସ ୪ ମ୍ୟାଚରୁ ୪ ପଏଣ୍ଟ ସହ ପଞ୍ଚମ ସ୍ଥାନକୁ ଉଠିଛି।

## ଆଜିର ମ୍ୟାଚ

* ହାଇଦ୍ରାବାଦ - ରାଜସ୍ଥାନ
* ସ୍ଥାନ - ହାଇଦ୍ରାବାଦ
* ସମୟ - ରାତି ୭.୩୦
* ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

# ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ୟୁଥ କ୍ରିକେଟ କ୍ଲବ ଚାମ୍ପିଅନ

କେନ୍ଦୁଝର(ସବ୍ୟୁ) :କେନ୍ଦୁଝର ଷ୍ଟାଡିଅମ ଠାରେ ଆୟୋଜିତ ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଉରକେଲାୟୁଥ କ୍ରିକେଟ କ୍ଲବ ରାଇଜିଂ ସଫ୍ଟୱେଣ୍ଟସ କଟକକୁ ୩୪ ରନରେ ପରାସ୍ତ କରି ବିଜୟୀ ହୋଇଛି । ଏହି ଫାଇନାଲ ମ୍ୟାଚ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଏବଂ ରନର୍ସ ଅପ ବିଜେତା ଦଳକୁ ପୁରସ୍କୃତ କରିଥିଲେ ।ଆମ ଦେଶରେ ପ୍ରତିଭାର କୌଣସି ଅଭାବ ନାହିଁ । କିନ୍ତୁ ଦେଶର ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଏଥିପାଇଁ ପ୍ରତି ପଂଚାୟତ ଏବଂ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରି ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ମାଧ୍ୟମରେ ସରକାର ପ୍ରତିଭା ଚିହ୍ନଟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ।ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ । ଓଡ଼ିଶା ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି । ପ୍ରତ୍ୟେକ ସଫଳତା ସହ ଓଡ଼ିଶା ନିଜକୁ କ୍ରୀଡ଼ା ଜଗତର ଏକ ଉଦୀୟମାନ ଶକ୍ତି ଭାବେ ପ୍ରମାଣିତ କରୁଛି ।ଆସନ୍ତା ୨୦୨୮ ମସିହାରେ ହେବାକୁ ଥିବା ୱାର୍ଲଡ ଆଥଲେଟିକ୍ସ ଇନୋର ଚାମ୍ପିୟନସିପ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ହିଁ ଖେଳହେବ । ଓଡିଶା ଏହାର ଆୟୋଜନ କରିବ । ଯାହା ଆମ ପାଇଁ



ଗେରବର କଥା । ଏଥିରେ ବ୍ଲକଠାରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଫୁଟବଲ, ଆଥଲେଟିକ୍ସ, ହକି ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଲକ୍ଷାଧିକ ଆଥଲେଟ ଅଂଶଗ୍ରହଣ କରିବେ । ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ଉଦୀୟମାନ ଖେଳାଳି ଛୋଟ ଛୋଟ ସହରରୁ ଆସି ନିଜକୁ ପ୍ରତିଷ୍ଠିତ କରି ପାରୁଛନ୍ତି । ଧୋନୀ, ଜାଡେଜା, ରିଙ୍କୁ ସିଂ, ସୁରେଶ ରାଇନା, ଶୁଭମନ ଗିଲ, ଯଶସୀ ଜୟସ୍ୱାଲ ଇତ୍ୟାଦି ଦେଖାଇଛନ୍ତି ଯେ ଯଦି ପ୍ରତିଭା ଅଛି ତେବେ ସଫଳତା ଦୂର ନୁହେଁ । କେବଳ, କ୍ରିକେଟ ନୁହେଁ, ଅନ୍ୟ ଖେଳରେ ମଧ୍ୟ ଆମ ଖେଳାଳି ପରି ନିଜ ପାଇଁ ନିଜ ଦେଶ ଭାରତ ପାଇଁ ଗୌରବ ଆଣିଛନ୍ତି । ଏହି ସବୁ ପ୍ରତିଭାବାନ ଖେଳାଳିଙ୍କୁ ଆବଶ୍ୟକ ଭିତ୍ତିଭୂମି, କିଟ୍ସ, ଖେଳ ପଡିଆ ପ୍ରଦାନ କରିବା ହେଉଛି ସରକାରଙ୍କ କାମ । କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧକ୍ଷ, ଡାକ୍ତର ଫକୀର ନାଏକ, ଚମ୍ପୁଆ ବିଧାୟକ ୍ରୀ ସନାତନ ମହାକୁଡ଼, ଜିଲ୍ଲାପାଳ ବିଶାଳ ସିଂହ, ସଓ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧକ୍ଷା ଶ୍ରୀମତୀ ମମିତା ନାଏକ, କେନ୍ଦୁଝରଗଡ଼ ପୌରପରିଷଦର ଅଧକ୍ଷା ଶ୍ରୀମତୀ ନିକୁ ସାହୁ, ସମାଜସେବୀ ଶୁକଦେବ ମହାନ୍ତ ଏବଂ ଫେମସ କ୍ଲବର ସଭାପତି ବିଶ୍ୱଜିତ ତ୍ରିପାଠୀ ଉପସ୍ଥିତ ଥିଲେ ।

# ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

# ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିଅନ

ଭୁବନେଶ୍ୱର, ୧୨।୪(ସବ୍ୟୁ) : ଜୟଦେବ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାରେ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିଅନ ହୋଇଛି । ରବିବାର ରେଡ ଷ୍ଟାର ଏବଂ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏହି ମ୍ୟାଚରେ ରେଡ୍ ଷ୍ଟାର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ରେଡ ଷ୍ଟାର ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୧୬୮ ରନ କରିଥିଲା। ପ୍ରତୀକ ନାୟକ ୯୨ ବଲରୁ ୮୭ ରନ ଏବଂ ଶ୍ରେୟାଂଶ ବିଧାର ୩୫ ରନ କରିଥିଲେ। ପାରାମାଉଣ୍ଟର ଶୁଭମ୍ ପରିଡାଙ୍କୁ ସର୍ବାଧିକ ୫ ୱିକେଟ୍ ସଫଳତା ମିଳିଥିଲା। ଜବାବ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂ ୨୯.୨ ଓଭରରେ ୬ ୱିକେଟ ହରାଇ ୧୭୧ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଦଳ ପକ୍ଷରୁ କ୍ରୀଷ୍ଣା ସାମଲ ୬୬ ବଲରୁ ୫୨ ରନ, ସ୍ୱାଗତ ମିଶ୍ର ୩୨ ବଲରୁ ୩୭ ରନ କରିଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ୪ ୱିକେଟରେ ବିଜୟ ଲାଭ କରି ଚାମ୍ପିଅନ ଟ୍ରଫି ହାସଲ କରିଛି । ଶୁଭମ୍ ପରିଡାଙ୍କୁ




ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି, ତୌଫିକ ଅହମ୍ମଦ ସେଖଙ୍କୁ ଶ୍ରେଷ୍ଠ ଫିଲ୍ଡର, ସମରଜିତ ସାହୁଙ୍କୁ ଶ୍ରେଷ୍ଠ ୱିକେଟ କିପର, ଶୁଭମ୍ ପରିଡା ଶ୍ରେଷ୍ଠ ବୋଲର, ସ୍ୱାଗତ ମିଶ୍ର ଶ୍ରେଷ୍ଠ ବ୍ୟାଟର ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ସ୍ୱାଗତ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ଆରଏସଏସ୍ ପୂର୍ବାଞ୍ଚଳ ଜୋନ୍ ମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଫେସର ଗୋପାଳ ପ୍ରସାଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ତପନ କୁମାର ପାଢୀ, ହାଇଟେକ୍ ମେଡିକାଲ କଲେଜର କ୍ରୀଡା ଅଧିକାରୀ ସୁରେଶ ନାୟକ, ଏସଜେଏସ୍‌ଏର ଉପସଭାପତି ବଲ୍ଲଭଚରଣ ସାହୁ, ଯୁଗ୍ମ ସମ୍ପାଦକ ଦିପ୍ତୀରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

# ସାଉଥ ଏସିଆନ ଜୁଜିଟସୁ ପ୍ରତିଯୋଗିତା

ଭୁବନେଶ୍ୱର, ୧୨।୪(ସବ୍ୟୁ) : ଶ୍ରୀଲଙ୍କାର ଦିଗାନାଠାରେ ଶେଷ ହୋଇଥିବା ସାଉଥ ଏସିଆନ ଜୁଜିଟସୁ ପ୍ରତିଯୋଗିତାରେ ଓଡିଶା ସଂଘ ତରଫରୁ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୪ ଜଣ ଖେଳାଳିଙ୍କୁ ମଧ୍ୟରୁ ଅନୁପମା ସ୍ୱାଇଁ ୫୨ କିଲୋ ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଅମରେଶ୍ୱର ସ୍ୱାଇଁ ପୁରୁଷ ବରିଷ୍ଠ ୫୬ କିଲୋ ଫାଇଟିଂ ସିଷ୍ଟମ ବିଭାଗରେ ଏବଂ ସ୍ୱରାଜ ଜାନି ୬୯ କିଲୋ ଫାଇଟିଂ ସିଷ୍ଟମ ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ଶେଷ ଦିନ ଓଡିଶା ଖେଳାଳି ଗୋଟିଏ



## ତୃତୀୟ ଦିନ ଅନୁପମାଙ୍କୁ ସ୍ୱର୍ଣ୍ଣ

ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ଜିତିଥିଲେ। ବିଗତ ଦୁଇଦିନର ସଫଳତାକୁ ମିଶାଇ ମୋଟି ୪ ଟି ସ୍ୱର୍ଣ୍ଣ ଓ ୩ ଟି ରୌପ୍ୟ ସହ ମୋଟି ୭ ପଦକ ହାସଲ କରିଛନ୍ତି । କୃତି ପ୍ରତିଯୋଗିଙ୍କୁ ଓଡିଶା ରାଜ୍ୟ ଜୁଜିଟସୁ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତା ତଥା ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଏସିଆନ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

# ଆୟୁଷ ରନର୍ସଅପ

ନୂଆଦିଲ୍ଲୀ, ୧୨।୪ (ଏଜେନ୍ସି) : ବ୍ୟାଡମିଣ୍ଟନ ଏସିଆନ ଚାମ୍ପିଅନସିପ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିଲେ ଭାରତର ଆୟୁଷ ସେଟ୍ଟୀ। କିନ୍ତୁ ସେ ଫାଇନାଲରେ ହାରିଯାଇଛନ୍ତି। ତେଣୁ ତାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଛି। ସେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିବେ ବୋଲି ଆଶା କରାଯାଉଥିଲା। ଫାଇନାଲରେ ଚୀନର ସିୟୁଙ୍କ ନିକଟରୁ ୮-୨୧ ଓ ୧୦-୨୧ ଗେମରେ ହାରିଯାଇଥିଲେ। ଅଭିଜ୍ଞତାର ଅଭାବ ଆୟୁଷଙ୍କୁ ପଛକୁ ଠେଲିଦେଇଥିଲା। ଏଚଏସ୍ ପ୍ରଣୟଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଏସିୟ ଚାମ୍ପିଅନସିପରେ କୋଡିଏମ୍ ଫିନିସ କରିଛନ୍ତି। ସେମିରେ ସେ ଥାଇଲାଣ୍ଡର କୁନାଲ ବୁତଙ୍କୁ ପରାଜିତ କରିଥିଲେ। ୧୯୬୫ରେ ଦିନେଶ ଖାନା ଏହି ଚାମ୍ପିଅନସିପରେ ପ୍ରଥମ ଭାରତୀୟ ଭାବେ ପୁରୁଷ ସିଙ୍ଗଲ୍ସରେ ଟାଇଟଲ ହାସଲ କରିଥିଲେ।

## ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍

# କୌସ୍ତୁଭ ବିଜେତା

ଭୁବନେଶ୍ୱର, ୧୨।୪ (ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୌସ୍ତୁଭ ଦାସ ଚାମ୍ପିଅନ ହୋଇଛନ୍ତି। ରାଜେଶ ନାୟକ ଦ୍ୱିତୀୟ ସ୍ଥାନ, ରାଜେନ୍ଦ୍ର କୁମାର ସାହୁ ତୃତୀୟ, ଓମ୍ ଆଦିତ୍ୟ ଖଡଙ୍ଗା ଚତୁର୍ଥ, ତନ୍ମୟ ତ୍ରିପାଠୀ ପଞ୍ଚମ, ସ୍ୱପ୍ନନୀଳ ପ୍ରିୟଦର୍ଶୀ ଷଷ୍ଠ, ଲଭ୍ୟଜ୍ୟୋତି ରାଉତରାୟ ସପ୍ତମ ଏବଂ ସ୍ମିତ ପ୍ରଜ୍ଞ ସାହୁ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ବିଭିନ୍ନ ବୟସ ବର୍ଗରେ ୬ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ମହିଳା ଖେଳାଳି ଭାବେ ରଞ୍ଜିତା ଭଟ୍ଟାଚାର୍ଯ୍ୟ ଏବଂ ଶ୍ରେଷ୍ଠ ଭେଟରାନ ଭାବେ ନଟବର ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅରାତି ୬୪ ସ୍କୋୟାର ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ଦାସ, ଅଲ ଓଡିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ, ଓଡିଶା ରାଜ୍ୟ ଚେସ୍ ସଂଘ ଉପଦେଷ୍ଟା ଅସିତ ମୁଖାର୍ଜୀ, ଓଡିଶା ରାଜ୍ୟ




ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ରହି କୃତିପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଭୁବନେଶ୍ୱର, ୧୨।୪(ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ଶିକ୍ଷା ବିଭାଗରେ ଷଷ୍ଠ ଶ୍ରେଣୀରୁ ହ୍ୟାଣ୍ଡବଲ୍ ଖେଳକୁ ବିକଳ୍ପ ବିଷୟ ଭାବେ ଅନ୍ତର୍ଭୁକ୍ତ କରାଯାଇଅଛି। ସରକାର ଙ୍କ ଏହି ନିଷ୍ପତ୍ତି ଓଡିଶାରେ ହ୍ୟାଣ୍ଡବଲ୍ ଖେଳର ଭବିଷ୍ୟତ ପାଇଁ ସୁଯୋଗ ସୃଷ୍ଟି କରିପାରିବ।

ହ୍ୟାଣ୍ଡବଲ୍ ଖେଳର ବିକାଶ ପାଇଁ ରାଜ୍ୟ ସରକାର ଙ୍କ ଏହି ଐତିହାସିକ ନିଷ୍ପତ୍ତିକୁ ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ପକ୍ଷରୁ ସ୍ୱାଗତ କରିବା ସହ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ସଭାପତି ବିପ୍ଳବ ଚୌଧୁରୀ, ସାଧାରଣ ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ସିତେନ୍ଦ୍ର କୁମାର ଦାସ,ଉପ ସଭାପତି ରିତିକ୍ ଅଧିକାରୀ, କ୍ରୀଡ଼ା ସଂଗଠକ ପ୍ରଣୟ କୁମାର ପାଣି, ରବିନ୍ଦ୍ର



କୁମାର ବାରିକ, ରାଜାରାମ ପଣ୍ଡା, ଅଙ୍କୁର ପଟ୍ଟନାୟକ, ଗୌରୀ ଶଙ୍କର ଜେନା ପ୍ରମୁଖ କୃତଜ୍ଞତା ଜ୍ଞାପନ ପୂର୍ବକ କେନ୍ଦୁଝର ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ହ୍ୟାଣ୍ଡବଲ୍ ଖେଳ ଓ ଖେଳାଳିଙ୍କ ବିକାଶ ପାଇଁ ଆସୋସିଏସନ୍ ର କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କେନ୍ଦୁଝର ମାଟିର ପୁଅ ତଥା ଆନ୍ତର୍ଜାତିକ ହ୍ୟାଣ୍ଡବଲ୍ ଖେଳାଳି ରାଜାରାମ ପଣ୍ଡା ଓ କୋଚ୍ ପ୍ରଣୟ କୁମାର ପାଣି ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଆନ୍ତର୍ଜାତୀୟ ହ୍ୟାଣ୍ଡବଲ୍ ଖେଳାଳି ରାଜାରାମ ପଣ୍ଡା ଉଜବେକିସ୍ଥାନ ର ତାସକେଣ୍ଡ ଠାରେ ଆୟୋଜିତ କେନ୍ଦ୍ରୀୟ ଏସିଆନ୍ ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍ ରେ ବ୍ରୋଞ୍ଜ ମେଡାଲ ହାସଲ କରିଥିବା ଭାରତୀୟ ଦଳରେ ସ୍ଥାନ ପାଇ ୫ ଟି ମ୍ୟାଚ୍ ଖେଳି ୨୯ ଗୋଲ୍ ଦେଇ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇଥିବା ବେଳେ ଭାରତୀୟ ଦଳର ଅଫିସିଆଲ୍ ଭାବରେ ପ୍ରଣୟ କୁମାର ପାଣି ସଫଳତାର ସହ କାର୍ଯ୍ୟ କରିଥିଲେ।।

ସମୟ | ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod | IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି